ବର୍ଷ-୨୪, ସଂଖ୍ୟା-୨୩୨
ଭୁବନେଶ୍ୱର
୨୨ ସେପ୍ଟେମ୍ବର, ୨୦୨୪ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 232
Bhubaneswar
22 September, 2024, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଗିରଫଁର ୪ ଘଣ୍ଟାରେ ରୋଡ ରୋମିଓଙ୍କୁ ଜାମିନ

**ଭୁବନେଶ୍ୱର,୨୧।୯(ମହାଭାରତ):** ଭରତପୁର ଥାନାରେ ଆର୍ମି ମେଜରଙ୍କ ବାନ୍ଧବୀ ଅଙ୍କିତାଙ୍କୁ ନିର୍ଯାତନା ଦିଆଯାଇଥିବା ଘଟଣା ସାରା ଦେଶରେ ଚର୍ଚ୍ଚା ସୃଷ୍ଟି ହୋଇଥିବା ବେଳେ ଆଜି ଏହି ଘଟଣା ଅଭିଯୋଗରେ ନିଲମ୍ବିତ ହୋଇଥିବା ୫ଜଣ ପୋଲିସ ଅଧିକାରୀଙ୍କ ପରିବାର ଏବଂ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ସଂଘ ପକ୍ଷରୁ ଏହି ଘଟଣାର ତୀବ୍ର ନିନ୍ଦା କରାଯିବା ସହିତ ସେମାନେ ପୃଥକ ପୃଥକ ଭାବେ ପୋଲିସ କମିଶନରଙ୍କୁ ଭେଟି ଦାବି ଉପସ୍ଥାପନ କରିଛନ୍ତି।






ଏହାମଧ୍ୟରେ ଗିରଫ ହୋଇଥିବା ୭ଜଣ ରୋଡ ରୋମିଓଙ୍କ ସହିତ ମେଜର ଓ ତାଙ୍କ ବାନ୍ଧବୀଙ୍କ ଗଣ୍ଡଗୋଳ ସଂକ୍ରାନ୍ତରେ ଭିଡ଼ିଓ ଭାଇରାଲ ହେବାରେ ଲାଗିଛି। ସେହିପରି ମେଜର ଓ ତାଙ୍କ ବାନ୍ଧବୀ ଥାନକୁ ଯାଇ ଥାନାରେ କିଭଳି ଆଚରଣ କରିଛନ୍ତି ଓ ଥାନାର କମ୍ପ୍ୟୁଟର ସମେତ ଅନ୍ୟାନ୍ୟ ଜିନିଷପତ୍ର ଭଙ୍ଗାରୁଜା କରିଛନ୍ତି ତାହାର ମଧ୍ୟ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏ ଦୁଇଟି ଭିଡିଓରୁ ଯାହା ସ୍ପଷ୍ଟ ଜଣାପଡୁଛି ରୋଡ ରୋମିଓ କୁହାଯାଉଥିବା ୭ଜଣ ଯୁବକ ମଦ୍ୟପାନ କରିଥିଲେ ମଧ୍ୟ ସେମାନେ ତାଙ୍କ ନିୟନ୍ତ୍ରଣରେ ଥିବାବେଳେ ମେଜରଙ୍କ ଅପେକ୍ଷା ତାଙ୍କର ବାନ୍ଧବୀ ମଦ୍ୟପାନ କରି ଅଧିକ ନିୟନ୍ତ୍ରଣ ହରାଇ ଗଣ୍ଡଗୋଳ କରିଥିଲେ। ସେଭଳି ମହିଳାଙ୍କୁ ପୋଲିସ ଗିରଫ କରିବା ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଛାଡିଦେଇଥିଲା। ଜାମିନ ଦେବା ଘଟଣାରୁ ନାନା ସନ୍ଦେହ ଉଙ୍କି ମାରୁଛି।

ଅଭିଯୁକ୍ତ ପୋଲିସ ଅଫିସରଙ୍କୁ ତୁରନ୍ତ ଗିରଫ କରିବା ପାଇଁ ମେଜରଙ୍କ ସପକ୍ଷରେ ଆନ୍ଦୋଳନ କରୁଥିବା କିଛି ଲୋକ ଯୁକ୍ତି ବାଢୁଥିବା ବେଳେ ତଦନ୍ତର ଫଳାଫଳ ନମିଳିବା ପର୍ଯ୍ୟନ୍ତ ନିଲମ୍ବିତ ହୋଇଥିବା କର୍ମଚାରୀ ମାନଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବା ପାଇଁ ବିଭିନ୍ନ ଗୋଷ୍ଠୀ, ସଂଗଠନ ଓ ସେମାନଙ୍କ ପରିବାର ପକ୍ଷରୁ ଦାବି ଉଠିଲାଣି।

ଆଜି ଏହି ଘଟଣାରେ ନିଲମ୍ବିତ ଥାନା ଅଧିକାରୀ ଦୀନକୃଷ୍ଣ ମିଶ୍ରଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀଙ୍କୁ ବି ଜେରା କରିଛି କ୍ରାଇମବ୍ରାଞ୍ଚ। ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ।

ମେଜରଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣା ଗଣମାଧ୍ୟମରେ ଖବର ପ୍ରକାଶିତ ହେବାପରେ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ନିଜ ଆଡୁ ମାମଲା ରୁଜୁ କରିଥିଲେ। ଏଥିସହ ମାମଲାର ଅଗ୍ରଗତି ନେଇ କ୍ରାଇମବ୍ରାଞ୍ଚକୁ ରିପୋର୍ଟ ମାଗିଥିଲେ। ଏହି ମାମଲାରେ ହୋଇଥିବା ତଦନ୍ତ ରିପୋର୍ଟ ଆଜି ଜାତୀୟ ମହିଳା କମିଶନଙ୍କୁ ହସ୍ତାନ୍ତର କରିଛି କ୍ରାଇମବ୍ରାଞ୍ଚ। ତେବେ ରିପୋର୍ଟରେ କ'ଣ ଉଲ୍ଲେଖ ଅଛି ତାହା ସ୍ପଷ୍ଟ ଭାବେ ଜଣାପଡ଼ିନି। ଏହି ଘଟଣାରେ ଏନ୍‌ସିଡବ୍ଲ୍ୟୁଙ୍କ ଏଭଳି ତତ୍ପରତା ଓ ଭାରତୀୟ ସେନା ପକ୍ଷରୁ ତୀବ୍ର ଆପତ୍ତି ଉଠାଯିବା ପରେ ଭରତପୁର ଥାନା ଆଇଆଇସିଙ୍କ ସମେତ ମୋଟ ୫ଜଣ ପୁଲିସ କର୍ମଚାରୀଙ୍କୁ ରାଜ୍ୟ ପୋଲିସ ଡିଜି ତତ୍କାଳ ପ୍ରଭାବରୁ ନିଲମ୍ବନ କରିଥିଲେ।

# ୨୩ରୁ ୨୫ ପ୍ରବଳ ବର୍ଷା !

**ଭୁବନେଶ୍ୱର,୨୧।୯(ମହାଭାରତ):** ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଆସୁଛି ଆଉ ଏକ ଲଘୁଚାପ। ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଓ ତା' ଆଖପାଖ ଅଞ୍ଚଳରେ ଆଜି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଯାହା ଆସନ୍ତା ୨୩ ତାରିଖ ସୁଦ୍ଧା ଲଘୁଚାପର ରୂପ ନେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟରେ ବଢିବ ବର୍ଷାର ପରିମାଣ। ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍? ଅନୁସାରେ ୨୩ ତାରିଖରେ କେତେକ ସ୍ଥାନରେ ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲା ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏହାଛଡ଼ା ବଜ୍ରପାତ ସହ ଘଡ଼ଘଡ଼ି ହେବ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୪ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲା ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏହାଛଡ଼ା ବଜ୍ରପାତ ସହ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୫ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷ ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲା ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏହାଛଡ଼ା ବଜ୍ରପାତ ସହ ଘଡ଼ଘଡ଼ି ହେବାରର ସମ୍ଭାବନା ରହିଛି।

# ଆମେରିକା ଗସ୍ତରେ ମୋଦି

**ନୂଆଦିଲ୍ଲୀ, ୨୧।୯ :** ଆମେରିକା ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ ଆଜି ସକାଳୁ ତିନି ଦିନିଆ ଆମେରିକା ଗସ୍ତରେ ଯାଇଛନ୍ତି। ସେ ଏହି ଗସ୍ତ ବେଳେ କ୍ୱାଡ୍ ଶିଖର ସମ୍ମିଳନୀରେ ଯୋଗ ଦେବେ। ଏଥିସହ ବିଭିନ୍ନ ଦେଶର ନେତାଙ୍କ ଦ୍ୱିପାକ୍ଷିକ ଆଲୋଚନା କରିବେ ମୋଦି। ମୋଦି ନିଜ ଗସ୍ତ ସମୟରେ ନ୍ୟୁୟର୍କରେ ଥିବା ମିଳିତ ଜାତିସଂଘର ସାଧାରଣ ମହାସଭାକୁ ମଧ୍ୟ ସମ୍ବୋଧିତ କରିବେ। ତେବେ ଏହି ଗସ୍ତ ପୂର୍ବରୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଆୟୋଜନ କରୁଥିବା କ୍ୱାଡ୍ ସମ୍ମିଳନୀରେ ଭାଗ ନେବାକୁ ଯାଉଥିବା ନେଇ ମୋଦି କହିଛନ୍ତି। ଏଥିସହ ରାଷ୍ଟ୍ରପତି ବାଇଡେନ୍, ପ୍ରଧାନମନ୍ତ୍ରୀ ଅଲ୍ବାନିଜ ଓ ପ୍ରଧାନମନ୍ତ୍ରୀ କିଶିଦାଙ୍କୁ ସହ ଏହି ସମ୍ମିଳନୀରେ ଭେଟ୍‌ଘେଟ ହେବାକୁ ନେଇ ସେ ବେଶ୍ ଉତ୍ସାହିତ ଥିବା କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହା ହେଉଛି ଆମେରିକାକୁ ୯ମ ଗସ୍ତ। ସେ ସେପ୍ଟେମ୍ବର ୨୩ ଯାଏଁ ଅମେରିକାରେ ରହିଛି। ଏହି ସମୟରେ ମୋଦି କ୍ୱାଡ୍ ନେତାଙ୍କ ସହ ଶିଖର ସମ୍ମିଳନୀରେ ଯୋଗ ଦେବେ। ଡେଲାୱେୟର ୱିଲମିଙ୍ଗଟନ୍‌ରେ ଏହି ସମ୍ମିଳନୀ ଆୟୋଜିତ ହେବ।



# ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଆତିଶୀ

**ନୂଆଦିଲ୍ଲୀ,୨୧।୯ :** ଆତିଶୀ ହେଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ। ଆଜି ସେ ଦିଲ୍ଲୀର ଅଷ୍ଟମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ତାଙ୍କ ସହ କ୍ୟାବିନେଟର ଅନ୍ୟ ପାଞ୍ଚ ଜଣ ମନ୍ତ୍ରୀ ମଧ୍ୟ ଶପଥ ନେଇଛନ୍ତି। ଉପରାଜ୍ୟପାଳ ବିନୟ କୁମାର ସକ୍ସେନା ମୁଖ୍ୟମନ୍ତ୍ରୀଙ୍କ ସମେତ କ୍ୟାବିନେଟ ମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ତେବେ ଆତିଶୀଙ୍କ ସହ କ୍ୟାବିନେଟର ପାଞ୍ଚ ମନ୍ତ୍ରୀ ଗୋପାଳ ରାୟ, କୈଳାଶ ଗେହଲଟ, ସୌରଭ ଭରଦ୍ୱାଜ, ଇମ୍ରାନ ହୁସେନ ଏବଂ ମୁକେଶ ଅହଲୱାତ ଶପଥ ନେଇଛନ୍ତି। ସୁଲତାନ ପୁର ମଜ୍ରାର ବିଧାୟକ ମୁକେଶ ଅହଲୱାତ କ୍ୟାବିନେଟର ନୂଆ ମନ୍ତ୍ରୀ ହୋଇ ଥିବାବେଳେ ଅନ୍ୟ ଚାରି ଜଣ ପୂର୍ବ ମନ୍ତ୍ରୀମଣ୍ଡଳରେ ଥିଲେ। ତେବେ ଦିଲ୍ଲୀ ସରକାରଙ୍କ କ୍ୟାବିନେଟରେ ୭ ଜଣ ସଦସ୍ୟ ଥିବାବେଳେ ବର୍ତ୍ତମାନ ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ୬ ଜଣ ସଦସ୍ୟ ଅଛନ୍ତି। କ୍ୟାବିନେଟରେ ସପ୍ତମ ସଦସ୍ୟ କିଏ ହେବେ, ସେନେଇ ଏପର୍ଯ୍ୟନ୍ତ କୌଣସି ଘୋଷଣା କରାଯାଇ ନାହିଁ। ସେହିପରି ପୂର୍ବ କ୍ୟାବିନେଟ ମନ୍ତ୍ରୀଙ୍କ ପଦ ବଜାୟ ରହିବ କି ନାହିଁ, ସେନେଇ ମଧ୍ୟ ସ୍ପଷ୍ଟ ହୋଇନାହିଁ। ପ୍ରକାଶ ଥାଉକି, ଦିଲ୍ଲୀ ଅବକାରୀ ନୀତି ଘୋଟାଲା ମାମଲାରେ ଗିରଫ ହୋଇଥିଲେ କେଜ୍ରିୱାଲ। ସେ ୬ ମାସ ଜେଲରେ ରହିବା ପରେ ସେପ୍ଟେମ୍ବର ୧୪ରେ ସୁପ୍ରିମକୋର୍ଟରୁ ଜାମିନ ପାଇଥିଲେ। ଏହା ପରଦିନ କେଜ୍ରିୱାଲ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ନେଇ ଘୋଷଣା କରିଥିଲେ। ଏହି ଘୋଷଣାର ଦୁଇ ଦିନ ପରେ କେଜ୍ରିୱାଲ ନିଜ ପଦରୁ ଇସ୍ତଫା ଦେଇଥିଲେ ଏବଂ ବିଧାୟକ ଦଳ ବୈଠକରେ ଆତିଶୀଙ୍କୁ ନୂଆ ମୁଖ୍ୟମନ୍ତ୍ରୀ ଭାବେ ଚୟନ କରାଯାଇଥିଲା। ଏହାପରେ ଆତିଶୀ ଉପରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ନେଇ ଦାବି ଉପସ୍ଥାପନ କରିଥିଲେ। ଉପରାଜ୍ୟପାଳଙ୍କ ଅନୁମୋଦନ କ୍ରମେ ଆତିଶୀ ଆଜି ବିଧିବଦ୍ଧ ଭାବେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ୪୩ ବର୍ଷୀୟ ଆତିଶୀ ସୁଷମା ସ୍ୱରାଜ ଓ ଶୀଲା ଦିକ୍ଷୀତଙ୍କ ପରେ ଦିଲ୍ଲୀର ତୃତୀୟ ମହିଳା ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଦକ୍ଷିଣ ଦିଲ୍ଲୀର କାଲକାଜିରୁ ବିଧାୟକ ହୋଇଥିବା ଆତିଶୀ ଆପ୍?ର ଜଣେ ବରିଷ୍ଠ ନେତ୍ରୀ। ତାଙ୍କ ରାଜନୈତିକ ଯାତ୍ରା କୌଣସି ଚମତ୍କାରଠାରୁ କମ ନୁହେଁ। ଏକଦା ସେ ଦିଲ୍ଲୀର ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ଶିକ୍ଷା ବିଭାଗରେ ପରାମର୍ଶଦାତା ଭାବେ କାମ କରୁଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ବିଜୟ କୁମାର ସିଂହ ଓ ତ୍ରିପତା ୱାହି ହେଉଛନ୍ତି ଆତିଶୀଙ୍କ ବାପା ଓ ମାଆ। ଆତିଶୀ ପ୍ରଥମେ ଦିଲ୍ଲୀର ସ୍ପ୍ରିଙ୍ଗଡେଲ ସ୍କୁଲରେ ଶିକ୍ଷା ଲାଭ କରିଥିଲେ। ଏହାପରେ ସେ ସେଣ୍ଟ ଷ୍ଟିଫେନ୍ସ କଲେଜରୁ ଇତିହାସରେ ଡିଗ୍ରୀ ହାସଲ କରିଥିଲେ। ଏହା ବ୍ୟତୀତ ଅକ୍ସଫୋର୍ଡ ୟୁନିଭର୍ସିଟିରୁ ମଧ୍ୟ ଡିଗ୍ରୀ ହାସଲ କରିଛନ୍ତି ଆତିଶୀ।



# ପୋଲିସ ଉପରକୁ ଅଣ୍ଡା ଓ ଟମାଟୋ ମାଡ଼

**ଭୁବନେଶ୍ୱର,୨୧।୯(ମହାଭାରତ):** ଭରତ ପୁର ଥାନାରେ ଜଣେ ମେଜର ଓ ତାଙ୍କ ବାନ୍ଧବୀ ଅଙ୍କିତାଙ୍କ ଉପରେ ହୋଇଥିବା ଅତ୍ୟାଚାର ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି କଂଗ୍ରେସ ଭବନରୁ ଯୁବ କଂଗ୍ରେସ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଗଲାବେଳେ ବାଟରେ ତାଙ୍କୁ ପୋଲିସ ଅଟକାଇଥିଲା। କିଛି ଯୁବ କଂଗ୍ରେସ କର୍ମୀ ପୋଲିସର ବାରିକେଡ ଭାଙ୍ଗି ପଶିବାକୁ ଉଦ୍ୟମ କଲାବେଳେ ପୋଲିସ ସେମାନଙ୍କୁ ଜବରଦସ୍ତ ଅଟକାଇଥିଲା। ଯାହା ଫଳରେ ଛାତ୍ର କଂଗ୍ରେସର କର୍ମୀ ମାନେ ମୁଖ୍ୟମନ୍ତ୍ରୀଙ୍କ ଘର ପର୍ଯ୍ୟନ୍ତ ଯାଇ ନ ପାରି ପୋଲିସ ଓ ମୁଖ୍ୟମନ୍ତ୍ରୀଙ୍କ ଘର ଆଡକୁ ପଚା ଅଣ୍ଡା, ଟମାଟୋ ଆଦି ଫିଙ୍ଗି ଥିଲେ। ଶତାଧିକ ଯୁବକଂଗ୍ରେସ କର୍ମୀ ମାନେ ପୋଲିସର ତିନିଟି ବାରିକେଡ ଭାଙ୍ଗି ପିଏମ୍‌ଜି ଛକରେ ଥିବା ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡକୁ ଗଲାବେଳେ ପୋଲିସ ସେମାନଙ୍କୁ ସେଠାରୁ ଉଠାଇ ନେଇଥିଲା।



ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଏହି ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେ କହିଛନ୍ତି ଯେ, ଗୃହ ବିଭାଗକୁ ଏବଂ ପୋଲିସ ବିଭାଗକୁ ସମ୍ଭାଳିବାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସଂପୂର୍ଣ୍ଣ ଅସମର୍ଥ। ତେଣୁ ମୁଖ୍ୟମନ୍ତ୍ରୀ ତୁରନ୍ତ ପୋଲିସର ଏହି ବର୍ବରତା ପାଇଁ ତାଙ୍କ ପଦବୀରୁ ଇସ୍ତଫା ଦିଅନ୍ତୁ। ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ଡିଜିପି ଓ କମିଶନରେଟ ପୋଲିସ ଭରତପୁର ଥାନାର ତତ୍କାଳିନ ଆଇଆଇସି ଦିନକୃଷ୍ଣ ମିଶ୍ରଙ୍କୁ ଘଷ୍ଟି ଘୋଡାଇବାରେ ଉଦ୍ୟମ କରୁଛନ୍ତି ବୋଲି ସେ ଅଭିଯୋଗ କରିଥିଲେ।

ପୀଡ଼ିତା ଅଙ୍କିତା ପ୍ରଧାନ କହିଛନ୍ତି ରାସ୍ତାରେ ତାଙ୍କୁ ଯେଉଁ ଅସାମାଜିକ ଯୁବକମାନେ ଦୁର୍ବ୍ୟବହାର କରିଥିଲେ ତା ଠାରୁ ଭରତପୁର ଥାନାର ଅଧିକାରୀ ଏବଂ କର୍ମଚାରୀ ମାନଙ୍କ ଆଚରଣ ଅଧିକ ଭୟଙ୍କର ଥିଲା। ମୋହନ ଶାସନ ବ୍ରିଟିଶ ରାଜ ଏବଂ ହିଟଲରୀ ରାଜକୁ ଟପିଗଲା ବୋଲି ଶ୍ରୀ ପାତ୍ର କହିଛନ୍ତି। ଅନ୍ୟପକ୍ଷରେ ଜଣେ ସେନା ବାହିନୀର ଉଚ୍ଚପଦସ୍ଥ କର୍ମଚାରୀଙ୍କୁ ଯେଉଁଭଳି ଭାବରେ ନିର୍ଯ୍ୟତନା ଦିଆଯାଇଛି ତାହା କ୍ଷୋଭର ବିଷୟ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏ ପର୍ଯ୍ୟନ୍ତ ପୀଡ଼ିତାକୁ ନ ଭେଟିବା ଦୁର୍ଭାଗ୍ୟଜନକ। ବିଜେପିର ନାରୀ ସଶକ୍ତିକରଣର ଆହ୍ୱାନ ଏକ ଡ୍ରାମାବାଜୀ ବୋଲି ଏହି ଘଟଣାରୁ ସ୍ପଷ୍ଟ ହୋଇପଡ଼ିଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଲୋକସଭା ସାଂସଦ ପ୍ରାର୍ଥୀ ୟାସିର ନୱାଜ, ସୁଦୀପ ସାମଲ, ମନୋଜ ବିଶ୍ୱାଳ, ଗଣେଶ ଦାଶ, ଗୋପନ ମାର୍ଥା, ମହମ୍ମଦ ଗୁଲଫାମ, ସ୍ୱାଗତ କର, ଅଜୟ ସାହୁ, ସାଗର ପଟ୍ଟନାୟକ, ସାହାରୁଖ ଖାନ,ମହମ୍ମଦ ପରଭେଜ, ମିର୍ଜା ଇସଲାମ ବେଗ, ନିଆଜୁଲ ଇସଲାମ, ବଟକୃଷ୍ଣ ରାଉତରାୟ, ସୌଦ୍ୱୀପ ରାୟ, ସ୍ପନ୍ଦନ ସ୍ୱାଇଁ, ସୁବାଶିଷ ମହାନ୍ତି, ଇମ୍ରାନ ଅଲ୍ଲି ଖାନ ପ୍ରମୁଖ ଯୁବ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିଲେ।

# ବିବାହିତ ପ୍ରେମିକ ଓ ନାବାଳିକାଙ୍କ ଆତ୍ମହତ୍ୟା

**ସାଲେପୁର,୨୧।୯(ମହାଭାରତ):** ବିବାହିତ ହୋଇ ଘର ସଂସାର କରିବା ପରେ ବି ଜଣେ ନାବାଳିକାଙ୍କ ପ୍ରେମରେ ପାଗଳ ହେଲେ ଯୁବକ। ମାତ୍ର ପରିବାର ଆଗରେ ନିଜ ଭଲ ପାଇବା କଥା ଖୋଲିକି କହି ପାରିଲେନି କି ପ୍ରେମିକା ବିନା ରହି ବି ପାରିଲେନି। ଶେଷରେ ଚରମ ନିଷ୍ପତ୍ତି ପ୍ରେମୀ ଯୁଗଳ ନେଲେ। ଆଜି ସକାଳୁ ଗଛରୁ ଉଭୟଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ପୁଲିସ୍। ଏପରି ଏକ ଘଟଣା ଆଜି ସକାଳେ କଟକ ଜିଲ୍ଲା ସାଲେପୁର ଥାନା ନାଳିଆମୁହଁ ନିକଟ ଅଲିପୁରରେ ଘଟିଛି।



ମୃତ ଯୁବକଜଣକ ଅଲିପୁର ଗାଁର ମନୋଜ ସାମଲ। ସେ ପାଗା ଅ ଳର ଜଣେ ନାବାଳିକାଙ୍କୁ କିଛି ଦିନ ହେବ ପ୍ରେମ କରୁଥିବା ଜଣାପଡ଼ିଛି। ମନୋଜ ୫ ବର୍ଷ ପୂର୍ବେ ବିବାହ କରିଥିବା ବେଳେ ତାଙ୍କର ଏକ ୩ ବର୍ଷର ପୁଅ ଅଛି। ମାତ୍ର କିଛି ମାସ ହେବ ସେ ଜଣେ ନାବାଳିକାଙ୍କ ପ୍ରେମରେ ପଡ଼ିଥିଲେ। ଉଭୟ ଫୋନ୍‌ରେ କଥା ହେଉଥିବା ନାବାଳିକାଙ୍କ ପିତା କହିଛନ୍ତି। କିନ୍ତୁ ପୁଅ ବାପା ଘଟଣା ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି। ଗତକାଲି ସନ୍ଧ୍ୟାରୁ ନାବାଳିକାଜଣକ ଘରୁ କେଉଁ ଆଡ଼େ ଚାଲିଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ଝିଅକୁ ନ ପାଇବାରୁ ପାଗା ଫାଣ୍ଡିରେ ଅଭିଯୋଗ କରିଥିଲେ।


# ରତ୍ନଭଣ୍ଡାର ପେନିଟ୍ରେଟିଂ ରାଡର ସର୍ଭେ

**ପୁରୀ,୨୧।୯(ମହାଭାରତ):** ଖୋଲିବ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ରହସ୍ୟ। ଗୁପ୍ତ କୋଠରୀ ଓ ସୁଡ଼ଙ୍ଗ ରହସ୍ୟ ଉନ୍ମୋଚନ ପାଇଁ ପ୍ରଥମ ଦିନରେ ସରିଛି ପେନିଟ୍ରେଟିଂ ରାଡର ସର୍ଭେ। ଉଭୟ ଭିତର ଓ ବାହାର ରତ୍ନ ଭଣ୍ଡାରରେ ହୋଇଛି ଜିପିଆର ସର୍ଭେ। ୩ ଘଣ୍ଟା ୫୦ ମିନିଟ୍ ଧରି ଏନ୍‌ଜିଆରଆଇର ତିନି ଜଣିଆ ବିଶେଷଜ୍ଞ ଟିମ୍ ଭିତର ରତ୍ନ ଭଣ୍ଡାରର ଚଟାଣ ଯାଞ୍ଚ କରିଛନ୍ତି। ଏହାର ରିପୋର୍ଟକୁ ଅଧାର କରି ହେବ ଭିତର ରତ୍ନଭଣ୍ଡାରର ମରାମତି। ପ୍ରାୟ ପ୍ରତି ଅଧ ମିଟର ଦୂରତା ଅନ୍ତରରେ ବାରମ୍ବାର ସର୍ବେକ୍ଷଣ କରାଯାଇଛି। ଦୁଇଟି କଣ୍ଟ୍ରୋଲ ୟୁନିଟ, ୩ଟି ରାଡର ୟୁନିଟ ବା ଆଣ୍ଟିନା ଓ ଗୋଟିଏ କାର୍ଟ ସର୍ଭେ କାର୍ଯ୍ୟରେ ବ୍ୟବହୃତ ହୋଇଛି। ତିନିଟି ଉଚ୍ଚ କ୍ଷମତା ସମ୍ପନ୍ନ ମେଶିନ (୨୦୦, ୪୦୦, ୯୦୦ ମେଗାହାର୍ଜ)ର ଆଣ୍ଟିନା ଦ୍ୱାରା ସର୍ଭେ କରାଯାଇଛି। ଏହି ଯନ୍ତ୍ରାଂଶ ମାଟି ଭିତରେ ୧୦ ମିଟର ପର୍ଯ୍ୟନ୍ତ ଜିନିଷକୁ ଠାବ କରିପାରିବାର କ୍ଷମତା ରଖିଥିବା ବେଳେ ପ୍ରାୟ ୭ ରୁ ୮ ମିଟର ଦୂରତା ପର୍ଯ୍ୟନ୍ତ ସଠିକ୍ ରିପୋର୍ଟ ଦେଇପାରିବ। ସେହି ରିପୋର୍ଟ ଆସିବା ପରେ ମରାମତି କାର୍ଯ୍ୟ ଆରମ୍ଭ ହେବ। ତେବେ ସର୍ଭେ ଅସମ୍ପୂର୍ଣ୍ଣ ରହିଥିବା ବେଳେ ଆସନ୍ତାକାଲି ପୁଣି ଜାରି ରହିବ ସର୍ଭେ କାର୍ଯ୍ୟ। ସେପଟେ ଏହି ସର୍ଭେ ଯୋଗୁ ଅପରାହ୍ନ ୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ରହିଥିଲା ସର୍ବ ସାଧାରଣ ଦର୍ଶନ। ଆଉ ଦୁଇ ଦିନ ଧରି ଏହି ସର୍ଭେ ହେବା ନେଇ ଏସ୍ଓପିରେ ଉଲ୍ଲେଖ ରହିଛି। ତେଣୁ ଆଜି ପରି ଆଉ ଦୁଇ ଦିନ ଶ୍ରୀମନ୍ଦିରେ ଦର୍ଶନ କଟକଣା ରହିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି।



# ଓଡ଼ିଶାରେ ମଙ୍କିପକ୍ସ ସଂକ୍ରମିତ ନାହାନ୍ତି, ସ୍ପଷ୍ଟ କଲେ ରାଜ୍ୟ ସରକାର

**ଭୁବନେଶ୍ୱର,୨୧।୯(ମହାଭାରତ):** ଓଡ଼ିଶାରେ କୌଣସି ବ୍ୟକ୍ତି ମଙ୍କିପକ୍ସ ରୋଗରେ ଆକ୍ରାନ୍ତ ହୋଇନାହାନ୍ତି ବୋଲି ଆଜି ରାଜ୍ୟ ସରକାର ସ୍ପଷ୍ଟ କରିବା ସହ ଏହାର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କହିଛନ୍ତି। ଏହାକୁ ନେଇ ଭୟଭୀତ ନହେବା ମଧ୍ୟ ରାଜ୍ୟବାସୀଙ୍କୁ ସରକାର ପରାମର୍ଶ ଦେଇଛନ୍ତି। ରାଜ୍ୟରେ ସମ୍ଭାବ୍ୟ ମଙ୍କିପକ୍ସର ସଂକ୍ରମଣକୁ ନେଇ ଆଜି ମୁଖ୍ୟ ସଚିବ ମନୋଜ ଆହୁଜା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି। ଭୂତାଣୁଜନିତ ମଙ୍କିପକ୍ସ ରୋଗକୁ ନେଇ ରାଜ୍ୟବାସୀ କୌଣସି ଆଶଙ୍କା ନକରିବା ଓ ଭୟଭୀତ ନହେବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି। ଓଡ଼ିଶାରେ ମଙ୍କିପକ୍ସ ରୋଗରେ ଅଦ୍ୟାବଧି କେହି ଜଣେବି ବ୍ୟକ୍ତି ସଂକ୍ରମିତ ହୋଇନାହାନ୍ତି। ମଙ୍କିପକ୍ସ ସଂକ୍ରମିତ ୧୪ଟି ଦେଶକୁ ଓଡ଼ିଶାରୁ ସିଧାସଳଖ ବିମାନ ଚଳାଚଳ ବ୍ୟବସ୍ଥା ନଥିବା ସତ୍ତ୍ୱେ ଓଡ଼ିଶାର ବିଭିନ୍ନ ବିମାନ ବନ୍ଦର କର୍ତ୍ତୃପକ୍ଷ ଓ ବିମାନ ବନ୍ଦର ସହ ଜଡ଼ିତ ସଂସ୍ଥାଗୁଡ଼ିକୁ ଭାରତ ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ସଚେତନ ଓ ପ୍ରସ୍ତୁତ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି। ବୈଠକରେ ସ୍ୱାସ୍ଥ୍ୟ ସଚିବ ଏସ୍.ଅଶ୍ୱତୀ ସୂଚନା ଦେଇ କହିଥିଲେ ଯେ, ଭାରତରେ ୩ଜଣଙ୍କ ମଧ୍ୟରୁ କେରଳ ଓ ଦିଲ୍ଲୀରେ ଜଣେ ଲେଖାଁଏ ମଙ୍କିପକ୍ସ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହି ରୋଗକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆନ୍ତର୍ଜାତିକସ୍ତରରେ ଏକ ଜରୁରୀକାଳୀନ ଓ ଚିନ୍ତାଜନକ ରୋଗ ବୋଲି ଘୋଷଣା କରିଥିବା ଯୋଗୁ ଭାରତ ସରକାର ମଧ୍ୟ ସମସ୍ତ ରାଜ୍ୟକୁ ଏନେଇ ମାର୍ଗଦର୍ଶିକା ଜାରି କରିଛନ୍ତି। ଓଡ଼ିଶାରେ ମଙ୍କିପକ୍ସ ରୋଗୀ ଚିହ୍ନଟ ହୋଇନଥିଲେ ମଧ୍ୟ ସମସ୍ତ ଜିଲ୍ଲା ପ୍ରଶାସନକୁ ମାର୍ଗଦର୍ଶିକା ଜାରି କରାଯାଇ ଆବଶ୍ୟକ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭୁବନେଶ୍ୱର ଏମସଠାରେ ଲ୍ୟାବ ଟେଷ୍ଟିଂ ବ୍ୟବସ୍ଥା ହୋଇଛି। ଭୁବନେଶ୍ୱର ଓ ଝାରସୁଗୁଡ଼ା ବିମାନବନ୍ଦର ଏବଂ ପାରାଦୀପ,ଗୋପାଳପୁର ଓ ଧାମରା ବନ୍ଦରଠାରେ ମଧ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଥିବା ସ୍ୱାସ୍ଥ୍ୟ ସଚିବ ସୂଚନା ଦେଇଛନ୍ତି। ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆୟୋଜିତ ଏକ ବୈଠକରେ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ଭୁବନେଶ୍ୱର ଓ ଝାରସୁଗୁଡ଼ା ବିମାନ ବନ୍ଦରର ନିର୍ଦ୍ଦେଶକ, ବିମାନ ଚଳାଚଳ ନିର୍ଦ୍ଦେଶକ, ପାରାଦୀପ,ଗୋପାଳପୁର,ଧାମରା ବନ୍ଦରର କର୍ତ୍ତୃପକ୍ଷମାନେ ମଧ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମଙ୍କିପକ୍ସ ହେଉଛି ପଶୁଠାରୁ ସଂକ୍ରମିତ ହେଉଥିବା ରୋଗ। ଏହା ପଶୁଠାରୁ ମଣିଷକୁ ଓ ମଣିଷଠାରୁ ମଣିଷକୁ ସଂକ୍ରମିତ ହୋଇଥାଏ।



# ଗଜା ମୁଗ ଚାଟ

ଗଜାମୁଗ ଖୁବ ସ୍ୱାସ୍ଥ୍ୟକର । ଏହାକୁ ଖାଇବାକୁ ମଧ୍ୟ ଖୁବ ଲୋକ ପସନ୍ଦ କରନ୍ତି । ଗଜାମୁଗକୁ ବହୁ ଝାଲ କରି ମଧ୍ୟ ଖାଇ ଥାଆନ୍ତି। ତେବେ ଆମେ ଆପଣଙ୍କୁ ଗଜାମୁଗର ଏକ ସ୍ୱତନ୍ତ୍ର ପ୍ରଣାଳୀରେ ଗଜାମୁଗ ଚାଟ ବିଷୟରେ କହିବାକୁ ଯାଉଛୁ । ଯାହାକୁ ପ୍ରସ୍ତୁତ କରିବା ଖୁବ ସହଜ ।

ଆବଶ୍ୟକୀୟ ସାମଗ୍ରୀ: ୧କପ ଗଜାମୁଗ, ୧ଚାମଚ ତେଲ,ଅଧାଚାମଚ ସୋରିଷ,ଅଧା ଚାମଚ ଜିରା,ଭୃର୍ସୁଙ୍ଗ ପତ୍ର, ୨ଟି କଟା ପିଆଜ, ୧ଚାମଚ ଅଦା ରସୁଣ ପେଷ୍ଟ,ଅଧା ଚାମଚ ଲଙ୍କା ଗୁଣ୍ଡ,ଏକ ଚୁଟକି ହଳଦୀ ଗୁଣ୍ଡ, ୧ଚାମଚ ଧନିଆ ଜିରାଗୁଣ୍ଡ,ଚାଟ ମସଲା,ଗୋଟିଏ କଟା ଟମାଟୋ,ଦହି,ଲୁଣ ସ୍ୱାଦ ଅନୁସାରେ,କଟା ଧନିଆ ।

ପ୍ରସ୍ତୁତି ପ୍ରଣାଳୀ: କଢାଇରେ ତେଲ ଗରମ କରି ଜିରା ସୋରିଷ ଫୁଟାନ୍ତୁ । ଏବେ ଏଥିରେ କଞ୍ଚାଲଙ୍କା ଏବଂ ଭୃର୍ସୁଙ୍ଗ ପତ୍ର ପକାନ୍ତୁ । ଏବେ ଏଥିରେ ଅଦା ରସୁଣ ପେଷ୍ଟ, ଲଙ୍କା ଗୁଣ୍ଡ, ଧନିଆ ଜିରାଗୁଣ୍ଡ, ହଳଦୀ ଗୁଣ୍ଡ ପକାନ୍ତୁ ।ଏହା ଉପରେ କଟା ଟମାଟୋ ପକାନ୍ତୁ। ମସଲା ଭଲ ଭାବେ କଷି ହେଲା ପରେ ଏଥିରେ ଗଜା ମୁଗ ପକାଇ ସିଝିବା ପାଇଁ ଅଳ୍ପ ପାଣି ଓ ଲୁଣ ଦିଅନ୍ତୁ। ୪ରୁ ୫ମିନିଟ ସିଝାଇବା ପରେ ଅଳ୍ପ ଚାଟ ମସଲା ପକାଇ ଗ୍ୟାସ ବନ୍ଦ କରନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା। ଆପଣଙ୍କ ଗଜାମୁଗ



ଚାଟ । ଏବେ ଏକ ପାତ୍ରକୁ କାଢି ତା ଉପରେ ଦହି ପକାନ୍ତୁ। କଟା ପିଆଜ,ଟମାଟୋ ଓ କଟା ଧନିଆ ପକାଇ ସଜାଇ ଦିଅନ୍ତୁ ।ଏବେ ଗରମା ଗରମା ଖାଆନ୍ତୁ ଓ ଖୁଆନ୍ତୁ ।

ଖବର

# ଗାୟିକା କେନିଶାଙ୍କ ପ୍ରେମରେ ପଡ଼ି ପତ୍ନୀଙ୍କୁ ଧୋକା ଦେଇଛନ୍ତି ଜୟମ ରବି !





ଜଣାଶୁଣା ତାମିଲ ଅଭିନେତା ଜୟମ ରବି ଏବେ ଚର୍ଚ୍ଚାରେ। ଅଭିନେତା ତାଙ୍କ ସ୍ତ୍ରୀ ଆରତୀଙ୍କଠାରୁ ଅଲଗା ହେବା ନେଇ ଦୀର୍ଘ ସମୟ ଧରି ଅନୁମାନ କରାଯାଉଥିଲା ହେଲେ ତାଙ୍କ ପ୍ରଶଂସକମାନେ ଏହାକୁ କେବଳ ଗୁଜବ ବୋଲି ଭାବୁଥିଲେ । କିନ୍ତୁ ସେପ୍ଟେମ୍ବର ୯ରେ ଅଭିନେତା ତାଙ୍କ ନିରବତାକୁ ଭାଙ୍ଗି ତାଙ୍କ ସ୍ତ୍ରୀଙ୍କଠାରୁ ଅଲଗା ହେଉଥିବା ନେଇ ଘୋଷଣା କରିଥିଲେ।ୟ ହଠା୍ ଅଭିନେତା ଏଭଳି ନିଷ୍ପତ୍ତି କାହିଁକି ନେଲେ ବୋଲି ଚର୍ଚ୍ଚା ହେଉଥିବା ବେଳେ ପରେ ଆଉ ଏକ ଖବର ସାମ୍ନାକୁ ଆସିଥିଲା। ଚର୍ଚ୍ଚା ଆରମ୍ଭ ହେଲା ଯେ, ଜୟମ ରବି ବେଙ୍ଗାଲୁରୁର ଗାୟିକା କେନିଶା ଫ୍ରାନସିସଙ୍କୁ ଡେଟ୍ କରୁଛନ୍ତି। ଏହି କାରଣରୁ ସେ ସ୍ତ୍ରୀଙ୍କଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ଏବେ ଏହା ଉପରେ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ଯେତେବେଳେ ଲୋକମାନେ ମୋର ଭାବମୂର୍ତ୍ତିକୁ ଖରାପ କରିବାକୁ ଚେଷ୍ଟା କରନ୍ତି, ଯାହା ମୁଁ ବହୁ ବର୍ଷର ପରିଶ୍ରମ ଏବଂ ଫିଲ୍ମର ସ୍କ୍ରିପ୍ଟ ଚୟନ ଦ୍ୱାରା ନିର୍ମାଣ କରିଛି, ସେତେବେଳେ ମୁଁ କେବଳ ହସିପାରିବି ମୋ ଭାବମୂର୍ତ୍ତିକୁ ଖରାପ କରିବା ସହଜ ନୁହେଁ କେନିଶାଙ୍କ ସହ ନାମ ଯୋଡାଯିବାକୁ ନେଇ ସେ କହିଛନ୍ତି, ବ□ ଏବଂ ବଞ୍ଚିବାକୁ ଦିଅୟ କାହାର ନାମ ମୋ ସହ ଯୋଡୋ ନାହିଁ ।ଲୋକମାନେ ଅନେକ କଥା କହୁଛନ୍ତି। କେନିଶା ଜଣେ ଏଭଳି ଗାୟିକା ଯିଏ ୬୦୦ଷ୍ଟେଜ୍ ସୋ'ରେ ଗୀତ ଗାଇଛନ୍ତି। ନିଜ ପରିଶ୍ରମ ବଳରେ ସେ ନିଜର ପରିଚୟ ତିଆରି କରିଛନ୍ତି। ତାଙ୍କ ଭାବମୂର୍ତ୍ତି ଖରାପ କରନ୍ତୁ ନାହିଁ। ସେ ଜଣେ ମନୋବିଜ୍ଞାନୀୟ ଅନେକ ଲୋକଙ୍କୁ ସେ ଅବସାଦରୁ ବାହାରକୁ ଆଣିଛନ୍ତି। ତାଙ୍କ ନାମକୁ ମୋ ସହ ଯୋଡିବା ଉଚିତ ନୁହେଁ।

## ଶରୀର ପାଇଁ ଖୁବ ଉପକାରୀ ଗୋଲମରିଚ



ଆମ ରୋଷେଇ ଘରେ ଥିବା ଏକ ମସଲା ହେଉଛି ଗୋଲ ମରିଚ। ଏହା ପାଟିକୁ ରାଗ ଲାଗୁଥିଲେ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଉପକାରୀ । ବିଶେଷଜ୍ଞଙ୍କ କହିବା ଅନୁସାରେ ଗୋଲମରିଚ ଖାଇଲେ ଆୟୁଷ ବଢିଥାଏ। ଗୋଲମରିଚରେ ଆଇରନ୍,ପୋଟାସିୟମ୍, ଫସଫରସ୍, ମାଙ୍ଗାନିଜ୍, ଜିଙ୍କ୍, କ୍ରୋମିୟମ୍, ଭିଟାମିନ୍-ଏ ଓ 'ସି'ଭଳି ଅନେକ ପୋଷକ ତତ୍ତ୍ୱ ରହିଛି, ଯାହା ଶରୀର ପାଇଁ ଖୁବ ଉପକାରୀ। ଗବେଷଣା ଅନୁସାରେ ଯେଉଁ ବ୍ୟକ୍ତି ନିଜ ଖାଦ୍ୟରେ ଗୋଲମରିଚକୁ ସାମିଲ କରନ୍ତି, ଅନ୍ୟମାନଙ୍କ ତୁଳନାରେ ସେମାନଙ୍କ ବୟସ ୮.୨ ବର୍ଷ ବଢିଯାଇଥାଏ । ଗୋଲମରିଚ ଦେହ ପାଇଁ ଭଲ, କିନ୍ତୁ ବିଶେଷଜ୍ଞଙ୍କ ମତରେ ଏହାକୁ ଗରମ କରି ଖାଇଲେ ଅଧିକ ସୁଫଳ ମିଳିଥାଏ । ଗୋଲମରିଚରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ କ୍ୟାନସର ଓ କାର୍ଡିଓଭାସ୍କୁଲାର ରୋଗ ସହିତ ଲଢେଇ କରିଥାଏ । ତେଣୁ ଆପଣଙ୍କ ହାର୍ଟ ସୁସ୍ଥ ରହିଥାଏ । ସେଥିପାଇଁ ପ୍ରତ୍ୟେକ ଦିନ ନିଜ ଡାଏଟରେ ଗୋଲମରିଚକୁ ସାମିଲ କରିବା ପାଇଁ ଆୟୁର୍ବେଦିକ ଡାକ୍ତର ପରାମର୍ଶ ଦେଇଥାନ୍ତି । ଯଦି ଭୋକ ଲାଗୁନାହିଁ,ତେବେ ଗୋଲମରିଚକୁ ଉଷୁମ ପାଣିରେ ପକାଇ ପିଇବା ଦ୍ୱାରା ଭୋକ ବଢିଥାଏ। ସେହିପରି ରଜସ୍ରାବ ସମୟରେ ହେଉଥିବା ଯନ୍ତ୍ରଣାକୁ ମ୍ କରିବା ପାଇଁ ଗୋଲମରିଚ ସବୁଠୁ ଭଲ । ଏହି ସମୟରେ ଗୋଲମରିଚ ଓ ସୁଣ୍ଠିକୁ ଉଷୁମ ପାଣି ସହିତ ପିଇଲେ ପେଟ ଯନ୍ତ୍ରଣା କମ୍ ହୋଇଥାଏ । ଗ୍ୟାସ, ଅଜୀର୍ଣ୍ଣ କିମ୍ବା କୋଷ୍ଠକାଠିନ୍ୟ ସମସ୍ୟାରୁ ମଧ୍ୟ ଗୋଲମରିଚ ମୁକ୍ତି ଦେଇଥାଏ । ଗୋଲମରିଚ ଶରୀରରେ ପାଚନ କ୍ରିୟାକୁ ସନ୍ତୁଳିତ ରଖିଥାଏ ।

# ଇମ୍ୟୁନିଟି ବୃଦ୍ଧି କରେ କଖାରୁ !

କରୋନା ଭାଇରସ ମହାମାରୀ ସାରା ବିଶ୍ୱକୁ ତ୍ରସ୍ତ କରିଛି। ଏଥିରେ ଲୋକଙ୍କୁ ସୁଷମ ଖାଦ୍ୟ ଖାଇବା ଲାଗି ଏବେ ଡାକ୍ତରମାନେ ପରାମର୍ଶ ଦେଉଛନ୍ତି। ଔଷଧ ଅପେକ୍ଷା ଖାଦ୍ୟରୁ ବିଭିନ୍ନ ଭିଟାମିନ ଆହରଣ କରାଯାଇପାରେ। ଏଥିରେ ଭାରତୀୟ ବ୍ୟଞ୍ଜନରେ ଉପଯୋଗ ହେଉଥିବା ପନିପରିବା ଲୋକଙ୍କୁ ବେଶ ପୋଷକତତ୍ତ୍ୱ ଯୋଗାଇଦେବ ବୋଲି ଡାୟଟିଶିଆନମାନେ କହିଛନ୍ତି। ଏଥିରେ ଦୈନନ୍ଦିନ ଉପଯୋଗରେ ଆସୁଥିବା ପରିବା କଖାରୁ ପୋଷଣ ବୃଦ୍ଧିରେ ସହାୟକ ହୋଇପାରେ ବୋଲି ଡାୟଟିଶିଆନ କହିଛନ୍ତି।

କଖାରୁ ଭିଟାମିନରେ ଭରପୁର ଏକ ସବୁଜ ପରିବା। ଏଥିରେ ଜାଂଥିନ ଓ ଜେକସେନ୍ଥିନ ସମେତ କେରୋଟିନ ଓ ଭିଟାମିନ୍ ଏ ପ୍ରଚୁର ପରିମାଣରେ ରହିଛି। ଯାହା କରୋନାରେ ଇମ୍ୟୁନିଟି ବୃଦ୍ଧିରେ ବେଶ ସହାୟକ ହୋଇପାରେ। କଖାରୁ ମଞ୍ଜିରେ ପ୍ରଚୁର ଭିଟାମିନ ସି ଭରି ରହିଛି। ଏହା ଛଡା ଏହାର ଅନ୍ତ ପ୍ରଚୁର ଭିଟା କାରୋଟିନ୍ ରହିଛି। ଏହି ପୋଷକ ତତ୍ତ୍ୱ ଆମ ଶରୀରରେ ଇମ୍ୟୁନିଟି ବୃଦ୍ଧିରେ ବେଶ ସହାୟକ ହୋଇପାରିବ। କଖାରୁ ଏକ ଏପରି ପରିବା ଯେଉଁଥିରେ ଆମର ଦୃଷ୍ଟି ଶକ୍ତି ଜନିତ ସମସ୍ୟାର ସମାଧାନ ମଧ୍ୟ ରହିଛି। ଏଥିରେ ପ୍ରଚୁର ଭିଟାମିନ-ଏ ରହୁଥିବାରୁ ଉଚିତ ମାତ୍ରାରେ କଖାରୁ ପ୍ରସ୍ତୁତ ବ୍ୟଞ୍ଜନ ଖାଇଲେ ଦୃଷ୍ଟି ଶକ୍ତି କମଜୋର ହୋଇନଥାଏ। ଏଥିରୁ ବୟସ ବୃଦ୍ଧିରେ ଖାଦ୍ୟରେ କଖାରୁ ସାମିଲ କରାଗଲେ ଦୃଷ୍ଟି ଶକ୍ତି ଜନିତ ସମସ୍ୟା ନିରାକରଣରେ ସହାୟକ ହେବ ବୋଲି କୁହାଯାଏ। ଏହି ପରିବାରେ ଭିଟା କାରୋଟିନା ମିଳୁଥିବାରୁ ଯାହା ଶରୀରକୁ ଭିଟାମିନ୍ ଏ ଯୋଗାଇ ଦେଇଥାଏ। ଏହି ପରିବାରେ ପ୍ରଚୁରମାତ୍ରାରେ ଫାଇବର ଥାଏ। ଏହା ଛଡା ଏଥିରେ ଫ୍ୟାଟସ୍ ବି ନଥାଏ।



ଫାଇବର ଯୋଗୁ କ୍ଷୁଧା ନିୟନ୍ତ୍ରିତ ହେଉଥିବା ବେଳେ ଶରୀରର ଓଜନ ହ୍ରାସ ହୋଇଥାଏ। ଏଥିରେ କ୍ୟାଲୋରୀ ମାତ୍ରା କମ ରହୁଥିବାରୁ ପୃଥୁଳତା ହ୍ରାସରେ ସହାୟକ ହୋଇଥାଏ। କଖାରୁରେ ପ୍ରଚୁର ଆଇରନ ମଧ୍ୟ ଶରୀର ପାଇଥାଏ। ଏଣୁ ଖାଦ୍ୟରେ କଖାରୁ ଖାଇଲେ ଏନର୍ଜୀମାତ୍ରା ବଢିଥାଏ। ଖାଦ୍ୟରେ କଖାରୁ ଖାଇଲେ ନଖ ହଳଦିଆ ପଡିବା ଅଥବା ମୁଣ୍ଡ ବୁଲେଇବା ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ ବୋଲି ଡାଏଟିସିଆନମାନେ କୁହନ୍ତି।

# ନିୟମିତ ଅଣ୍ଟା ଯନ୍ତ୍ରଣା ଲାଗି ରହୁଥିଲେ



ସୁସ୍ଥ ରହିବା ପାଇଁ ଶରୀରକୁ ପୋଷକ ତ□ର ଆବଶ୍ୟକତା ରହିଛି। ଭିଟାମିନ୍, ମିନେରାଲ୍ସ, ପ୍ରୋଟିନ୍, କାର୍ବୋହାଇଡ୍ରେଟ ସହ ଅନ୍ୟାନ୍ୟ ପୋଷକ ତ□ ରହିଛି। କ୍ୟାଲସିୟମ ବିଶେଷ କରି ହାଡ ଓ ଦାନ୍ତକୁ ସୁସ୍ଥ ରଖିବା ପାଇଁ ମହ□ପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଶରୀରରେ କ୍ୟାଲସିୟମ ଅଭାବ କାରଣରୁ ଅନେକ ସ୍ୱାସ୍ଥ୍ୟ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ଶରୀରରେ ବିଭିନ୍ନ ସ୍ଥାନରେ ଯନ୍ତ୍ରଣା ହେବା ସହ ହାଡ ଦର୍ବୁଳ ହେବାକୁ ଆରମ୍ଭ କରିଥାଏ। ତେଣୁ ନିଜ ଖାଦ୍ୟରେ କ୍ୟାଲସିୟମ ଥିବା ଖାଦ୍ୟ ନିଶ୍ଚୟ ସାମିଲ କରନ୍ତୁ। ଜାଣନ୍ତୁ..

ସୁସ୍ଥ ରହିବା ପାଇଁ ନିଜ ଖାଦ୍ୟରେ ବାଦାମ ନିଶ୍ଚୟ ସାମିଲ କରନ୍ତୁ। ଏଥିରେ କ୍ୟାଲସିୟମ ପର୍ଯ୍ୟାପ୍ତ ମାତ୍ରାରେ ରହିଛି। ଏହା ବ୍ୟତୀତ ବାଦାମରେ ଭିଟାମିନ୍ ଇ, ମାଗ୍ନେସିୟମ, ଫାଇବର ଓ ପ୍ରୋଟିନ ମାତ୍ରା ମଧ୍ୟ ରହିଛି। ନିର୍ଦ୍ଦିଷ୍ଟ ପରିମାଣରେ ବାଦାମ ସେବନ କରିବା ଦ୍ୱାରା ହାଡ ସୁସ୍ଥ ରହିବା ସହ ମଜଭୂତ ହୋଇଥାଏ। ଏହା ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି କରିଥାଏ। ଶରୀରକୁ ଅନେକ ରୋଗରୁ ମଧ୍ୟ ରକ୍ଷା କରିଥାଏ।

ନିୟମିତ ଦହି ଖାଇବା ଦ୍ୱାରା କ୍ୟାଲସିୟମର ଅଭାବ ପୂରଣ ହୋଇଥାଏ। ଏହା ହାଡକୁ ମଜଭୂତ ରଖିବା ସହ ପେଟ ଜନିତ ଅନେକ ସମସ୍ୟାକୁ ଦୂର କରିଥାଏ। ଏଥିରେ ପ୍ରୋଟିନ୍, କ୍ୟାଲସିୟମ, ଭିଟାମିନ ବି୬, ଭିଟାମିନ ବି୧୨ ଭଳି ପୋଷକ ତ□ ରହିଛି। ଏହା ଆପଣଙ୍କୁ ସୁସ୍ଥ ରହିବାରେ ସହାୟକ ହୋଇଥାଏ। ଯେଉଁମାନେ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ,ସେମାନେ କ୍ୟାଲସିୟମର ଅଭାବ ପୂରଣ ପାଇଁ ସୋୟା ମିଲ୍କ ସେବନ କରି ପାରିବେ। ଏଥିରେ କ୍ୟାଲସିୟମ, ପ୍ରୋଟିନ୍ ଓ ଫାଇବର ପର୍ଯ୍ୟାପ୍ତ ପରିମାଣରେ ରହିଛି। ଏହା ହିମୋଗ୍ଲୋବିନ୍ ସ୍ତରକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ।

ସବୁଜ ପନିପରିବା ଓ ବିଭିନ୍ନ ପ୍ରକାର ଶାଗ ପୋଷକ ତ□ରେ ଭରପୁର। ଏସବୁରେ କ୍ୟାଲସିୟମ, ପୋଟାସିୟମ, ଆଇରନ ଓ ଭିଟାମିନ୍ ସି ପ୍ରଚୁର ପରିମାଣରେ ରହିଛି। ଶରୀରରେ କ୍ୟାଲସିୟମର ଅଭାବ ପୂରଣ ପାଇଁ ନିଜ ଖାଦ୍ୟରେ କଦଳୀ, ପାଳଙ୍ଗ ସହ ଅନ୍ୟାନ୍ୟ ପନିପରିବା ସାମିଲ କରନ୍ତୁ। ଏହା ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ସହ ହାଡ ଓ ମାଂସପେଶୀରେ ଅନୁଭବ ହେଉଥିବା ଯନ୍ତ୍ରଣା ଦୂର କରିଥାଏ।





# ଏହି ଅଭ୍ୟାସ କାରଣରୁ ଦୁର୍ବଳ ହୋଇଥାଏ ହାଡ

ସୁସ୍ଥ ରହିବା ପାଇଁ ପୁଷ୍ଟିଯୁକ୍ତ ଖାଦ୍ୟ ଖାଇବା ସହ ନିଜର କିଛି ନିତିଦିନିଆ ଅଭ୍ୟାସ ଉପରେ ଗୁରୁତ୍ୱ ଦେବା ନିତାନ୍ତ ଆବଶ୍ୟକ। ଶରୀରର ସମସ୍ତ ଅଙ୍ଗ ସଠିକ୍ ଭାବେ କାମ କରିବା ପାଇଁ ଦୈନନ୍ଦିନ କାର୍ଯ୍ୟକଳାପ ପ୍ରତି ଧ୍ୟାନ ଦେବା ଉଚିତ। ଅନେକ ସମୟରେ ଏପରି ହୋଇଥାଏ, କିଛି ଅଭ୍ୟାସ କାରଣରୁ ହାଡ ଦୁର୍ବଳ ହେବାକୁ ଲାଗିଥାଏ। ବିଶେଷ କରି ବୟସ ବଢିବା ସହ ଏହି ସମସ୍ୟା ଅଧିକ ଦେଖାଯାଏ। ମାତ୍ର ବର୍ତ୍ତମାନ ସମୟରେ ଏହା ଅଧିକାଂଶଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। କିଛି ଖରାପ ଅଭ୍ୟାସ ହାଡ ଉପରେ ଅନେକ ପ୍ରଭାବ ପକାଇଥାଏ।

ସଠିକ୍ ଭାବେ ଖାଦ୍ୟ ସେବନ ନକରିବା,ଖରାପ ଜୀବନଶୈଳୀ କାରଣରୁ କମ୍ ବୟସରେ ମଧ୍ୟ ହାଡ ଜନିତ ସମସ୍ୟା ଦେଖାଯାଉଛି। ହାଡ ଦୁର୍ବଳ ହେବାକୁ ଆରମ୍ଭ କରୁଛି। ହାଡ ଗୁଡିକ ଦୁର୍ବଳ ହେବା ଦ୍ୱାରା ବିଭିନ୍ନ ପ୍ରକାର ରୋଗ ସୃଷ୍ଟି କରିଥାଏ। କିଛି ଅଭ୍ୟାସ କାରଣରୁ ଶରୀର କ୍ୟାଲସିୟମ ଓ ଭିଟାମିନ୍ର ଡିର ଅଭାବ ହୋଇଥାଏ। ଜାଣନ୍ତୁ..

ଶରୀରର ହାଡ ଦୁର୍ବଳ ହେବାକୁ ଆରମ୍ଭ କଲେ,ପ୍ରଥମେ ନିଜ ଖାଦ୍ୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଖାଦ୍ୟରେ କ୍ୟାଲସିୟମ ଓ ଭିଟାମିନ ଡି ଯୁକ୍ତ ଖାଦ୍ୟର ଅଭାବ ଥିଲେ ହାଡ ଦୁର୍ବଳ ହୋଇଯାଏ। ଜଙ୍କ୍ ଫୁଡ୍ ସ୍ୱାସ୍ଥ୍ୟ ଉପରେ ଅନେକ ପ୍ରଭାବ ପକାଇଥାଏ। ନିୟମିତ ଭାବେ ଏଭଳି ଖାଦ୍ୟର ସେବନ କରିବା ଦ୍ୱାରା କମ୍ ବୟସରେ ମଧ୍ୟ ହାଡ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ନିୟମିତ କ୍ଷୀର ପିଅନ୍ତୁ। ଏହାଦ୍ୱାରା କ୍ୟାଲସିୟମ ଅଭାବ ପୂରଣ ହୋଇଥାଏ।

ଅଧିକାଂଶ କାର୍ଯ୍ୟାଳୟ ହେଉ ଅଥବା ଘରେ କାମ କରିବା କାରଣରୁ ଥକ୍କାପଣ ପାଇଁ ବ୍ୟାୟାମ ପ୍ରତି ଧ୍ୟାନ ଦେଇ ନଥାଆନ୍ତି। ଅଫିସରେ ଚେୟାରରେ ବସି ଘଣ୍ଟା ଘଣ୍ଟା କାମ କରିଥାଆନ୍ତି। ଏହାଦ୍ୱାରା ହାଡ ଦୁର୍ବଳ ହୋଇଥାଏ। ତେଣୁ ନିୟମିତ ଭାବେ ୩୦ ମିନିଟ୍ ଯାଏଁ ବ୍ୟାୟାମ କରନ୍ତୁ।

# କିଟ୍‌ରେ ପାଣିପାଗ ଓ ଜଳବାୟୁ ହାକାଥନ ଉଦ୍‌ଯାପିତ



**ଭୁବନେଶ୍ୱର,୨୧।୯ (ମହାଭାରତ):** ଆମେରିକାର ସିଟି ୟୁନିଭରସିଟି ଅଫ୍ ନିଉୟର୍କ (କ୍ୟୁନି) ବିଶ୍ୱବିଦ୍ୟାଳୟ, ହାଇଦ୍ରାବାଦସ୍ଥିତ ଆମେରିକା କନ୍‌ସୁଲ୍ ଜେନେରାଲ, ମୁମ୍ବାଇସ୍ଥିତ ଆମେରିକା କନ୍‌ସୁଲ୍ ଜେନେରାଲ୍ କିଟ୍ ଓ କିସ୍ ମିଳିତ ଆନୁକୂଲ୍ୟରେ ୧୯ ତାରିଖରୁ ଚାଲିଥିବା ହାକାଥନ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପାଣିପାଗ ଓ ଜଳବାୟୁ ପରିବର୍ତ୍ତନ ଏବଂ ବାୟୁର ଗୁଣବତ୍ତା ସହିତ ଜଡ଼ିତ ବିଶ୍ୱସ୍ତରୀୟ ଆହ୍ୱାନର ମୁକାବିଲା ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। କ୍ୟୁନି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକଙ୍କ ସମେତ ଗୋଆ, ମହାରାଷ୍ଟ୍ର, ଛତିଶଗଡ଼, ମଧ୍ୟପ୍ରଦେଶ, ତେଲେଙ୍ଗାନା, ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ଗୁଜୁରାଟ ଆଦି ଭାରତର ୧୬ଟି ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଗବେଷକମାନେ ଏଥିରେ ଯୋଗ ଦେଇଥିଲେ। ଅଂଶଗ୍ରହଣକାରୀମାନେ ସ୍ଥାନୀୟ ଜଳବାୟୁ ଓ ବାୟୁର ମାନକୁ ନେଇ ଜନ ସଚେତନତା ଏବଂ ଲୋକମାନେ ଯେଉଁଭଳି ବୁଝି ପାରିବେ ସେହି ଉଦ୍ଦେଶ୍ୟରେ ଉପକରଣ ଓ ଆପ୍ ତିଆରି କାର୍ଯ୍ୟକ୍ରମ କରିଥିଲେ। ଆମେରିକା ବୈଦେଶିକ ବିଭାଗ ଓ ରାଷ୍ଟ୍ରୀୟ ବିଜ୍ଞାନ ଫାଉଣ୍ଡେସନ୍ (ଏନ୍‌ଏସ୍‌ଏଫ୍) ଅନୁସନ୍ଧାନ ଅନୁଦାନରେ ସ୍ଥାପିତ ୨୨ଟି ପାଣିପାଗ ଓ ଜଳବାୟୁ ନେଟୱାର୍କ କେନ୍ଦ୍ରରୁ ସେମାନେ ତଥ୍ୟ ବିନିଯୋଗ କରିଥିଲେ। ତେବେ ଏହି ପ୍ରୟାସ ଜଳବାୟୁ ପରିବର୍ତ୍ତନ ବିରୋଧରେ ବିଶ୍ୱସ୍ତରୀୟ ପଦକ୍ଷେପଗୁଡ଼ିକରେ ଯୋଗଦାନ କରିବ ବୋଲି ଆଶା କରାଯାଉଛି। ପ୍ରତିଯୋଗୀମାନଙ୍କୁ ହାକାଥନ୍ ଅବସରରେ ପାଣିପାଗ, ଜଳବାୟୁ, ବାୟୁର ମାନରେ ଉନ୍ନତି, ଉତ୍ତାପ ତରଙ୍ଗ ଆଦି ୫ଟି ପ୍ରମୁଖ କ୍ଷେତ୍ର ଉପରେ ଧ୍ୟାନ ଦେବାକୁ କୁହାଯାଇଥିଲା।

କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କ୍ୟୁନି ବିଶ୍ୱବିଦ୍ୟାଳୟର ସଭାପତି ଡ. ମିଲଟନ୍ ସାଣ୍ଟିଆଗୋ ଜଳବାୟୁ ପରିବର୍ତ୍ତନର ବିଭିନ୍ନ ଦିଗ ଓ ଏହାର ସମାଧାନ କିପରି କରାଯିବ ତା ଉପରେ କହିଥିଲେ। ଏହା ସହିତ କିଟ୍ ଓ କିସ୍‌ର ସହଯୋଗ ତଥା ଏ ଦିଗରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସକୁ ସେ ପ୍ରଶଂସା କରିଥିଲେ। କ୍ୟୁନି ବିଶ୍ୱବିଦ୍ୟାଳୟ ପ୍ରଫେସର ପିଟର ଗ୍ରୋଫ୍‌ମ୍ୟାନ୍ ଭବିଷ୍ୟତ ପାଇଁ ଜଳବାୟୁର ସୁରକ୍ଷା ଓ ଚରମ ସ୍ଥିତି ପାଇଁ କିଭଳି ପ୍ରସ୍ତୁତ ହେବାକୁ ପଡ଼ିବ ତା ଉପରେ ଆଲୋଚନା କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏଭଳି କାର୍ଯ୍ୟକ୍ରମର ପ୍ରଶଂସା କରିବା ସହ କହିଲେ, କିଟ୍‌ରେ ବିଭିନ୍ନ ସମୟରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ସମ୍ମିଳନୀମାନ ଆୟୋଜିତ ହୋଇଥାଏ। ଏହା ଦ୍ୱାରା ଓଡ଼ିଶାର କଳା, ସଂସ୍କୃତି ଓ ପରିବେଶ ଉପରେ ବିଦେଶରୁ ଆସୁଥିବା ଲୋକମାନେ ସକାରାତ୍ମକ ଅନୁଭୂତି ନେଇ ଯାଉଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ସାମନ୍ତ କହିଥିଲେ। ଏହି ଅବସରରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଭିନ୍ନକ୍ଷମ ଆୟୁକ୍ତଙ୍କ ଏସ୍‌ସିବି ଓ ଉତ୍କଳ ବିଶ୍ୱବିଦ୍ୟାଳୟ ପରିଦର୍ଶନ

**ଭୁବନେଶ୍ୱର,୨୧।୯ (ମହାଭାରତ):** ଓଡ଼ିଶା ରାଜ୍ୟ ଦିବ୍ୟାଙ୍ଗ ଆୟୁକ୍ତ ବ୍ରତତୀ ହରିଚନ୍ଦନ କଟକ ସ୍ଥିତ ଏସସିବି ମେଡିକାଲ କଲେଜ ଓ ଉତ୍କଳ ବିଶ୍ୱବିଦ୍ୟାଳୟ (ବାଣୀବିହାର) ପରିଦର୍ଶନକରି ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କ ସହ ଆଲୋଚନା କରିଛନ୍ତି । ଏଥି ସହ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କ କଲ୍ୟାଣ ଦୃଷ୍ଟିରୁ ଭିନ୍ନକ୍ଷମ ଅଧିକାର ଆଇନ ୨୦୧୬ର ସଫଳ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦେବାକୁ ଉଭୟ ଅନୁଷ୍ଠାନର କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି ।



ଏସ୍‌ସିବି ମେଡ଼ିକାଲ କଲେଜ ଯାଇ ଆୟୁକ୍ତ ଶ୍ରୀମତୀ ହରିଚନ୍ଦନ ପରିସର ପରିଦର୍ଶନ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରିଥିଲେ । ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କ ଅଭିଯୋଗ/ ସମସ୍ୟାର ସମାଧାନ ନିମନ୍ତେ ସ୍ୱତନ୍ତ୍ର ପ୍ରକୋଷ୍ଠ ଖୋଲିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଶ୍ରେଣୀ କକ୍ଷ, ଛାତାବାସୀ, ପାଠାଗାର, ପ୍ରଶାସନିକ ଭବନ, ପାଠାଗାର, ସମ୍ମିଳନୀ କକ୍ଷ ବହିର୍ବିଭାଗ, ପାଥୋଲାବ୍ ଏବଂ କଲେଜର ଅନ୍ୟ ସମସ୍ତଗୃହ/ ସ୍ଥାନରେହ୍ୱିଲ୍ ଚେୟାର, ର୍‍ୟାମ୍ପସ୍, ଶୌଚାଳୟ ଆଦିର ସୁବିଧା ଉପଲବ୍ଧ କରାଇବାନିମନ୍ତେ ସେ କଲେଜ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ । ନାମ ଲେଖା ସମୟରେ ଦିବ୍ୟାଙ୍ଗ ମାନଙ୍କ ପାଇଁ ଥିବା ସଂରକ୍ଷଣ ନିୟମର ସଠିକ୍ ଅନୁପାଳନ ସହ ନାମଲେଖା ଫି ଓ ମେସ୍ ଚାର୍ଜଛାଡ଼, ଦିବ୍ୟାଙ୍ଗ କର୍ମଚାରୀ ମାନଙ୍କ ପାଇଁ ଯାତାୟତ ଭତ୍ତାଆଦି ବିଷୟରେ ମଧ ଶ୍ରୀମତୀ ହରିଚନ୍ଦନ କଲେଜ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ । ଦିବ୍ୟାଙ୍ଗ ପ୍ରାର୍ଥୀଙ୍କ ପାଇଁ ଆବେଦନର ସର୍ବାଧିକ ବୟସ କୋହଳ କରିବା ଏବଂ ଲିଖିତ ପରୀକ୍ଷା ସମୟରେ ସ୍କ୍ରାଇବ୍ ବ୍ୟବସ୍ଥା ସହ ଅଧିକ ସମୟ ଦେବା ଓ ବୃଦ୍ଧିସାଙ୍ଗଙ୍କୁ ଅନ୍ୟ ସୁବିଧାର ଅନୁପାଳନ ନେଇ ସେ କଲେଜ୍ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଆଲୋଚନା ସମୟରେ ମେଡ଼ିକାଲ କଲେଜର ଡିନ୍ ତଥା ସୁପରିଟେଣ୍ଡେଣ୍ଟ ଡା. ଏଲ୍.ଏନ୍ ଦାସ, ପ୍ରଶାସନିକ ଅଧିକାରୀ ଶ୍ରୀ ଅବିନାଶ ରାଉତ, ଆକାଉଣ୍ଟସ୍ ଅଫିସର, କଟକ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଆୟୁକ୍ତ ଶ୍ରୀମତୀ ହରିଚନ୍ଦନ ବାଣୀବିହାର ସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟରେ ପହଞ୍ଚ ଉପସ୍ଥିତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସହ ମିଳିତ ହୋଇଥିଲେ । ଭିନ୍ନକ୍ଷମ ଅଧିକାର ଆଇନ ୨୦୧୬ର ସଫଳ କାର୍ଯ୍ୟାନ୍ୱୟନ ସାଙ୍ଗକୁ ଶିକ୍ଷାନୁଷ୍ଠାନରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କ ପାଇଁ ନିର୍ଦ୍ଧାରିତ ସମସ୍ତ ସୁବିଧା ଉପଲବ୍ଧ କରିବା ଉପରେ ସେ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ବିଶ୍ୱବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ତଥା କର୍ମଚାରୀ ମାନଙ୍କୁ ସେମାନଙ୍କ ପାଇଁ ଉଦିଷ୍ଟ ସମସ୍ତ ସୁବିଧା ସୁଯୋଗ ପ୍ରଦାନରେ କୌଣସି ଅବହେଳା ନକରିବା ପାଇଁଆୟୁକ୍ତ ପରାମର୍ଶ ଦେଇଥିଲେ । ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କଅଭିଯୋଗ ଓ ସମସ୍ୟାରସମାଧାନ ପାଇଁସ୍ୱତନ୍ତ୍ର ପ୍ରକୋଷ୍ଠ ଖୋଲିବାକୁକହିବାସହିତ ବିଶ୍ୱବିଦ୍ୟାଳୟରେ ଦବ୍ୟାଙ୍ଗ ଅନୁକୂଳ ପରିସର ଓ ବାତାବରଣ ସୃଷ୍ଟି ଉପରେ ସେ ଗୁରୁତ୍ୱ ଦେଇଥିଲେ । ବୈଠକରେ ଆୟୁକ୍ତଙ୍କ କାର୍ଯ୍ୟାଳୟର ଓଏସ୍‌ଡି, ବିଶ୍ୱବିଦ୍ୟାଳୟର ବଭିନ୍ନ ଅଧିକାରୀଙ୍କ ସମେତ ଖୋର୍ଦ୍ଧାଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଉପ- ନିବନ୍ଧକଙ୍କ କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି ଅଭିଯୋଗ

**ଭୁବନେଶ୍ୱର,୨୧।୯ (ମହାଭାରତ):** ଖୋର୍ଦ୍ଧା ଉପନିବନ୍ଧକ କାର୍ଯ୍ୟାଳୟରେ ବ୍ୟାପକ ଅନୀୟମିତତା ହେଉଥିବା ଅଭିଯୋଗ ହେଉଛି । ଏଠାରେ ହାତଗୁଞ୍ଜା ନଦେଲେ କୌଣସି କାର୍ଯ୍ୟ ହେଉନି । ବିଭିନ୍ନ ଆଳରେ ଲୋକଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଶୋଷୁଛନ୍ତି ଜନୈକ କର୍ମଚାରୀ ।ସେହିପରି ଭିଜିଟ ରେଜେଷ୍ଟ୍ରି ପାଇଁ ସରକାରୀ ଦେୟ ଠାରୁ ଢେରଗୁଣା ଅଧିକ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହେଉଛି।



ସାଧାରଣଲୋକେ ନିଜ ଝିଅ ବାହାଘର, ପିଲାଙ୍କ ଉଚ୍ଚ ଶିକ୍ଷା ପାଇଁ ଏବଂ ଆବଶ୍ୟକସ୍ଥଳେ ଅର୍ଥାଭାବ ରୁ ନିଜ ର ଆତ୍ମୀୟ ସ୍ୱଜନ ଙ୍କ ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ ନିମନ୍ତେ ନିଜ ର କଷ୍ଟଅର୍ଜିତ ସମ୍ପତ୍ତି କୁ ବିକ୍ରୀ କରିବାକୁ ଚାହୁଁଥିବା ବେଳେ ବିଭିନ୍ନ ପ୍ରକାର ଆଳ ଦେଖାଇ ଖୋର୍ଦ୍ଧା ସବ- ରେଜିଷ୍ଟ୍ରାର ଜମି ବିକ୍ରୀ ଖରିଦ ପାଇଁ ଅନୁମତି ଏବଂ ରେଜିଷ୍ଟ୍ରସନ କରିବା ନିମନ୍ତେ ଟାଳ ଟୁଳ ନୀତି ଅବଲମ୍ବନ କରୁଛନ୍ତି । ତାଙ୍କ କାର୍ଯ୍ୟାଳୟ ର କିଛି ଅସାଧୁ କର୍ମଚାରୀ ଙ୍କୁ ହାତବାରିସୀ କରି ସେମାନଙ୍କ ମାଧ୍ୟମ ରେ ଲକ୍ଷ ଲକ୍ଷ ଟଙ୍କା ଲାଂଚ ନେଇ ଜମି ରେଜିଷ୍ଟ୍ରେସନ ବା ପଞ୍ଜିକୃତ କରୁଥିବା କାର୍ଯ୍ୟାଳୟର ଜନୈକ ବ୍ୟକ୍ତି ନାମକୁ ଗୋପନ ରଖି ପ୍ରକାଶ କରିଛନ୍ତି । ନିକଟ ଅତୀତ ରେ ରାଜ୍ୟ ସରକାର ସାଧାରଣ ଜନତା ଙ୍କ ଦାବୀ କୁ ଆଖିଆଗରେ ରଖି ଚକ ଜମି ଗୁଡିକର ବିକ୍ରୀ, ଖରିଦ ଆଇନ କୁ ସରଳି କରଣ କରିଥିବାବେଳେ ଖୋର୍ଦ୍ଧା ସବରେଜିଷ୍ଟ୍ରାର ସେ ସମସ୍ତ ନୀତି ନିୟମ କୁ ମାନୁ ନାହାଁନ୍ତି ଏବଂ ଚକ ଜମି ଗୁଡିକୁ ବିକ୍ରୀ ଖରିଦ ପାଇଁ ଅନୁମତି ଦେଉନଥିବାବେଳେ ମୋଟା ଅଙ୍କର ଅର୍ଥ ଲାଂଚ ନେଇ ଅନୁମତି ଦେଉଥିବା ଅଭିଯୋଗ ମଧ୍ୟ ହେଉଛି ଏବଂ ଭିଜିଟ ରେଜିଷ୍ଟ୍ରେସନ ନିମନ୍ତେ ଧାର୍ଯ୍ୟ ସରକାରୀ ଫିସ ବାଦ ଲକ୍ଷ ଲକ୍ଷ ଟଙ୍କା ଦାବୀ କରାଯାଉ ଥିବା ଅଭିଯୋଗ ମଧ୍ୟ ହେଉଛି । ସବରେଜିଷ୍ଟ୍ରର ଅନ୍ୟାୟ ଉପାୟରେ କୋଟି କୋଟି ଟଙ୍କା ର ମାଲିକ ହୋଇଥିବା ଅଭିଯୋଗ ହେଉଛି।

ଏନେଇ ଉପନିବନ୍ଧକ ଅପୂର୍ବ ରଞ୍ଜନ ଆଇଚଙ୍କୁ ପଚାରିବାରେ ଆଜି ପର୍ଯ୍ୟନ୍ତ ଏଭଳି କୌଣସି କାର୍ଯ୍ୟ କରାଯାଇନି ବୋଲି ସେ କହିଛନ୍ତି । ରେଜେଷ୍ଟ୍ରି ଏବଂ ପାର୍ଟ ରେଜେଷ୍ଟ୍ରି ବାବଦରେ ଲକ୍ଷାଧିକ ଟଙ୍କା କ୍ରେତାଙ୍କ ଠାରୁ ମୋହରୀରଙ୍କ ଜରିଆରେ ନେବା ଅଭିଯୋଗର ସନ୍ତୋଷଜନକ ଉତର ଦେଇପାରିନଥିଲେ ।

# ମହିଳା ବିରୋଧୀ ହିଂସାକୁ ସରକାର ବରଦାସ୍ତ କରିବ ନାହିଁ : ବିଜେପି

**ଭୁବନେଶ୍ୱର,୨୧।୯ (ମହାଭାରତ):** ମହିଳା ବିରୋଧୀ ହିଂସାକୁ ବିଜେପି ସରକାର ବରଦାସ୍ତ କରିବ ନାହିଁ। ଭରତପୁର ଥାନା ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା। ଘଟଣାରେ ସମ୍ପୃକ୍ତ ୫ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିଲମ୍ବନ କରାଯିବା ସହିତ ନିରପେକ୍ଷତା, ସ୍ୱଚ୍ଛତା ପାଇଁ ତଦନ୍ତଭାର କ୍ରାଇମବ୍ରାଂଚ୍‌ଙ୍କୁ ଦାୟିତ୍ୱ ଦିଆଯାଇଛି। ଘଟଣା ସଂପର୍କରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସରକାରଙ୍କ ଆଭିମୁଖ୍ୟ ଉପରେ ସ୍ପଷ୍ଟୀକରଣ ଦେବା ସହ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିଜେ ଡାକ୍ତରଖାନା ଯାଇ ପୀଡ଼ିତାଙ୍କୁ ଭେଟି ଆଶ୍ୱାସନା ଦେବା ସହିତ ସ୍ଥିତି ସଂପର୍କରେ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଏହି ଘଟଣାରେ ବିଜେପି ସରକାର 'ଶୂନ୍ୟ ସହନଶୀଳତା ନୀତି' ଅବଲମ୍ବନ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବଦ୍ଧପରିକର ବୋଲି ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି।



ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ବିଜେଡି ସରକାର ସମୟରେ ଗଣ ବଳାତ୍କାର, ଦୁଷ୍କର୍ମ, ବ୍ୟଭିଚାର ଭଳି ଅନେକ ମହିଳା ବିରୋଧୀ ହିଂସାକାଣ୍ଡ ଘଟିଯାଇଛି । କିନ୍ତୁ ସମ୍ବେଦନହୀନ ବିଜେଡି ସରକାର ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ସମେତ କୌଣସି ମନ୍ତ୍ରୀ, ବିଧାୟକ କିମ୍ବା ସାଂସଦ ପୀଡିତାଙ୍କୁ ଭେଟୁନଥିଲେ । ମାତ୍ର ଏବେ ଏହି ଘଟଣାକୁ ନେଇ ହୀନ ରାଜନୀତି କରିବାକୁ ଉଭୟ ବିଜେଡି ଏବଂ କଂଗ୍ରେସ ଦଳ ଉଦ୍ୟମ କରୁଛି । ବିଜେଡି ସରକାରଙ୍କ ଗତ ୨୪ ବର୍ଷର ଶାସନ ସମୟରେ ମହିଳା ବିରୋଧି ହିଂସା ଚରମସୀମାରେ ପହଂଚିଥିଲା। ସେହି ବିଜୁ ଜନତା ଦଳ ଆଜି ମହିଳା ବିରୋଧି ହିଂସା ସମ୍ପର୍କରେ ମନ୍ତବ୍ୟ ଦେବା ଅତ୍ୟନ୍ତ ହାସ୍ୟାସ୍ପଦ ଏବଂ କବି ରବି ସିଂଙ୍କ କବିତା 'ଯାଦୁଆ ବିକୁଛି ଯାଦୁ ମଲମ' ଓ 'ମଦୁଆ କରୁଛି ନିଶା ନିବାରଣ'କୁ ମନେ ପକାଇଦେଉଛି ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।

ଏହି ଅବସରରେ ଅନ୍ୟତମ ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି ଯେ, ଭରତପୁର ଥାନା ଘଟଣାରେ ଦୋଷୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝି କହିବା ପରେ ରାଜନୀତି କରିବା ଉଚିତ୍ ନୁହେଁ। ଏହି ଘଟଣାକୁ ନେଇ ହୀନ ରାଜନୀତି କରୁଥିବା ବିଜେଡି ଓ କଂଗ୍ରେସ ଦଳ ପ୍ରଥମେ ନିଜକୁ ଆଇନାରେ ଦେଖନ୍ତୁ। ଗତ ୨୪ ବର୍ଷ ଧରି ନବୀନ ପଟ୍ଟନାୟକ ଶାସନରେ ଥିଲେ। ସେତେବେଳେ ପୋଲିସଠାରୁ ଆରମ୍ଭ କରି ପୁରା ଶାସନ କଳ ତାଙ୍କ ହାତରେ ଥିଲା। ପରୀ, ମମିତା, ପିହୁ, ସ୍ମିତାରାଣୀ, ବେବିନା, ମାଧବିଲତା, କୁନ୍ଦୁଲି ପୀଡ଼ିତାର ପରିବାରକୁ ନ୍ୟାୟ ମିଳିଲା ନାହିଁ । ଅପରାଧକୁ ପ୍ରୋତ୍ସାହନ ଏବଂ ଅପରାଧୀକୁ ସୁରକ୍ଷା ଦେବାରେ ନବୀନ ବାବୁ ତତ୍ପରତା ଦେଖାଉଥିଲେ । ସେହି ସମୟରେ ନବୀନ ବାବୁ ସକ୍ରିୟ ଭାବ ପ୍ରଦର୍ଶନ କରିଥିଲେ, ଆଜି ଏଭଳି ପରିସ୍ଥିତି ଘଟିନଥାନ୍ତା । ବିଜେଡି ମୁଖିଆ ନବୀନ ବାବୁଙ୍କ ବକ୍ତବ୍ୟ ସଇତାନର ବେଦପାଠ ସଦୃଶ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ନବୀନ ପଟ୍ଟନାୟକ ଓ ତାଙ୍କ ବାପା ୩୫ ବର୍ଷ ଏବଂ କଂଗ୍ରେସ ପରିବାର ୧୫ ବର୍ଷ ଧରି ଓଡ଼ିଶାରେ ଶାସନ କଲେ । ମାତ୍ର ଏହି ୫୦ ବର୍ଷ ମଧ୍ୟରେ ଓଡ଼ିଶାକୁ ସେମାନେ ଲୁଣ୍ଠନ କରି ଚାଲିଥିଲେ। ଏବେ ମାତ୍ର ୧୦୦ ଦିନର ସରକାରକୁ ନେଇ ଟିପ୍ପଣୀ କରୁଥିବା ବିରୋଧି ଦଳଗୁଡ଼ିକ ହୀନମାନସିକତାର ପରିଚୟ ଦେଉଛନ୍ତି ଏବଂ ବିଜେପି ସରକାରକୁ ସହି ନ ପାରି ଏଭଳି ଆନ୍ଦୋଳନ କରୁଛନ୍ତି । ଏହି ଘଟଣାରେ ରାଜନୀତି ନ କରି ଧର୍ଯ୍ୟ ଧରନ୍ତୁ, ପୀଡ଼ିତାଙ୍କୁ ନ୍ୟାୟ ନିଶ୍ଚୟ ମିଳିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

# ସୋଆରେ ନୂତନ ଛାତ୍ରଛାତ୍ରୀଙ୍କ ନିମନ୍ତେ ଓରିଏଣ୍ଟସନ୍ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୨୧।୯ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଂଟ ( ଏସ୍‌ଏଚ୍‌ଏମ୍) ରେ ଗୁରୁବାର ନୂତନ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଓରିଏନ୍‌ଟେସନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରର ନିର୍ଦ୍ଦେଶକ ଶ୍ରୀ ପ୍ରସନ୍ନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ତାଜ୍ ବିଭାନ୍ତ ହୋଟେଲର ଜେନେରାଲ ମ୍ୟାନେଜର ଶ୍ରୀ ଆଶୀର୍ବାଦ ପ୍ରହରାଜ ଓ ଭୁବନେଶ୍ୱର ସ୍ଥିତ ସୈନିକ ସ୍କୁଲ ପ୍ରିନ୍ସିପାଲ୍ କର୍ଣ୍ଣେଲ୍ ବାଲୁଭରତ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏସ୍‌ଏଚ୍‌ଏମ୍‌ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି ସ୍ୱାଗତ ଭାଷଣ ଦେବା ସହିତ ନୂତନ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଏସ୍‌ଏଚ୍‌ଏମ୍‌ର ପ୍ରଫେସର ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ପୌର କର୍ମଚାରୀଙ୍କ ପାଇଁ ନୂତନ ପେନସନ୍ ସିଷ୍ଟମ୍ ବ୍ୟବସ୍ଥା ଉପରେ କର୍ମଶାଳା

**ଭୁବନେଶ୍ୱର,୨୧।୯ (ମହାଭାରତ):** ଭୁବନେଶ୍ୱରର ରାଜ୍ୟ ସହରାଞ୍ଚଳ ବିକାଶ ଏଜେନ୍ସି ର କନଫରେନ୍ସ ହଲରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ର କର୍ମଚାରୀଙ୍କ ପାଇଁ ନୂତନ ପେନସନ୍ ସିଷ୍ଟମ ର କାର୍ଯ୍ୟକାରିତା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି ତାଲିମ କାର୍ଯ୍ୟକ୍ରମଟି ପୌରାଞ୍ଚଳର ପ୍ରମୁଖ ଆର୍ଥିକ କର୍ମଚାରୀଙ୍କ ମଧ୍ୟରେ ନୂତନ ପେନସନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ପୂର୍ବକ ଜ୍ଞାନ ବୃଦ୍ଧି କରିବା, ମ୍ୟୁନିସିପାଲିଟି କର୍ମଚାରୀଙ୍କ ପାଇଁ ପେନସନ୍ ସ୍କିମର ସଠିକ କାର୍ଯ୍ୟକାରିତା ଏବଂ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ଏହି କର୍ମଶାଳାରେ ରାଜ୍ୟର ୫ ଟି ମ୍ୟୁନିସିପାଲ କର୍ପୋରେସନ୍ ଏବଂ ୩୫ ଟି ମ୍ୟୁନିସିପାଲିଟି ସମେତ ୪୦ ଟି ୟୁଏଲ୍ ବି ଆକାଉଣ୍ଟ ଓ ଅନ୍ୟ ସମ୍ପୃକ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ଏହି ବିବିଧ ପ୍ରତିନିଧିତ୍ୱ ୟୁ ଏଲ୍ ବି କର୍ମଚାରୀଙ୍କୁ ପେନ୍‌ସନ୍ ସମ୍ବନ୍ଧୀୟ ଆର୍ଥିକ ବ୍ୟବସ୍ଥାଗୁଡ଼ିକୁ ଦକ୍ଷତାର ସହିତ ପରିଚାଳନା କରିବା ପାଇଁ ଆବଶ୍ୟକ ଜ୍ଞାନ ସହିତ ସେମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା ପୌର ନିର୍ଦ୍ଦେଶକ ଦେବାଶିଷ ସିଂହ କର୍ମଶାଳା ଉଦଘାଟନ କରି ପୌରାଞ୍ଚଳର କର୍ମଚାରୀଙ୍କ ପାଇଁ ଏକ ସ୍ଥାୟୀ ସ୍ୱଚ୍ଛ ପେନସନ୍ ସୁନିଶ୍ଚିତ କରିବାରେ ନୂତନ ପେନ୍ସନ୍ ବ୍ୟବସ୍ଥାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏନ୍ ପି ଏସ୍ କାର୍ଯ୍ୟାନ୍ୱୟନରେ ଦେଖା ଦେଉଥିବା ସମସ୍ୟା ମୁକାବିଲା ପାଇଁ ଏବଂ ଟ୍ରେଜେରୀ ଏବଂ ଯାଞ୍ଚ ନିର୍ଦ୍ଦେଶାଳୟ ସହିତ ନିରନ୍ତର ସମନ୍ୱୟ ରକ୍ଷା କରିବାକୁ ସେ ଅଂଶଗ୍ରହଣକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଅର୍ଥ ପରାମର୍ଶଦାତା ଶିଖା ବିଶ୍ୱାଳ ଏନପିଏସର ପ୍ରମୁଖ ଦିଗ ଉପରେ ଏକ ଅନ୍ତର୍ନିହିତ ଆଲୋକପାତ କରି କର୍ମଚାରୀଙ୍କ ଅବଦାନ ପରିଚାଳନା ତଥା ଉପଯୁକ୍ତ ପାଣ୍ଠି ପରିଚାଳନା ସୁନିଶ୍ଚିତ କରିବାରେ ଆକାଉଣ୍ଟାଣ୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଧ୍ୟାନ ଦେଇଥିଲେ। ସେ ସିଷ୍ଟମର ଆର୍ଥିକ ଜଟିଳତା ଉପରେ ବର୍ଣ୍ଣନା କରି ଅଂଶଗ୍ରହଣକାରୀମାନଙ୍କୁ ପ୍ରାପ୍ତ ଜ୍ଞାନକୁ ଶିଖିବା ଏବଂ ପ୍ରୟୋଗ କରିବାରେ ଏକ ସକ୍ରିୟ ଆଭିମୁଖ୍ୟ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ । ସୁଡା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ ତାଙ୍କ ଅଭିଭାଷଣରେ ନୂତନ ପେନସନ ଯୋଜନା ସୁଗମ କାର୍ଯ୍ୟ ପାଇଁ ପୌରାଞ୍ଚଳ କର୍ମଚାରୀ ମାନଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଛନ୍ତି।

# ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନର ଶୁଭାରମ୍ଭ

**ଭୁବନେଶ୍ୱର,୨୧।୯ (ମହାଭାରତ):** ଜନଜାତିଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ପ୍ରୟାସରେ 'ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ'ର ଶୁଭାରମ୍ଭ ହୋଇଛି । ଏହି ଅଭିଯାନ ଓଡ଼ିଶାର ୨୭ ଟି ଜିଲ୍ଲାର ୨୩୨ ବ୍ଲକର ୭୬୬୭ ଟି ଜନଜାତି ବହୁଳ ଗାଁର ୧୦,୮୫,୬୬୧ ଜନଜାତି ପରିବାରକୁ ଉପକୃତ କରିବ । ପ୍ରଧାନମନ୍ତ୍ରୀଙ୍କ ଏହି ଜନହିତକର ପ୍ରୟାସ ପାଇଁ ଧନ୍ୟବା' ଜଣାଇଛନ୍ତି ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଆମ ରାଜ୍ୟର ମୋଟ୍ ଜନସଂଖ୍ୟାର ୨୨.୮୫ ପ୍ରତିଶତ ହେଉଛନ୍ତି ଜନଜାତି ସମ୍ପ୍ରଦାୟ । ରାଜ୍ୟରେ ୬୪ଟି ଜନଜାତି ସମ୍ପ୍ରଦାୟ ଥିବାବେଳେ ୧୩ ପ୍ରକାର ବିଶେଷ ଭାବେ ଅନୁନ୍ନତ ଜନଜାତି ବା ପିଭିଟିଜି ସମ୍ପ୍ରଦାୟର ଅଟନ୍ତି । ଜନଜାତି ସମ୍ପ୍ରଦାୟକୁ ନିରବଚ୍ଛିନ୍ନ ସେବା ପ୍ରଦାନ କରିବା ସହ ଏକ ସୁସ୍ଥ ଜୀବନଯାପନର ବାତାବରଣ ସୃଷ୍ଟି କରିବା ପାଇଁ ଉଭୟ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ମତ ପ୍ରକାଶ କରିଛନ୍ତି ।

ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ଜନଜାତିଙ୍କ ଉଦ୍ଦେଶ୍ୟରେ ସମର୍ପିତ ଏହି ଅଭିଯାନର ପ୍ରଶଂସା କରି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ଏହି ଅଭିଯାନ ଓଡ଼ିଶାର ଆଦିବାସୀ ବହୁଳ ଅଞ୍ଚଳରେ ପ୍ରଗତି ଆଣିବ । ଉପାନ୍ତ ଅଞ୍ଚଳର ଜନଜାତିମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ସହ ସେମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବ ଏହି ଅଭିଯାନ । ଏହି ଅଭିଯାନ ଅନ୍ତର୍ଗତ ୪ ଟି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି – ଭିତ୍ତିଭୂମିର ବିକାଶ, ଆର୍ଥିକ ସଶକ୍ତିକରଣ, ସମସ୍ତଙ୍କୁ ଉତ୍ତମ ଶିକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟ ସମେତ ସମ୍ମାନଜନକ ବାର୍ଦ୍ଧକ୍ୟ । ଏହି ସମସ୍ତ ୪ ଗୋଟି ଲକ୍ଷ୍ୟକୁ ପୂରଣ କରିବା ଦିଗରେ ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ ନିରନ୍ତର କାର୍ଯ୍ୟ କରିବ ବୋଲି ମତ ପ୍ରକାଶ କରିଛନ୍ତି ମନ୍ତ୍ରୀ ଶ୍ରୀ ଗଣ୍ଡ । 'ପିଏମ-ଜନମନ ଯୋଜନା'ର ସଫଳତାକୁ ଆଧାର କରି ଜନଜାତି ସମୁଦାୟଙ୍କ ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବନଜୀବିକାରେ ଥିବା ସମସ୍ୟାକୁ ଦୂର କରିବା ଉଦେଶ୍ୟରେ ଭାରତ ସରକାର 'ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ'ର ଶୁଭାରମ୍ଭ କରିଛନ୍ତି । ଏହି ଅଭିଯାନରେ ୨୫ ଟି କାର୍ଯ୍ୟକ୍ରମ ସାମିଲ ହେବ ଏବଂ ଏହା ୧୭ ଟି ମନ୍ତ୍ରାଳୟ ତଥା ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେବ ।

# ନିପୁଣ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ

**ଭୁବନେଶ୍ୱର,୨୧।୯ (ମହାଭାରତ):** ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନ ସିଂହ ଯୋଗ ଦେଇ ପିଲାମାନଙ୍କର ଶୈକ୍ଷିକ ଦିଗରେ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ସୁଚାରୁ ରୂପେ କିପରି କାର୍ଯ୍ୟକାରୀ କରାଯାଇ ପାରିବ ସେ ଦିଗରେ ଦୃଷ୍ଟି ଦେବା ପାଇଁ ବାର୍ତ୍ତା ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଉପସ୍ଥିତ ରହି ପ୍ରାଥମିକ ସ୍ତରରେ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଅଭିଭାଷଣ ରଖିଥିଲେ । ଜିଲ୍ଲାପାଳ ଶ୍ରୀ ରାଣା ନିପୁଣ ଓଡ଼ିଶା କାର୍ଯ୍ୟକ୍ରମକୁ ସରକାରଙ୍କର ଏକ ସୁଚିନ୍ତିତ ପଦକ୍ଷେପ କହିବା ସହିତ ବିଦ୍ୟାଳୟ ସ୍ତରରେ ଏହାକୁ ସୁଦୃଢ଼ କରିବା ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନର ସଦସ୍ୟାଙ୍କୁ ନିୟମିତ ଭାବେ ବିଦ୍ୟାଳୟ ପ୍ରତ୍ୟକ୍ଷ ପରିଦର୍ଶନ କରି ଶ୍ରେଣୀ ଗୃହରେ ହସ ଖେଳ ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କ ସହ ବାର୍ତ୍ତାଳାପ କରିବା ପରାମର୍ଶ ଦେଇଥିଲେ । ସେ ନିଜର ବାର୍ତ୍ତାରେ କହିଥିଲେ କି ଅଭିଭାବକ ମାନେ ମୋବାଇଲ୍ ଠାରୁ ଦୂରରେ ରହି ପିଲାମାନଙ୍କର ଆଦ୍ୟ ଶୈଶବ ଶିକ୍ଷାକୁ ଗୁରୁତ୍ୱ ଦେଇ ଶିକ୍ଷଣର ସର୍ବନିମ୍ନ ସ୍ତର ହାସଲରେ ସହାୟକ ହେବେ । ସମାରୋହର ଆରମ୍ଭରେ ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ସ୍ୱାଗତ ଅଭିଭାଷଣ ଦେଇଥିଲେ ଓ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଜିଲ୍ଲାପାଳ ନିପୁଣ ଓଡ଼ିଶା ଲୋଗୋ ବାର୍ତ୍ତା ଓ ନିପୁଣ ସଂଗୀତକୁ ଉନ୍ମୋଚନ କରିଥିଲେ । ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନର ଅଧ୍ୟକ୍ଷ ଡଃ ତାପସ କୁମାର ନାୟକ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଉପସ୍ଥାପନ କରିବା ସହିତ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନର ତିନୋଟି ବିକଶାତ୍ମକ ଲକ୍ଷ୍ୟ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାର୍ଥୀ ହାସଲ କରିବା ଦିଗରେ ଶିକ୍ଷକ, ଶିକ୍ଷାର୍ଥୀ, ଅଭିଭାବକ ତଥା ସାମାଜିକ ବ୍ୟକ୍ତି ବିଶେଷଙ୍କ ମିଳିତ ପ୍ରୟାସ ରେ ସମ୍ଭବ ହୋଇପାରିବ ବୋଲି ମତ ଦେଇଥିଲେ ।

# ବିଏମସି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**ଭୁବନେଶ୍ୱର,୨୧।୯ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ହାଇଟେକ୍ ମେଡିକାଲ କଲେଜ୍ ଓ ହସପିଟାଲର ମିଳିତ ସହଯୋଗରେ ଆଜି ଏକ ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ବିଏମ୍‌ସି ଆଇସିଓଏମ୍ସି ଟାୱାର ପରିସରରେ ଅନୁଷ୍ଠିତ ଏହି ମେଗା ସ୍ୱାସ୍ଥ୍ୟ ଶିବିରରେ ବିଏମ୍‌ସିର ସମସ୍ତ ବରିଷ୍ଠ ଓ କନିଷ୍ଠ ଅଧିକାରୀ, କର୍ମଚାରୀ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ସହଯୋଗରେ ଅନୁଷ୍ଠିତ ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ରକ୍ତ ନମୁନା ପରୀକ୍ଷା ସହ ଡାଏବେଟିସ୍, ଇସିଜି, ସ୍ତ୍ରୀ ଓ ପ୍ରସୂତୀ, ଚକ୍ଷୁ ପରୀକ୍ଷା, ଦାନ୍ତ ପରୀକ୍ଷା ଓ ଚିକିତ୍ସା, ଇସିଜି ଇତ୍ୟାଦି କରାଯାଇଥିଲା । ଏହି ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ ମେୟର ଶ୍ରୀମତୀ ସୁଲୋଚନା ଦାସ । ଏହି ଅବସରରେ ଉପସ୍ଥିତ ଥିଲେ କମିଶନର ରାଜେଶ ପ୍ରଭାକର ପାଟିଲ, ଷ୍ଟାଣ୍ଡିଂ କମିଟିର ସଦସ୍ୟ, ସଦସ୍ୟା, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଡେପୁଟି କମିଶନର ଡକ୍ଟର ମନୋରଂଜନ ସାହୁ, ସହକାରୀ କମିଶନର ଏନ୍. ଗଣେଶ ବାବୁଙ୍କ ସମେତ ବହୁ କର୍ପୋରେଟର ଓ ବିଏମ୍‌ସିର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ବୃନ୍ଦ । ସେବା ପ୍ରଦାନକାରୀ ସଂସ୍ଥା ଭାବେ ବିଏମ୍ସି କର୍ମଚାରୀମାନେ ଦିନରାତି ଲୋକମାନଙ୍କ ପାଇଁ କାମ କରୁଛନ୍ତି । ସେମାନେ ସୁସ୍ଥ ରହିଲେ, ଭୁବନେଶ୍ୱରବାସୀଙ୍କୁ ସ୍ୱଚ୍ଛ ଓ ସୁସ୍ଥ ରଖିବା ପାଇଁ କାମ କରିବେ । ସେଥିପାଇଁ ହାଇଟେକ୍ ମେଡିକାଲ କଲେଜ ଏବଂ ହସ୍ପିଟାଲ ସହଯୋଗରେ ଆଜିଠାରୁ ବିଏମ୍ସି ମୁଖ୍ୟାଳୟ ସହ ୩ଟି ଜୋନ୍‌ରେ ମଧ୍ୟ ଏହିପରି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ୪ ଦିନ ଧରି ଅନୁଷ୍ଠିତ ହେବ । ଏଥିରେ ସ୍ୱଚ୍ଛ କର୍ମୀଙ୍କଠାରୁ ଆରମ୍ଭ କରି ବରିଷ୍ଠ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ । ଭୁବନେଶ୍ୱରକୁ ସ୍ୱଚ୍ଛ ରଖୁଥିବା ଆମର ସମସ୍ତ ସଫେଇ ମିତ୍ର, ସ୍ୱଚ୍ଛକର୍ମୀ ଆଦିଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଭିତ୍ତିରେ ପରୀକ୍ଷା କରାଯିବ । ଜଟିଳ ରୋଗର ଚିକିତ୍ସା ପାଇଁ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ରିହାତିରେ ବିଏମ୍ସି କର୍ମଚାରୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ପ୍ରାରମ୍ଭିକ କଥାବାର୍ତ୍ତା ହୋଇଛି ବୋଲି ସୂଚନା ଦେଇଛନ୍ତି ମେୟର ।

# 'ବିଶ୍ୱସ୍ତରରେ ନିରନ୍ତରତା ପାଇଁ ଇଲେକ୍ଟ୍ରିକାଲ୍ ଟେକ୍ନୋଲୋଜିର ଗୁରୁତ୍ୱପୂର୍ଣ୍ଣ ଭୂମିକା' ଆଲୋଚନା

**ଭୁବନେଶ୍ୱର,୨୧।୯ (ମହାଭାରତ):** "ବୈଦ୍ୟୁତିକ ଶକ୍ତିର ଆବଶ୍ୟକତା ଏବଂ ବ୍ୟବହାର ସାମ୍ପ୍ରତିକ ସମୟରେ ବହୁଗୁଣିତ ହୋଇଛି ଏବଂ ବିଶ୍ୱ ସ୍ତରରେ ସ୍ଥିରତା ତଥା ନିରନ୍ତରତା ଉପରେ ଏହାର ପ୍ରଭାବ ପଡିଛି । ଏହି ପରିପ୍ରେକ୍ଷୀରେ, ଉଚ୍ଚ ନବୀକରଣଯୋଗ୍ୟ ଏକୀକରଣ ସହିତ ମାଇକ୍ରୋଗ୍ରିଡର ବିକାଶ ଭଳି ଅଭିନବ ସମାଧାନ ହେଉଛି ସମୟର ଆବଶ୍ୟକତା ବୋଲି ଆଇଆଇଟି ଭୁବନେଶ୍ୱରର ବୋର୍ଡ୍ ଅଫ୍ ଗଭର୍ଣ୍ଣର୍ସର ଅଧ୍ୟକ୍ଷ ଡକ୍ଟର ରାଜେନ୍ଦ୍ର ପ୍ରସାଦ ସିଂ କହିଛନ୍ତି । ୧୮ ଓ ୧୯ ସେପ୍ଟେମ୍ବର ୨୦୨୪ ରେ ଅନୁଷ୍ଠାନର ଛାତ୍ର, ଅଧ୍ୟାପିକା ଏବଂ କର୍ମଚାରୀମାନଙ୍କୁ ସମ୍ବୋଧିତ କରି ଡକ୍ଟର ସିଂ ବିଶ୍ୱସ୍ତରରେ ନିରନ୍ତରତା ପାଇଁ ଇଲେକ୍ଟ୍ରିକାଲ୍ ଟେକ୍ନୋଲୋଜିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଇଞ୍ଜିନିୟର ଦିବସ ଉପଲକ୍ଷେ ଆୟୋଜିତ ସମାରୋହର ଅଂଶ ଭାବେ ପ୍ରତିଷ୍ଠାନ ଦ୍ୱାରା ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।ଡକ୍ଟର ସିଂ ତାଙ୍କ ସମ୍ବୋଧନରେ ଆଧୁନିକ ସମାଜରେ ବୈଦ୍ୟୁତିକ ଶକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ନିଜର ଜ୍ଞାନ ବାଂଟିଥିଲେ । ହୃତପିଣ୍ଡକୁ ଜେନେରେଟର, ଧମନୀକୁ ଗ୍ରୀଡ୍ ସିଷ୍ଟମ, ରକ୍ତଚାପକୁ ଭୋଲଟେଜ୍, ହୃଦସ୍ପନ୍ଦନକୁ ଫ୍ରିକ୍ୱେନ୍ସି, ମସ୍ତିଷ୍କ ନିୟନ୍ତ୍ରଣ ବ୍ୟବସ୍ଥା ଏବଂ ପେସମେକରକୁ ବ୍ୟାଟେରୀ ସହ ତୁଳନା କରି ସେ ଚମତ୍କାର ଭାବରେ ଦର୍ଶାଇଥିଲେ ଯେ କିପରି ଏକ ବୈଦ୍ୟୁତିକ ଶକ୍ତି ବ୍ୟବସ୍ଥା ମାନବ ଶରୀର ସହିତ ଅନୁରୂପ । ସେ ଜଳବାୟୁ ପରିବର୍ତ୍ତନ, ଜଗତୀକରଣ ଏବଂ ଜନସଂଖ୍ୟା ବୃଦ୍ଧି ଦ୍ୱାରା ସୃଷ୍ଟି ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଆହ୍ୱାନଗୁଡିକ ଉପରେ ଆଲୋକପାତ କରିଥିଲେ, ଯାହା ବୈଦ୍ୟୁତିକ ଶକ୍ତି ବ୍ୟବହାରକୁ ଯଥେଷ୍ଟ ପ୍ରଭାବିତ କରିଥାଏ । ବିଦ୍ୟୁତର ଚାହିଦା ବୃଦ୍ଧିରେ କୋଇଲା ଏବଂ ତୈଳ ଭଣ୍ଡାରର ହ୍ରାସ, ଜଳ ବିଦ୍ୟୁତ୍ ଏବଂ ଆଣବିକ ଶକ୍ତି ପରି ବିକଳ୍ପ ଶକ୍ତି ଉତ୍ସର ବିଭିନ୍ନ ସମସ୍ୟା ଏବଂ କେନ୍ଦ୍ରୀୟ ଉତ୍ପାଦନ ପ୍ରଣାଳୀରୁ ବିଦ୍ୟୁତ୍ ବିତରଣର ମୂଲ୍ୟ ବୃଦ୍ଧିରେ ଆଦିର ଭୂମିକା ସେ ଦର୍ଶାଇଥିଲେ । ଦୁର୍ଗମ ଅଂଚଳକୁ ବିଦ୍ୟୁତ ପ୍ରେରଣର କ୍ରମବର୍ଦ୍ଧିଷ୍ଣୁ ଆହ୍ୱାନ ଏବଂ ବୈଦ୍ୟୁତିକ ବ୍ୟବସ୍ଥାର ବିଶ୍ୱସନୀୟତା ଉପରେ ବଢୁଥିବା ଚିନ୍ତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

# ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦର୍ଶନୀ

**ଭୁବନେଶ୍ୱର,୨୧।୯ (ମହାଭାରତ):** ନୂତନ ସରକାରଙ୍କ ଶାସନଭାର ଗ୍ରହଣ କରିବାର ୧୦୦ ଦିନ ପୂର୍ତ୍ତି ଅବସରରେ ଶ୍ରୀକ୍ଷେତ୍ର ପୁରୀରେ ଆୟୋଜିତ 'ପ୍ରଗତିର ନୂତନ ସୂର୍ଯ୍ୟୋଦୟ' ସମାରୋହ ଅବସରରେ ଓଡିଶା ବିକାଶ ମେଳାରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ସୁସଜ୍ଜିତ ଓ ସୂଚନା ସମ୍ବଳିତ ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦର୍ଶନୀ ନୀଳାଂଚଳ ଅର୍ବାନ୍ ହାଟରେ ଉଦଘାଟିତ ହୋଇଯାଇଛି । ଏହି ପ୍ରଦର୍ଶନୀରେ ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧିୟ ଜନହିତକର ସୂଚନା ପ୍ରଦର୍ଶିତ କରାଯାଇଛି । ପ୍ରଧାନ ମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଯୋଜନା, ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ,ଡେଙ୍ଗୁ ଓ ଡାଇରିଆ ନିରାକରଣ,ନବଜାତ ଶିଶୁର ଯତ୍ନ,ରକ୍ତ ଦାନ, ନିଦାନ,ସହାୟ ଏବଂ ଯୋଗର ଉପକାରିତା ଏହିପରି ଅନେକ ଉପାଦିୟ ସୂଚନା ଏଥିରେ ପ୍ରଦର୍ଶିତ କରାଯାଇଛି । ଟେଲିଭିଜନ ଓ ଡିଜିଟାଲ ମାଧ୍ୟମରେ ମଧ୍ୟ ଅନେକ ସୂଚନାଧର୍ମୀ ଭିଡ଼ିଓ ପ୍ରଦର୍ଶନ କରାଯାଉଛି । ଏହି ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦର୍ଶନୀଟି ଚାରିଦିନଧରି ଅନୁଷ୍ଠିତ ହେବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଆଶୁ ଆରୋଗ୍ୟ କେନ୍ଦ୍ର ମଧ୍ୟ ଏହି ସ୍ଥାନରେ ଖୋଲାଯାଇଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ ବିରଜା ଶଙ୍କର ରଥ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡଃ ଲଲାଟେନ୍ଦୁ ମିଶ୍ର, ପ୍ରଶାସନିକ ଅଧିକାରୀ ଶ୍ରୀମତୀ ଅଞ୍ଜଳି ତରାଇ, ବିତ୍ତ ଅଧିକାରୀ ହିମାଦ୍ରୀ ସାମଲ,ଜିଲ୍ଲା ଜନ ସ୍ୱାସ୍ଥ୍ୟ ସଂଚାର ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଟି ନାରାୟଣ ରାଓ, ଆସିଷ୍ଟାଂଟ ମ୍ୟାନେଜର ମନୋଜ କୁମାର ପଣ୍ଡା ତଥା ରାଜ୍ୟ ଓ ଜିଲ୍ଲା ସ୍ତରୀୟ ସ୍ୱାସ୍ଥ୍ୟ ବିଭାଗ କର୍ମକର୍ତ୍ତା ଏହି ପ୍ରଦର୍ଶନୀରେ ଉପସ୍ଥିତ ରହି ଜନସାଧାରଣଙ୍କୁ ଓଡିଶା ସରକାରଙ୍କ ବିବିଧ ସ୍ୱାସ୍ଥ୍ୟସେବା ଓ ବିଭିନ୍ନ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଅବଗତ କରିଥିଲେ ।

# ମେଣ୍ଟ ରାଜନୀତି

ଜାମ୍ମୁ-କାଶ୍ମୀର ଓ ହରିୟାନା ବିଧାନସଭା ନିର୍ବାଚନ ପାଇଁ ଉଭୟ ଏନଡିଏ ବା ବିଜେପି ଏବଂ କଂଗ୍ରେସ ନେତୃତ୍ୱାଧିନ ବିରୋଧୀ ମେଣ୍ଟ ଏବେ ମୁକାବିଲା ପାଇଁ ପ୍ରସ୍ତୁତ ହେଉଛନ୍ତି। ଜାମ୍ମୁ-କାଶ୍ମୀରରେ କଂଗ୍ରେସ ଫାରୁକ ଅବଦୁଲ୍ଲାଙ୍କ ନେତୃତ୍ୱାଧିନ ନ୍ୟାସନାଲ କନଫରେନ୍ସ ସହିତ ମେଣ୍ଟ କରିବ ବୋଲି ଘୋଷଣା କରିଛି। କିନ୍ତୁ ହରିୟାନାରେ ଦଳ ଏକାକି ଲଢ଼ିବ ବୋଲି ପୂର୍ବରୁ ଘୋଣେ କରିଥିଲେ ମଧ୍ୟ ଏବେ ଆପ ସହ ଆସନ ବୁଝାମଣା ନେଇ ଆଲୋଚନା ଆରମ୍ଭ ହୋଇଛି। ହରିୟାନରେ ଆପର ବିଶେଷ ପ୍ରଭାବ ନାହିଁ। କିନ୍ତୁ ଦିଲ୍ଲୀର ପଡ଼ିଶା ହୋଇଥିବାରୁ ହରିୟାନାରେ ଆପ କିଛି ଭୋଟ ହାତେଇବା ଆଶା କରାଯାଉଛି। ଏହା କଂଗ୍ରେସର କ୍ଷତି କରିବ। କାରଣ ଆପ ହେଉଛି ଏକ ଅଣବିଜେପି ଦଳ ଏବଂ ଏହା ଯେତିକି ଭୋଟ ପାଇବ ତାହା କଂଗ୍ରେସ ଭୋଟକୁ କମାଇବ। ବର୍ତ୍ତମାନ ପରିସ୍ଥିତିରେ କଂଗ୍ରେସ ଆଉ ସାମାନ୍ୟ ରିସ୍କ ନେବାକୁ ଚାହୁଁନି। ମାତ୍ର ୧ ପ୍ରତିଶତ ଭୋଟ ପାଇଁ ଦଳକୁ ପୁଣି କ୍ଷମତା ହରାଇବାକୁ ପଡ଼ିପାରେ। ତେଣୁ ଆପ ସହ ଆସନ ବୁଝାମରା ଲାଗି କଂଗ୍ରେସ ଏବେ ଆଗ୍ରହ ପ୍ରକାଶ କରିଛି। ଏହା କେତେଦୂର ବାସ୍ତବତାରେ ପରିଣତ ହେବ ତାହା ଭିନ୍ନ କଥା। କିନ୍ତୁ କଂଗ୍ରେସ ଏକାକି ଲଢ଼ି ବିଜେପିକୁ ପରାଜିତ କରିବାକୁ ସକ୍ଷମ ନୁହେଁ ବୋଲି ଅନୁଭବ କରୁଥିବା ସ୍ପଷ୍ଟ ହୋଇଯାଇଛି। ଅପେକ୍ଷାକୃତ ଏକ ଛୋଟ ରାଜ୍ୟ ହୋଇଥିଲେ ମଧ୍ୟ ହରିୟାନା ଜାତୀୟ ରାଜନୀତିରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। କାରଣ ଏହା ଉତ୍ତର ଭାରତର ହିନ୍ଦି ଭାଷାଭାଷି ଅଞ୍ଚଳର କେନ୍ଦ୍ର ସ୍ଥଳରେ ରହିଛି। ଦିଲ୍ଲୀ, ୟୁପି, ପଞ୍ଜାବ, ହିମାଚଳ ପ୍ରଦେଶ ଏହାର ସୀମାକୁ ଲାଗିଛି। ହରିୟାନା ରାଜନୀତିର ପ୍ରଭାବ ଦିଲ୍ଲୀରେ ପଡ଼ିଥାଏ। ଅତୀତରେ ଚୌଧୁରୀ ଦେବୀଲାଲଙ୍କ ଭଳି ଜାତୀୟ ସ୍ତରର ନେତା ହରିୟାନାରୁ ଆସି ଦେଶର ଉପ-ପ୍ରଧାନମନ୍ତ୍ରୀ ହୋଇଥିଲେ। ହରିୟାନା ଏକ କୃଷି ପ୍ରଧାନ ଏବଂ ଏକ ସମୃଦ୍ଧ ରାଜ୍ୟ। ହରିୟାନା ଦେଶର ଖାଦ୍ୟ ଭଣ୍ଡାର ଭରିବାରେ ବଡ଼ ଭୂମିକା ନେଇଥାଏ। ଉତ୍ତର ଭାରତର ରାଜନୀତି ଅନେକାଂଶରେ କୃଷକଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ସେ ଦୃଷ୍ଟିରୁ ଉତ୍ତର ଭାରତୀୟ ରାଜନୀତିରେ ହରିୟନାର ବଡ଼ ଭୂମିକା ରହିଛି। ରାଜ୍ୟରେ ଅତୀତରେ କଂଗ୍ରେସ ବନାମ ଦେବୀ ଲାଲଙ୍କ ଦ୍ୱାରା ପ୍ରତିଷ୍ଠିତ ଲୋକ ଦଳ (ଆଇଏନଏଲଡି) ମଧ୍ୟରେ ହେଉଥିଲା। କିନ୍ତୁ ଗତ ଦୁଇ ଦଶନ୍ଧି ହେବ ରାଜ୍ୟରେ ବିଜେପିର ପ୍ରଭାବ ବଢ଼ିଛି ଏବଂ ଏହା ଏବେ ଶାସନ କ୍ଷମତାରେ ରହିଛି। କଂଗ୍ରେସ ମୁଖ୍ୟ ବିରୋଧୀ ଦଳ ହୋଇଥିବା ବେଳେ ଲୋକ ଦଳ ତିନି ଭାଗରେ ବିଭକ୍ତ ହୋଇଛି। ଜେଲରେ ଥିବା ଓମ ପ୍ରକାଶ ଚୌତାଲାଙ୍କ ନେତୃତ୍ୱରେ ଆଇଏନଏଲଡି ରହିଥିବା ଦେବୀ ଲାଲଙ୍କ ନାତି ଦୁଷ୍ୟନ୍ତ ଚୌତାଲାଙ୍କ ନେତୃତ୍ୱରେ ଜନ ନାୟକ ଜନତା ପାର୍ଟୀ (ଜେଜେପି) ରହିଛି। ୨୦୧୪ରେ ପ୍ରଥମ ଥର ପାଇଁ ବିଜେପି ରାଜ୍ୟରେ ଏକାକି ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଠନ କରିଥିଲା। ୯୦ ଆସନ ବିଶିଷ୍ଟ ବିଧାନସଭାରେ ସଂକ୍ୟାଗରିଷ୍ଠତା ନିମନ୍ତେ ମ୍ୟାଜିକ ନମ୍ବର ହେଲା ୪୬। ୨୦୧୯ରେ ବିଜେପି ୪୦ଟି ଆସନ ପାଇଥିଲା। ଏକକ ସଂକ୍ୟାଗରିଷ୍ଠତା ହାସଲ କରିଥିଲେ ମଧ୍ୟ ବିଜେପି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ପାଇପାରିନଥିଲା। ସେତେବେଳେ ଦୁଷ୍ୟନ୍ତ ଚୌତାଲାଙ୍କ ନେତୃତ୍ୱାଧିନ ଜେଜେପି ୧୦ଟି ଆସନ ପାଇଥିଲା। ନିର୍ବାଚନରେ ପରସ୍ପର ବିରୋଧରେ ଲଢ଼ିଥିଲେ ମଧ୍ୟ ବିଜେପି ଓ ଜେଜେପି ପରସ୍ପର ସହ ହାତ ମିଳାଇ କ୍ଷମତା ଅକ୍ତିଆର କରିଥିଲେ।

# କ୍ୟାନସରରୁ ଆରୋଗ୍ୟ ହୋଇପାରିବେ ପିଲା

*"ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ତ୍ରୁଟି ଉପୁଜିଯିବା ସହ ଯନ୍ତ୍ରଣା ପାଇଥାଏ।*

॥ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ॥

ଜନ୍ମରୁ ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଠାରେ କ୍ୟାନସରର ଆଶଙ୍କା ଦିନକୁ ଦିନ ବଢୁଛି। ସେହିକ୍ରମରେ ଡାକ୍ତରୀ ବିଜ୍ଞାନ ମଧ୍ୟ ବୃଦ୍ଧି ପାଉଛି। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ସୂଚିତ ହୋଇଛି ଯେ ପ୍ରତି ବର୍ଷ ବିଶ୍ୱରେ ୧ ଲକ୍ଷ ୫୦ ହଜାର କ୍ୟାନସର ପୀଡ଼ିତ ପିଲାଙ୍କ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୮୦ ପ୍ରତିଶତ ପିଲା ଚିକିତ୍ସା ଦ୍ୱାରା ସୁସ୍ଥ ଜୀବନଯାପନ କରିପାରୁଛନ୍ତି। ତେବେ ଆର୍ଥିକ ଅନଗ୍ରସର ପିଲା ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି ଯାହାଦ୍ୱାରା ପାଖାପାଖି ୯୦ ପ୍ରତିଶତରୁ ଅଧିକ ପିଲା ମୃତ୍ୟୁମୁଖରେ ପଡ଼ନ୍ତି। ଭାରତରେ ପ୍ରତିବର୍ଷ ୫୦ ହଜାର ନୂଆ କ୍ୟାନସର ଶିଶୁରୋଗୀ ଚିହ୍ନଟ ହେଉଛନ୍ତି। ଏମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ପ୍ରତ୍ୟେକ କ୍ୟାନସର ପୀଡ଼ିତ ଶିଶୁ ଓ ବୟସ୍କଙ୍କୁ ସର୍ବୋତ୍ତମ ଓ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି। କ୍ୟାନସର ଚିକିତ୍ସା ଓ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ୧୫ ଫେବୃଆରୀ ତାରିଖରେ ପିଲାଙ୍କ ପାଇଁ ଆନ୍ତର୍ଜାତିକ ଚାଇଲ୍ଡ ହୁଡ୍ କ୍ୟାନସର ଦିବସ ପାଳିତ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ କେତେକ ସାମାଜିକ ଓ ସେବାଭିମୁଖୀ ସଂଗଠନର ମିଳିତ ସହଯୋଗରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା, ଉତ୍ତମ ଚିକିତ୍ସା ଯୋଗାଇବା ଓ ପିଲାଙ୍କ ସହିତ ତାଙ୍କ ପରିବାରକୁ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାର କାର୍ଯ୍ୟକ୍ରମର ସାମିଲ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ବର୍ଷକୁ ବର୍ଷ ପିଲାଙ୍କ ଠାରେ କ୍ୟାନସରର ସମସ୍ୟା ବଢ଼ିବାରେ ଲାଗିଛି। ଯାହାପାଇଁ ସଚେତନତା ନିହାତି ଜରୁରୀ। ପ୍ରାଥମିକ ଚିକିତ୍ସାରୁ ପିଲାଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଅନ୍ୟ ମାନଙ୍କପରି ସାଧାରଣ ଜୀବନ ଯାପନ କରିପାରିବ।

ସାଧାରଣରେ ପିଲାଙ୍କ ଠାରେ ଦେଖା ଦେଉଥିବା କ୍ୟାନସର ଗୁଡ଼ିକ ଭିତରେ ଯେଉଁ ପ୍ରକାର ଭେଦ ରହିଛି ତାହା ଆସନ୍ତୁ ଜାଣିବା। ଅଧିକ ଭାବରେ ପିଲା ବ୍ଲଡ଼ କ୍ୟାନସରରେ ଶିକାର ହୋଇଥାନ୍ତି ଯାହାକି ହ୍ୱାଇଟ ରକ୍ତଶ୍ୱେତକୁ ପ୍ରଭାବିତ କରିବା ସହ ଶରୀରର ବିଭିନ୍ନ ସୁସ୍ଥ କୋଷକୁ ଆକ୍ରାନ୍ତ କରିଥାଏ। ଅନ୍ୟ କୌଣସି ବଡ଼ ରୋଗ ହୋଇଥିବା ସମୟରେ ସଂକ୍ରମଣ ହେଲେ ଏହା ରୋକ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାରୁ ଏହି କ୍ୟାନସର ହୋଇଥାଏ। ଏହାକୁ ଆକ୍ୟୁଟ ଲ୍ୟୁକେମିଆ ବା ବ୍ଲଡକ୍ୟାନସର କୁହାଯାଏ। ସେହିପରି ଦ୍ୱିତୀୟଟି ହେଉଛି ବ୍ରେନ୍ ଟ୍ୟୁମର। ଏହାଦ୍ୱାରା କ୍ୟାନସର ଜୀବାଣୁ ଅଧିକ ଭାବରେ ସକ୍ରିୟ ହୋଇ ସନ୍ନିକଟ କୋଷକୁ ପ୍ରଭାବିତ କରି ପିଲାଟିର ଜୀବନ ପ୍ରତି ସଂକଟ ସୃଷ୍ଟି କରିଥାଏ। ବୟସ୍କଙ୍କ ତୁଳନାରେ ଅଧିକ ଦେଖାଦେଉଥିବା କ୍ୟାନସର ହେଉଛି କିଡ଼ନୀ କ୍ୟାନସର। ତେବେ ଏହା ଖୁବ୍ କମ୍ ଭାବରେ ଦେଖାଯାଏ। ସେହିପରି ଛୋଟ ପିଲା ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାର ବୟସରେ ଦେଖାଯାଉଥିବା ଆଖିର ଟ୍ୟୁମର ଦ୍ୱାରା ଆଇ ଟ୍ୟୁମର କ୍ୟାନସର ଦେଖାଯାଏ। ଏହା ସହଜରେ ଚିକିତ୍ସା ହୋଇପାରେ। ତେବେ ସଠିକ ସମୟରେ ଚିକିତ୍ସା ନହୋଇପାରିଲେ ପିଲାଟିର ଅନ୍ୟ ସୁସ୍ଥ ଅଙ୍ଗକୁ ବ୍ୟାପି ଯାଏ।

ପିଲାଟି କୌଣସି ରୋଗରେ ଦୀର୍ଘଦିନ ଧରି ଆକ୍ରାନ୍ତ ହେଲେ ସେ ତାର ରୋଗ ପ୍ରତିରୋଧକ ଶକ୍ତିକୁ ହରାଇଥାଏ। ଯାହାଦ୍ୱାରା ସଂକ୍ରମଣ ହୋଇ ବ୍ଲଡ଼ କ୍ୟାନସରର ଶିକାର ହୋଇଥାଏ। ସେହିପରି ପିଲାଟି କୌଣସି ରୋଗରେ ଅଧିକ ରାଡିଏସନ୍ ନେଇଥିଲେ ଏହି ରୋଗର ଆଶଙ୍କା ଦେଖାଯାଏ। ଏହାବ୍ୟତୀତ ଜେନେଟିକ୍ ମଧ୍ୟ ଅନ୍ୟ ଏକ କାରଣ। ଜନ୍ମ ସମୟରୁ ପିଲାଟି ମା'ଜିନ୍‌ରୁ ଏହି ଜୀବାଣୁ ତା ଦେହରେ ଦେଖାଯାଏ। ପିଲାମାନଙ୍କର କ୍ୟାନସରର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି କୌଣସି କାରଣ ନଥାଇ ମଧ୍ୟ ଦୁଇ ସପ୍ତାହରୁ ଅଧିକ ଦିନ ଅସୁସ୍ଥ ରହିବା। ଶରୀରର କୌଣସି ଅଙ୍ଗରେ ଆବୁପରି ଦେଖାଯିବା। ତାର ଆଖି ଡୋଳାରେ ଧଳା ଚିହ୍ନ ମାଡିଯିବା ଓ ଅସୁସ୍ଥତା ବା ଥକ୍କା ଅନୁଭବ କରିବା। ପିଲାଟିକୁ ଜ୍ୱର ଲାଗିରହିବା ଓ ଉଦ୍‌ବେଗଜନକ ଭାବେ ଓଜନ କମିଯିବା।

ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ତ୍ରୁଟି ଉପୁଜିଯିବା ସହ ଯନ୍ତ୍ରଣା ପାଇଥାଏ। ବେଳେ ବେଳେ ତାହାର ଖପୁରୀ ସମ୍ବେଦନଶୀଳର ଶିକାର ହୋଇଥାଏ, ରକ୍ତହୀନତା ସହ ରକ୍ତ ଜମାଟ ବାନ୍ଧିଯାଏ ଓ ପରିସ୍ରାନଳୀ ମଧ୍ୟ ତାର ସଂକ୍ରମଣ ଶିକାର ପରି ସମସ୍ୟା ସମ୍ମୁଖୀନ ହୋଇଥାଏ। ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଇନଥାଏ। ଆଉ ଗୋଟିଏ ଚିକିତ୍ସା ପଦ୍ଧତି ହେଉଛି ରାଡ଼ିଏସନ୍ ଏକ୍ସରେ ମାଧ୍ୟମରେ ଚାପ ଦ୍ୱାରା ପିଲାଟିର ଟ୍ୟୁମରକୁ ଛୋଟ କରି ନଷ୍ଟ କରି ଦିଆଯାଇଥାଏ। ଏହା କେମୋ ଥେରାପି ଓ ଅସ୍ତ୍ରୋପଚାର ପୂର୍ବରୁ ଦିଆଯାଇଥାଏ। ରାଡ଼ିଏସନ୍ ଓ କେମୋ ଥେରାପି ଦ୍ୱାରା ପିଲାଟିର ସୁସ୍ଥ କୋଷ ଉପରେ କୌଣସି ପ୍ରଭାବ ପଡ଼ିନଥାଏ ଏହା କେବଳ କ୍ୟାନସର କୋଷକୁ ନଷ୍ଟ କରେ। ଏହାର ପାର୍ଶ୍ୱପ୍ରତିକ୍ରିୟାର ପ୍ରଭାବ କେମୋଥରାପି ଠାରୁ ବହୁତ କମ୍ ହେଲେ ଏହା ପିଲାର ଫୁସ୍‌ଫୁସ୍‌କୁ ସାମାନ୍ୟ ଭାବେ ଦୁର୍ବଳ କରେ। ସେହିପରି କେତେକ କ୍ଷେତ୍ରରେ ଅସ୍ତ୍ରପଚାର ଦ୍ୱାରା ପିଲାମାନଙ୍କର କ୍ୟାନସର ଚିକିତ୍ସା କରାଯାଏ। ପିଲାମାନଙ୍କ ଠାରେ ରକ୍ତକର୍କଟ ପ୍ରାୟତଃ ଦେଖାଯାଏ। ଏହା ବ୍ୟତୀତ ମସ୍ତିଷ୍କ କର୍କଟ, ଲିମ୍ଫୋମା, ବୃକକ୍‌ର କର୍କଟ, ରେଟିନୋବ୍ଲାଷ୍ଟୋମା ଓ ନ୍ୟୁରୋବ୍ଲାଷ୍ଟୋମା ମଧ୍ୟ ଶିଶୁମାନଙ୍କର ଅନ୍ୟତମ ପ୍ରମୁଖ କର୍କଟ ରୋଗ। ହେଲେ ଏସବୁ ଗୁଡ଼ିକ ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ। ସଠିକ୍ ସମୟରେ ଶିଶୁ ଠାରେ କର୍କଟ ଚିହ୍ନଟ ହେଲେ ଏହା ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ।

ପିଲାମାନଙ୍କ ଠାରେ କ୍ୟାନସର କୋଷ ଅଧିକ ସକ୍ରିୟ ରହିଥାଏ। ହେଲେ ପ୍ରାଥମିକ ଓ ଉପଯୁକ୍ତ ଭାବେ ଚିକିତ୍ସା କରାଗଲେ ପିଲାଟି ଶୀଘ୍ର ରୋଗମୁକ୍ତ ହୋଇଥାଏ। ବଡ଼ମାନଙ୍କ କ୍ଷେତ୍ରରେ କ୍ରୋନିକ୍ ଲ୍ୟୁକିମିଆ ବା ଆସ୍ତେ ଆସ୍ତେ ପ୍ରଭାବ ଦେଖାଯାଉଥିବା ବ୍ଲଡ କ୍ୟାନସର ହେଉଥିବାବେଳେ ପିଲାମାନଙ୍କ ଠାରେ ଏକ୍ୟୁଟ୍ ଲ୍ୟୁକିମିଆ ବା ଅଧିକ ଗତିରେ ପ୍ରଭାବ ବିସ୍ତାର କରୁଥିବା ବ୍ଲଡ଼ କ୍ୟାନସର ହୋଇଥାଏ। ପିଲାମାନଙ୍କର ବ୍ଲଡ଼ କ୍ୟାନସରର ସମ୍ପୂର୍ଣ୍ଣ ଓ ସଫଳ ଚିକିତ୍ସା ପାଇଁ ପାଖାପାଖି ତିନିବର୍ଷ ଲାଗୁଥିବାବେଳେ ପିଲାଟି ଚିକିତ୍ସା ପରେ ବର୍ଷେ ପାଖାପାଖି ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରହିବାକୁ ପଡ଼ିଥାଏ। ବୟସ୍କଙ୍କ ତୁଳନାରେ ପିଲାମାନଙ୍କ କ୍ୟାନସର ଚିକିତ୍ସାରେ କମ୍ ଖର୍ଚ୍ଚ ପଡ଼ିଥାଏ। ଚିକିତ୍ସା ବେଳେ ଯେପରି ପିଲାଟି ପାର୍ଶ୍ୱପ୍ରତିକ୍ରିୟାର ଶିକାର ନହୁଏ ସେ କ୍ଷେତ୍ରରେ ସତର୍କତା ଜରୁରୀ। ଚିକିତ୍ସା ପରେ ପିଲାଟି ନିଶ୍ଚିନ୍ତ ସାଧାରଣ ଜୀବନଯାପନ କରିଥାଏ। ହେଲେ ସୁସ୍ଥ ହେବାପରେ ଚିକିତ୍ସକଙ୍କ ନିୟମିତ ଓ ଯୋଜନାବଦ୍ଧ ପରାମର୍ଶ ଆବଶ୍ୟକୀୟ। କେତେକ କ୍ଷେତ୍ରରେ ପିଲାଟି ମା'ବାପା କିମ୍ବା ଜିନ୍‌ଗତ ସମସ୍ୟା ପାଇଁ ଏହାର ଶିକାର ହୋଇଥାଏ। ମନେରଖନ୍ତୁ ଭଗବାନଙ୍କ ସୃଷ୍ଟିରେ ପିଲାଟି ଜଣେ ଅମୃତ ଓ ଆଗାମୀ ଭବିଷ୍ୟତର ସ୍ୱର୍ଣ୍ଣିମ ସୃଷ୍ଟି। ସେଥିପାଇଁ ପିଲାଙ୍କୁ ଦେବଶିଶୁ କୁହାଯାଏ। ଭାରତୀୟ ଆଧ୍ୟାତ୍ମିକ ବିଶ୍ୱାସ ରହେ ଯେ, ଭଗବାନଙ୍କର କଲ୍ୟାଣ ପିଲାମାନଙ୍କ ଠାରେ ସର୍ବଦା ରହିଥାଏ। କ୍ୟାନସର କଥା ଶୁଣିବା ମାତ୍ରେ ପିଲାଟିର ବାପାମା ବା ଅଭିଭାବକମାନେ ଅତ୍ୟଧିକ ଭୟଭୀତ ହୋଇଯାଆନ୍ତି ଯାହାଦ୍ୱାରା ପିଲାଟି ମଧ୍ୟ ମାନସିକ ଭାବରେ ଗୁରୁତର ଅଧୈର୍ଯ୍ୟତାର ଶିକାର ହୋଇଥାଏ। ଏ କ୍ଷେତ୍ରରେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ତଥା ଚିକିତ୍ସକଙ୍କ ପରାମର୍ଶ ଓ ତତ୍ତ୍ୱାବଧାନକୁ ପାଥେୟ କରି ଭାଙ୍ଗି ପଡ଼ନ୍ତୁନାହିଁ। ପ୍ରାଥମିକ ସମୟରୁ ଚିକିତ୍ସା ଜାରି ରଖନ୍ତୁ। ମନେରଖନ୍ତୁ ସରକାର ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଓ ଯଥାର୍ଥ ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ପ୍ରଦାନ କରି ପିଲାମାନଙ୍କ ଠାରୁ କ୍ୟାନସରକୁ ରୋଗମୁକ୍ତ କରିବାପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ସରକାରୀ ସୁବିଧାର ସୁଯୋଗ ନିଅନ୍ତୁ, ଧୈର୍ଯ୍ୟହରା ନହୋଇ ପ୍ରାଥମିକ ଅବସ୍ଥାରୁ ଦୃଢ଼ ମାନସିକତାର ସହ ପରିସ୍ଥିତିକୁ ସମ୍ମୁଖୀନ ହୋଇ ପିଲାଟିକୁ ହିଁ ବିଶ୍ୱାସ ଓ ଭରଷା ଦିଅନ୍ତୁ। ଦେଖିବେ ଆପଣଙ୍କ ପିଲାଟି ରୋଗମୁକ୍ତ ହୋଇ କ୍ୟାନସର ବିଜୟୀ ହେବାସହ ନୂଆ ଜୀବନଯାପନ କରିପାରିବ।

**ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,**
**ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର**

# ଜୀବନର ପ୍ରବାହ

॥ ଅନୀତା ପଟ୍ଟନାୟକ ॥

ଛୋଟ ପିଲା ଦିନେ ଆମ ଘର ଆଗରେ ଗୋଟିଏ ଗଛରେ ଦୁଇଟି ଗୋବରା ଚଢ଼େଇ ରହୁଥିଲେ ଓ ତାଙ୍କ ନୀଡ଼ରେ ଦୁଇଟି ସୁନ୍ଦର ଛୁଆ ଦେଇଥିଲେ। ପକ୍ଷୀ ଦମ୍ପତିଙ୍କର ଫେରିବାର ସମୟ ହେଲେ ଛୁଆ ଚଢ଼େଇ ଗୁଡ଼ିକ ବ୍ୟତିବ୍ୟସ୍ତ ହୋଇ ରାବି ଉଠୁଥିଲେ। ଏହାର ଉଦ୍ଦେଶ୍ୟ ଜାଣିବା ପାଇଁ ମୁଁ ବାପାଙ୍କୁ ପଚାରିବାରୁ ବାପା କହିଲେ ପିଲାଗୁଡ଼ିଙ୍କର ଖାଇବା ସମୟ ହୋଇଯାଇଥିବାରୁ ଚଢ଼େଇ ଦମ୍ପତି ସେମାନଙ୍କର ଥଣ୍ଟରେ ଆଣିଥିବା ଖାଦ୍ୟକୁ ପିଲାମାନଙ୍କୁ ଦେବେ ଓ ସେମାନେ ଶାନ୍ତ ହୋଇ ରହିବେ। ସେ ଦିନ ମୁଁ ଜାଣି ପାରିଲି ଚଢ଼େଇ ଦମ୍ପତି ସକାଳୁ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଆନ୍ତି। ସ୍କୁଲ ଯିବା ବୟସ ହେବାରୁ ଦେଖିଲି ମୋର ପିତାମାତା ଖୁବ ବ୍ୟସ୍ତ ହୋଇ ଘରର ସମସ୍ତଙ୍କ ପାଇଁ ରନ୍ଧାରନ୍ଧି କରି ମତେ ସ୍କୁଲରେ ଛାଡ଼ି ଅଫିସକୁ ଯାଉଥିଲେ ଓ ମୋର ଛୁଟି ହେବାପରେ ମତେ ଘରକୁ ଧରି ଫେରୁଥିଲେ। ବେଶ କିଛିଦିନ ଅନୁଧ୍ୟାନ କରି ଜାଣିଲି ଯେ ମୋର ପିତାମାତା ପିଲାଦିନେ ଦେଖିଥିବା ଚଢ଼େଇ ଦମ୍ପତ୍ତିଙ୍କ ପରି ସବୁଦିନ ଖାଦ୍ୟ ଅନ୍ୱେଷଣରେ ଧାଉଁଛନ୍ତି। ଦିନେ ଦେଖିଲି କଳାଜନ୍ଦାମାନେ ଗୋଟିଏ ଧାଡ଼ି ହୋଇ ସମସ୍ତ ଛୋଟବଡ଼ ଜନ୍ଦା ମା' ରଖିଥିବା ଚିନି ଡବାରୁ ଗୋଟିଏ ଗୋଟିଏ ଚିନିଦାନା ଧରି ଖୁବ ଜୋରରେ ଗୋଟିଏ ଗାତ ଆଡ଼କୁ ଚାଲିଯାଉଛନ୍ତି। ସେ ଦିନ ଜାଣିଲି ଜନ୍ଦା ଓ ପିମ୍ପୁଡ଼ି ମଧ୍ୟ ସବୁଦିନ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଆନ୍ତି। ଆମଘରେ ଥିବା ଗାଈକୁ ବାପା ସକାଳୁ ଖୋଲି ଦିଅନ୍ତି। ସେ ମଧ୍ୟ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଇ ସନ୍ଧ୍ୟାରେ ତାର ବାଛୁରୀ ପାଖକୁ ଫେରିଆସେ। ଦେଖିଲି ସାପ, ମାଙ୍କଡ଼, ବିଲେଇ, ସମସ୍ତେ ଖାଦ୍ୟ ଅନ୍ୱେଷଣରେ ଦିନସାରା ବ୍ୟସ୍ତ।

ଦିନେ ମୁଁ ରାସ୍ତାରେ ଯାଉଥିବା ସମୟରେ ଦେଖିଲି ଅନେକ ସରକାରୀ, ବେସରକାରୀ ଆଧ୍ୟାତ୍ମିକ ସଂସ୍ଥା ଏକ ବା ବିଭିନ୍ନ ପ୍ରକାରର ସେବାକାର୍ଯ୍ୟରେ ଲିପ୍ତ। ଏସବୁ ସେବା ମଧ୍ୟରୁ କେଉଁଟି ସବୁଠାରୁ ଉତ୍ତମ ତାହା ମୋର ଜାଣିବାକୁ ଇଚ୍ଛା ହେଲା। ମା, ବାପା, ଶିକ୍ଷକ ସମସ୍ତେ କହିଲେ ସବୁ ସେବା ସମାନ। ମୋର ମନରେ ପ୍ରଶ୍ନ ଉଠିଲା ଯଦି ସବୁ ସେବା ସମାନ ତେବେ ଏତେ ପ୍ରକାର ସଂସ୍ଥା ଦ୍ୱାରା କାହିଁକି ସେବା କରାଯାଉଛି? ସବୁ ସେବାକାର୍ଯ୍ୟ ସମାନ ଭାବରେ ପବିତ୍ର ଓ ହିତକାରକ କି? ଏପରି ପ୍ରଶ୍ନ ମନରେ ଥିବା ସମୟରେ ମୋର ପିତାଙ୍କ ସହିତ ମୁଁ ଜଣେ ଗେରୁଆ ବସ୍ତ୍ର ପିନ୍ଧିଥିବା ସାଧୁଙ୍କ ପାଖକୁ ଯାଇଥିଲି। ବାପା ଆଶ୍ରମରେ ଅନ୍ୟ ମାନଙ୍କ ସହିତ କଥୋପକଥନ କରୁଥିବା ସମୟରେ ମୁଁ ସାଧୁ ବାବାଙ୍କୁ ମୋର ମନର କଥାକୁ କହିଥିଲି। ସେ ମତେ କହିଥିଲେ କ୍ଷମତା ଲେଭି କ୍ଷମତା ଲୋଭରେ ଯେଉଁ ସେବା କରନ୍ତି ବା ବାଧ୍ୟତାମୂଳକ ଭାବେ ଲୋକ ଦେଖାଣିଆ ପାଇଁ ଯେଉଁ ସେବାକାର୍ଯ୍ୟ କରାଯାଏ ତାହା ଲାଭ ଅପେକ୍ଷା ଅନେକ ହାନିକାରକ ହୋଇଥାଏ। କ୍ଷମତା ଲୋଭୀମାନେ ଯେଉଁ କର୍ମଶାଳା ସେବାର ପ୍ରଶିକ୍ଷଣ ପାଇଁ ଖୋଲିଥାନ୍ତି ତାହା ଦୋକାନ ସଦୃଶ ଦୃଷ୍ଟି ଆକର୍ଷଣ ଓ ସାଜସଜ୍ଜା କରି ଲୋକଙ୍କୁ ଆକୃଷ୍ଟ କରିଥାନ୍ତି। ଧୂର୍ତ୍ତ ପ୍ରଚାରରେ କ୍ଷଣସ୍ଥାୟୀ ଫଳ ମିଳେ ଏହା ପରିବେଶକୁ ନୈରାଶ୍ୟ ଓ ବିଫଳତା ଦିଏ। ମୋର ମୁଣ୍ଡକୁ ଆଉଁସି ଦେଇ ଗୁରୁଦେବ କହିଲେ କୌଣସି ସ୍ୱାର୍ଥ ନଥାଇ ପ୍ରେମପୂର୍ଣ୍ଣ ସେବା କୁ ହିଁ ପ୍ରକୃତ ସେବା କୁହାଯାଏ।

ସେ କହିଲେ ସେବା ପାଇଁ ହୃଦୟରେ ଭାବ, ମସ୍ତିଷ୍କରେ ବୁଦ୍ଧି ଓ ହାତରେ ଶକ୍ତି ଦରକାର। ହୃଦୟରେ ନିଃସ୍ୱାର୍ଥପର ପ୍ରେମ, ବିନମ୍ରତା ଆବଶ୍ୟକ। ଯେତେବେଳେ ମନ, ବୁଦ୍ଧିମତାପୂର୍ଣ୍ଣ ବିଚାରଶକ୍ତି ସହ ସମସ୍ୟା ଓ ତାର ସମାଧାନ ବିଷୟକ ଜ୍ଞାନପାଏ ଓ ହସ୍ତ ଉପଶମକାରୀ ସ୍ପର୍ଶରେ ଆଗ୍ରହ ଓ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସମୟ, ଶକ୍ତି ଓ ଦକ୍ଷତାକୁ ଆନନ୍ଦର ସହ ବିନିଯୋଗ କରେ, ତାହା ସେବାକାର୍ଯ୍ୟରେ ପରିଣତ ହୁଏ। ସେବା ପାଇଁ ଭଗବତ ବିଶ୍ୱାସ ଅନିର୍ବାର୍ଯ୍ୟ। ସବୁ ମଣିଷ ଜୀବଜଗତ ଭଗବାନଙ୍କ ଅଂଶ। ସେମାନଙ୍କର ମୂଳସ୍ଥିତି ଓ ପ୍ରଗତି ସବୁ ଭଗବାନଙ୍କ ଭିତରେ, ଭଗବାନଙ୍କ ଦ୍ୱାରା ଓ ଭଗବାନଙ୍କ ନିମନ୍ତେ ଉଦ୍ଦିଷ୍ଟ ହେବା ଉଚିତ। ସେବା ପାଇଁ ସ୍ୱାର୍ଥଶକ୍ତିରୁ ମୁକ୍ତ ହେବା ଆବଶ୍ୟକ।

ସେ ଦିନ ଜାଣି ପାରିଲି ଇତର ଜଗତର ପ୍ରାଣୀମାନେ ଖାଦ୍ୟ ଅନ୍ୱେଷଣରେ ବାହାରୁଥିଲେ ମଧ୍ୟ ସେମାନଙ୍କର ଚିନ୍ତା ନିଃସ୍ୱାର୍ଥପର କିନ୍ତୁ ମଣିଷର ଖାଦ୍ୟ ଅନ୍ୱେଷଣ ପଛରେ ସ୍ୱାର୍ଥ ନିବିଡ଼ ଭାବରେ ଜଡ଼ିତ। ସେ ମତେ କିଛି ସମୟ ପାଇଁ ତାଙ୍କର ଅଲୌକିକ ଶକ୍ତି ମତେ ଦେଖାଇଥିଲେ। ମୁଁ ଦେଖିଲି ଗୁରୁଦେବ ଓ ମୁଁ କିଛି ସମୟ ପାଇଁ ଆକାଶ ମାର୍ଗରେ ବୁଲୁଚୁ। ତଳେ ପୃଥିବୀରେ ମୋର ସାଙ୍ଗସାଥୀ, ବାପା, ମାଆ, ବନ୍ଧୁବାନ୍ଧବ, ପ୍ରାଣୀଜଗତ ସମସ୍ତେ ଖାଦ୍ୟ ଅନ୍ୱେଷଣରେ ବ୍ୟସ୍ତ ସେ ମତେ କହିଲେ ଜୀବନ ଅର୍ଥ ଖାଦ୍ୟ ଅନ୍ୱେଷଣ ନୁହେଁ, ଏହାଠାରୁ କିଛି ଅଧିକ ମତେ କହିଲେ ଚାଲ ମୋ ସହିତ ଯିବୁ ମୁଁ ତତେ ଜୀବନର ପ୍ରକୃତ ଉଦ୍ଦେଶ୍ୟ ପାଖକୁ ନେଇଯିବି ମୁଁ କହିଲି ମୋ ବିନା ମୋର ପିତାମାତା, ବନ୍ଧୁବାନ୍ଧବ ସମସ୍ତେ ବ୍ୟସ୍ତ ହୋଇପଡ଼ିବେ। ମୋର ଅନେକ କାର୍ଯ୍ୟ ବାକିଅଛି ମତେ ଛାଡ଼ିଦିଅ। ଆଖି ଖୋଲି ଦେଖେ ତ ଗୁରୁଦେବ ଆଖି ବନ୍ଦ କରି ବସିଛନ୍ତି। ଅନେକ ଭକ୍ତ ତାଙ୍କୁ ଘେରି ବସିଛନ୍ତି। ମୋର ବାପା ମୋ ନିକଟରେ ବସିଛନ୍ତି। ଚାରି ଆଡ଼କୁ ଚାହିଁ ଦେଖିଲି ଗୁରୁଦେବଙ୍କ ଛଡ଼ା ମୋ ସହିତ ଆଉ କିଏ କଥାବାର୍ତ୍ତା କରୁଥିଲେ କି? ପ୍ରକୃତିସ୍ଥିତ ଚିତ୍ତରେ ହୃଦୟଙ୍ଗମ କଲି ପ୍ରକୃତରେ ମୋ ସହିତ କଥାବାର୍ତ୍ତା କରୁଥିବା ଲୋକଟି ଗୁରୁଦେବ ନଥିଲେ ମୋ ଭିତରେ ଥିବା କିଛି ଏକ ଚେତନଶକ୍ତି ମୋ ସହିତ କଥାବାର୍ତ୍ତା କରୁଥିଲା। ସେ ମତେ କହିଥିଲା ଜୀବନ କ୍ଷଣ ଭଙ୍ଗୁର, ଖାଦ୍ୟକୁ ଅନ୍ୱେଷଣ ପାଇଁ ଉଦ୍ଦିଷ୍ଟ ନୁହେଁ। ନିଃସ୍ୱାର୍ଥପର ଓ ସେବା ମାଧ୍ୟମରେ ତୁ ମତେ ପାଇ ପାରିବୁ।

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

# ଯେପରି କହୁଛ ସେପରି କର

॥ ଅନୀତା ପଟ୍ଟନାୟକ ॥

ମଣିଷର ଆଶା ହେଉଛି ଏକ ଭାବ, ଯାହାକି ତାର ଜୀବନକୁ ଚଳଚଞ୍ଚଳ କରାଇଥାଏ। ମନୁଷ୍ୟ ଭଲ ଭାବେ ଜାଣିଥାଏ ଯେ ସଂକୁଚିତ ପ୍ରେମ ଅର୍ଥ ପ୍ରେମହୀନତା। ମନୁଷ୍ୟ କଥା, କର୍ମ ଓ ବଚନରେ ସମନ୍ୱୟ ରକ୍ଷା କରିପାରୁନଥିବାରୁ ସେ ଅନ୍ୟମାନଙ୍କ ବିଶ୍ୱସ୍ତ ଓ ପ୍ରିତୀଭାଜନ ହୋଇପାରିନଥାଏ। ଆମ ମାନଙ୍କୁ ଭଗବାନଙ୍କର ଏକ ଆୟୁଧ ହେବାକୁ ପଡ଼ିବ, କାରଣ ସେ ଆମ ମାନଙ୍କ ମଧ୍ୟରେ, ଆମ ମାନଙ୍କ ଦ୍ୱାରା ସଂସାରରେ ସଂସ୍କାର ଆଣିଥାନ୍ତି।

ସଂସ୍କାରବାବୁ ଗୋଟିଏ ସହରରେ ଜଣେ ପରିଚିତ ଓକିଲ ଥିଲେ। ସେ ଭଗବାନଙ୍କର ଭକ୍ତି 'ତୁମେ କେବଳ ନିମିତ୍ତ ହୁଅ ଓ ମୋର ଆୟୁଧ ହୁଅ ଏବଂ ମୁଁ ତୁମ ମାଧ୍ୟମରେ ସଂସାରରେ ସଂସ୍କାର ଆଣିବି'। ଏହାକୁ ଜୀବନର ମୂଳମନ୍ତ୍ର ଧରି ଓକିଲାତି ବୃତ୍ତି କରୁଥିଲେ। ରାଜେଶ ତାଙ୍କର ଏକମାତ୍ର ପୁତ୍ର ପିଲାଦିନେ ଦେଖିଛି ତାର ବାପା କିପରି ପରିଶ୍ରମୀ ଓ ଦୟାଳୁ ଥିଲେ। ଥରେ ରାଜେଶ ତାର ପିତାମାତାଙ୍କ ସହିତ ଫୁଲବାଣୀର ଏକ ପର୍ଯ୍ୟଟନସ୍ଥଳୀକୁ ବୁଲି ଯାଇଥିଲା। ସେ ଓ ତାର ମାଆ ଜଙ୍ଗଲର ଶୋଭା ଓ ଫୁଲର ସୁଗନ୍ଧକୁ ଦେଖି ଓ ବାରି ଖୁସି ହେଉଥିବା ସମୟରେ ସଂସ୍କାର ବାବୁ କିଛି ସମୟ ପାଇଁ ହଜିଯାଇଥିଲେ। କିଛି ସମୟ ପରେ ସେ ରାଜେଶ ଓ ତାର ମାଆ ପାଖକୁ ଫେରିବାରୁ ରାଜେଶର ମାଆ 'ତୁମେ କୁଆଡ଼େ ଯାଇଥିଲ' ବୋଲି ପ୍ରଶ୍ନ କରିଥିଲେ। ସଂସ୍କାର ବାବୁ କହିଥିଲେ, ତୁମ ମାନଙ୍କ ଠାରୁ ଦୂରେଇ ଯାଇ କିଛି ବାଟ ଯିବା ପରେ ଦେଖିଲି ଗତକାଲିର ଭୀଷଣ ବର୍ଷା ଓ ପବନରେ ଦୁଇଟି ଚଢ଼େଇ ଛୁଆ ମାଟିରେ ପଡ଼ିଛନ୍ତି। ସେମାନଙ୍କର ନୀଡ଼ ଭାଙ୍ଗି ଯାଇଛି। ସେହି ଦୁଇଟି ପକ୍ଷୀଙ୍କୁ ଉଠାଇ ଗଛରେ ଝୁଲୁଥିବା ଆଉ ଏକ ନୀଡ଼ରେ ସେମାନଙ୍କୁ ପୁନଃ ପ୍ରତିଷ୍ଠା କରିବା ପାଇଁ କିଛି ସମୟ ଲାଗିଗଲା। ସେଥିପାଇଁ ମୋର ତୁମ ମାନଙ୍କ ପାଖକୁ ଫେରିବାକୁ ଡେରିହେଲା। ସଂସ୍କାର ବାବୁ ରାଜେଶଙ୍କୁ ସବୁବେଳେ ସତ କହିବା ପାଇଁ, ଚୋରି ନକରିବା ପାଇଁ ଶିକ୍ଷା ଦେଉଥିଲେ। ସେ କହୁଥିଲେ ମଣିଷ ତାର ଆଶାକୁ ନେଇ ବଞ୍ଚେ। ଆଶା ଆମର ଜୀବନକୁ ଚଳଚଞ୍ଚଳ କରୁଥିଲେ ମଧ୍ୟ ଆମର ଆଶାକୁ ପୂରଣ କରିବାକୁ ଯାଇ ଆମେ ଅନ୍ୟ କାହାର କ୍ଷତି କରିବା ଉଚିତ ନୁହେଁ। ଆମେ ବିଶ୍ୱସ୍ତ ହେବା ରାଜକୀୟ ନୁହେଁ ଇତ୍ୟାଦି ଇତ୍ୟାଦି। ଦିନେ ରାଜେଶ ତାର ବାପାଙ୍କ ସହ ଗୋଟିଏ ତେଜରାତି ଦୋକାନକୁ ବୁଲିଯାଇଥିବା ସମୟରେ ସମସ୍ତଙ୍କର ଅଲକ୍ଷ୍ୟରେ ଗୋଟିଏ ସୁନ୍ଦର ଗୋଲାକାର ଆଳୁଟିଏ ଉଠାଇ ଆଣିଥିଲା। ମାଆ ଏହାକୁ ଦେଖି ପାଟି କରିବାରୁ ବାପା ତାକୁ ଟାଣି ଟାଣି ନେଇ ଦୋକାନରେ ଆଳୁଟିକୁ ଫେରାଇଥିଲେ ଓ ରାଜେଶକୁ ଦୋକାନ ମାଲିକଙ୍କୁ କ୍ଷମା ମାଗିବାକୁ କହିଥିଲେ। ତେଣୁ ରାଜେଶର ପିଲା ଦିନର ଆଖିରେ ତାର ବାପା ଥିଲେ ନ୍ୟାୟବନ୍ତ, ଦୟାଳୁ, ସତ୍ୟବନ୍ତ ଓ ବିଶ୍ୱସ୍ତ। ସେ ଭାବୁଥିଲା ତାର ବାପା ସମସ୍ତଙ୍କୁ ପ୍ରେମ କରନ୍ତି ଓ ସେ ସଙ୍କୁଚିତ ପ୍ରେମରେ ବିଶ୍ୱାସ ରଖନ୍ତି ନାହିଁ। ତେଣୁ ସେ ବଡ଼ ହୋଇ ଓକିଲାତି ଶିକ୍ଷାକରି ବଡ଼ ଓକିଲ ହେବା ପାଇଁ ମନରେ ସ୍ଥିର କରିନେଲା। କିନ୍ତୁ ଏ କ'ଣ? ବଡ଼ ହୋଇ ସେ ଦେଖିଲା ତାର ବାପାଙ୍କର କଥା, କର୍ମ ଓ ବଚନରେ ସମନ୍ୱତା ନାହିଁ। ଦିନେ ସହରର ଜଣେ ଧନୀ ବ୍ୟକ୍ତି ରାଜେଶର ବାପାଙ୍କୁ ପୁଳାଏ ଟଙ୍କା ଦେଇ ଧନ୍ୟବାଦ ଅର୍ପଣ କଲେ। କାରଣ ସଂସ୍କାର ବାବୁ ଗୋଟିଏ ବିଧବା ବୁଢ଼ୀର ସମ୍ପତ୍ତିକୁ ଉକ୍ତ ଧନୀକବ୍ୟକ୍ତିଙ୍କର ନାମରେ ବିଚାରାଳୟରେ କରାଇ ପାରିଥିଲେ। ଧନୀକ ବ୍ୟକ୍ତି ଉକ୍ତ ବିଧବା ବୁଢ଼ୀର ଯାଗାରେ ବ୍ୟାଙ୍କରୁ ଋଣ ନେଇ ଗୋଟିଏ ସୁନ୍ଦର ହୋଟେଲ ତିଆରି କରିବାକୁ ଯୋଜନା କରିଥିଲେ। ରାଜେଶ ଭାବୁଥିଲା ଏ କ'ଣ ମୋର ସେଇ ପିତା ଯେ ଦିନେ ଫୁଲବାଣୀ ଜଙ୍ଗଲରେ ନୀଡ଼ରୁ ଖସି ପଡ଼ିଥିବା ପକ୍ଷୀ ମାନଙ୍କୁ ଏକ ନୀଡ଼କୁ ଫେରାଇ ଦେଇ ପାରିଥିଲେ। ସଂସ୍କାର ବାବୁ କିଛି ଦିନ ପରେ ସତମିଛ କହି ଯୋଗାଡ଼ କରିଥିବା ଟଙ୍କାରେ ଏକ ଦାମୀକାର କିଣିଥିଲେ ଓ ରାଜେଶକୁ କହିଥିଲେ ତୋର ଓକିଲାତି ଜୀବନର ଆରମ୍ଭରେ ମୋ ତରଫରୁ ତୋ ପାଇଁ ଏକ ଉପହାର। ରାଜେଶ ଭାବିଲା ବାପା ମୋର ବିଶ୍ୱସ୍ତ ନା ରାଜକୀୟ ଯଦି ସେ ବିଶ୍ୱସ୍ତ ତେବେ କାହାର ସେ ବିଶ୍ୱସ୍ତ? ତାଙ୍କର କେଉଁ ଆଶା ତାଙ୍କର ଜୀବନକୁ ଚଳଚଞ୍ଚଳ କରାଉଛି? ସେ ଜାଣିପାରିଲା ତାର ବାପା ଯାହା କୁହନ୍ତି, ଯାହା ଚିନ୍ତା କରନ୍ତି ତାକୁ ସେ କାର୍ଯ୍ୟରେ ପରିଣତ କରାନ୍ତି ନାହିଁ। ସେ ବଡ଼ ଓକିଲ ହୋଇପାରନ୍ତି କିନ୍ତୁ ସେ ଜଣେ ଖଚୁଆ, ମିଛୁଆ ଓ ପଇସା ରୋଜଗାର କରୁଥିବା ଏକ ମେସିନ।

ଦିନେ ଏହାର ଉତ୍ତର ପାଇବା ପାଇଁ ରାଜେଶ ବାପାଙ୍କ ଆଗରେ ଆସି କହିଲା ମୁଁ ଏପରି ବ୍ୟବସାୟ କରି ପାରିବି ନାହିଁ। ତୁମେ ମତେ ସତ୍ୟପଥରେ ଚାଲିବା ପାଇଁ ପିଲାଦିନୁ ଶିଖାଇଥିଲ କିନ୍ତୁ ଏ ବ୍ୟବସାୟ ସଂପୂର୍ଣ୍ଣ ଓଲଟା। ବାପା ରାଜେଶକୁ କହିଲେ 'ଯେଉଁମାନେ ସତ୍ୟଧର୍ମ ଅହିଂସା ପଥରେ ଚାଲନ୍ତି, ସେମାନେ ଆଣ୍ଠୁ ଲୁଚୁନଥିବା ଧୋତି ପରିଧାନ କରି ଖାଲି ଦେହରେ ତୃତୀୟ ଶ୍ରେଣୀ ଡବାରେ ଟ୍ରେନରେ ଯାତ୍ରା କରନ୍ତି। ସେମାନେ ବିରାଟ ମଣିଷ ହୋଇପାରନ୍ତି କିନ୍ତୁ ଓକିଲାତି ପାଇଁ ନୁହେଁ। ଓକିଲାତି ଏକ ବ୍ୟବସାୟ। ମାଂସ କଟାଳୀ ଯେପରି ଜୀବକୁ ହତ୍ୟାକରି ଏହାକୁ ମହାପାପ ବୋଲି ଜାଣି ମଧ୍ୟ ସେ ତାର ପରିବାର ପ୍ରତିପୋଷଣ କରିଥାଏ। ସେହିପରି ଓକିଲାତିରେ ଦୁଇଟି ପକ୍ଷ ଥାନ୍ତି। ଜଣେ ମିଛ କୁହେ ଜଣେ ସତ କୁହେ ସେ ସତ ମିଛ ମଧ୍ୟରୁ ସତ ବାଛିବାର ଦାୟିତ୍ୱ ବିଚାରପତିଙ୍କର। ଓକିଲ ତାର ପେଶା ଓ ପକ୍ଷ ପାଇଁ ଆଇନଟିକୁ ତା ସପକ୍ଷରେ ବାଢ଼ି ଥାଏ। ଏସବୁ ଶୁଣିବା ପରେ ରାଜେଶର ମନ ଏଥିରେ ବୁଝି ନଥିଲା। ତାର କାନରେ ସ୍କୁଲ ଦିନର ପ୍ରାର୍ଥନା 'ସତ୍ୟ ପଥେ ଧର୍ମ ପଥେ ଘେନି ଯାଅ ମତେ, ଉଷାଅ ପରାଣ ମୋର ତବ ପ୍ରେମ ସ୍ରୋତେ ଝଙ୍କୁରିତ ହେବାକୁ ଲାଗିଲା। ତାର ଭକ୍ତିମତୀ ମାଆ ଘରେ ଠାକୁରଙ୍କ ପାଖେ ହାତଯୋଡ଼ାଇ ତାକୁ କିପରି ଶିକ୍ଷା ଦେଇଥିଲେ ଯେ 'ଯାହା ମୁଁ କହଇ, ଯାହା ମୁଁ କରାଇ ଯାହା ମୁଁ ଚିନ୍ତଇ ମନେ, ଜଗତର କର୍ତ୍ତା ପରମେଶ୍ୱର ଜାଣୁଛନ୍ତି ପ୍ରତିକ୍ଷଣେ। ତାର ମନେ ପଡ଼ିଲା ଏହାମଧ୍ୟ ତାର ମନେପଡ଼ିଲା ତାକୁ କିପରି ପିଲାଦିନେ ଶିକ୍ଷା ଦିଆଯାଇଥିଲା। 'ମତେ ଏତିକି ଶିଖାଅ ସାଇଁ ହେ ମୋର ଧନଜନ ଲୋଡ଼ା ନାହିଁ ହେ'। ତେଣୁ ସେ ଓକିଲାତି ନକରିବା ପାଇଁ ଦୃଢ଼ ସିଦ୍ଧାନ୍ତ ନେଲା ଓ ଏକ ବିଚାରପତି ହେବ ବୋଲି ତାର ବାପାଙ୍କୁ ରୋକଠୋକ ଶୁଣାଇ ଦେଲା। ବାପା ଅବାକ ହୋଇ ଆକାଶକୁ ଚାହିଁ ରହିଲେ। ପୁରୁଣା ବଙ୍ଗାଳୀ କବିତାଟିଏ ତାଙ୍କର ମନେ ପଡ଼ିଲା 'ତୁମି ଏକଲା ଚଲୋରେ'।

ଦୂରଭାଷ : ୯୬୯୨୯୮୦୦୨୬



ମହାଭାରତ

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






୬୧୧।

## ଆଇନ ସଚେତନତା ଶିବିର ପାଳିତ



କେନ୍ଦ୍ରାପଡ଼ା,(ମହାଭାରତ): କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଦିନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ପ୍ରାଧିକରଣର ସଚିବ ସୁମିତ୍ରା ସାହୁ ଯୋଗଦେଇ ଆଇନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଏସିଡ୍ ପୀଡିତାଙ୍କ ଉପରେ ବିଭିନ୍ନ ପ୍ରକାର ଆଇନ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋକପାତ କରିଥିଲେ । ତତ୍‌ସହିତ ଏହି ପୀଡିତାଙ୍କ ନିମନ୍ତେ ନାଲ୍‌ସା ଗାଇଡ୍‌ଲାଇନ ଅନୁସାରେ କ୍ଷତିପୂରଣ ରାଶି ରାଜ୍ୟ ସରକାରଙ୍କ ତରଫରୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତ□ାବଧାନରେ କିପରି ପ୍ରଦାନ କରାଯିବ ସେ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିଥିଲେ । ଏହି ଶିବିରରେ ଡିଏସ୍‌ପି ସରିତା ମହାପାତ୍ର, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡଃ ସଚିଦାନନ୍ଦ ମିଶ୍ର, ଆଇନ ମହାବିଦ୍ୟାଳୟର ଅଧକ୍ଷ ଡଃ ରବିନ୍ଦ୍ର କୁମାର ବଳ, ଜିଲ୍ଲା ଶିଶୁ ସଂଗଠନ ସୁରକ୍ଷା ପୂର୍ବତନ ଅଧକ୍ଷ ଭଗବତ ପ୍ରସାଦ ଦାସ, ଅଧ୍ୟାପକ ରାଜକିଶୋର ମହାନ୍ତି, ଅଧ୍ୟାପିକା ସସ୍ମିତା ସେଠୀ ପ୍ରମୁଖ ଉପସ୍ଥିତ ରହି ଏହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ତତ୍‌ସହିତ ପିଲାମାନଙ୍କୁ ବହୁ ଉପାଦେୟ ପରାମର୍ଶମାନ ଦେଇଥିଲେ । ଏହି ଶିବିରରେ ପ୍ରାଧିକରଣର କର୍ମଚାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, ଦୀପକ କୁମାର ମହାନ୍ତି, ପାରାଲିଗାଲ ଭଲ୍ୟୁଏଣ୍ଟର ମନ୍ମଥ ସାମନ୍ତରାୟ, ତପସ୍ୱିନୀ ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ ।

## ପାଟଣାକୁ ଉପଖଣ୍ଡ ମାନ୍ୟତା ନେଇ ମୁଖ୍ୟମନ୍ତ୍ରୀ ଙ୍କୁ ଦାବିପତ୍ର



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ର ପାଟଣା ମୁଖ୍ୟାଳୟ କୁ ଠାରେ ଉପଖଣ୍ଡ ଘୋଷଣା ପାଇଁ ମୁଖ୍ୟମନ୍ତ୍ରୀ ଙ୍କ ପାଖରେ ଦାବି ହୋଇଛି ।ଆଜି ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ କେନ୍ଦୁଝର ସର୍କିଟ ହାଉସରେ ପାଟଣା ଓ ସାହାରପଡା ବିକାଶ ମଞ୍ଚର ଏବଂ ଦୁଇ ବ୍ଲକର ଲୋକ ପ୍ରତିନିଧି ବୁଦ୍ଧିଜୀବୀ ଓ ରାଜନୈତିକ ଦଳର ରାଜନେତାଙ୍କ ଦସ୍ତଖତ ସହ ଦାବିପତ୍ରକୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ପ୍ରଦାନ କରାଯାଇଥିଲା । ଏହି ଦାବିପତ୍ର କୁ ମୁଖ୍ୟମନ୍ତ୍ରୀ ମାଝି ଗ୍ରହଣ କରିବା ସହ ଏହା ବିଚାର କରାଯିବ ବୋଲି ପ୍ରତିଶୃତି ଦେଇଥିବା ପାଟଣା ସାହାରପଡା ବିକାଶ ମ□ ପକ୍ଷରୁ ସୂଚନା ଦିଆଯାଇଛି । ଏଥିରେ ବିକାଶ ମଞ୍ଚର ସଭାପତି ସମାଜସେବୀ ଇଂ ବିଦ୍ୟାଧର ଦାଶ ଅଜୟ କୁମାର ଦାଶ ବିଜୟ ରଉ ପତି ଙ୍କ ସହ ପାଟଣା ବ୍ଲକ ଅଧକ୍ଷା ସୁକାନ୍ତି ନାଏକ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାଧାକାନ୍ତ ମହାନ୍ତ, କଂଗ୍ରେସ ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ ପାଟଣା ସାହାରପଡ଼ା ବିକାଶ ମଞ୍ଚର ଯୁଗଳ କିଶୋର ଦାଶ ଜିଲାପରିଷଦ ସଦସ୍ୟ ପ୍ରଫୁଲ୍ଲ ନାଏକ ସାହାର ପଡା ବ୍ଲକ ପୂର୍ବତନ ଅଧକ୍ଷ ଗୌତମ ନାଏକ ରବୀନ୍ଦ୍ର ନାଏକ ଲକ୍ଷ୍ମଣ କୁମାର ଦାଶ ଦୁର୍ଗା ଚରଣ ନାୟକ ଯାଇଥିଲେ ।

## ସଡକ ଦୁର୍ଘଟଣାରେ ଦୁଇଭଉଣୀ ମୃତ,ମା ଗୁରୁତର

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ଏକ ମର୍ମନ୍ତୁଦ ଟ୍ରକ ଦୁର୍ଘଟଣାରେ ଦୁଇ ଭଉଣୀଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବାବେଳେ ସେମାନଙ୍କ ମା ଗୁରୁତର ଆହତ ହୋଇଛନ୍ତି ।ଖବରରୁ ପ୍ରକାଶ ଆଜି ସନ୍ଧ୍ୟା ୬ଘଣ୍ଟା ସମୟରେ ହିନ୍ଦୋଳ ବ୍ଲକ ରାସୋଳ ଥାନା ଅନ୍ତର୍ଗତ ଗଣ୍ଡାନାଳି ପଂଚାୟତର ଚନ୍ଦନ ଖଟୁଆଙ୍କ ସ୍ତ୍ରୀ ନମିତା ଖଟୁଆ ନିଜ ଦୁଇଝିଅ ଚିନ୍ମୟୀ ପ୍ରିୟଦର୍ଶନୀ(୧୧) ଓ ଅନନ୍ୟା ପ୍ରିୟଦର୍ଶନୀ (୮) ଙ୍କୁ ନିଜ ସ୍କୁଟି ନଂ ଓଡ଼ି୦୬କେ୬୦୩୮(ଡ଼ଓ୦୬ଲ୬୦୩୮)ରେ ରାସୋଳ ତେଲିଭୂଇଁ ଅଞ୍ଚଳକୁ କୌଣସି କାର୍ଯ୍ୟରେ ଆସୁଥିବା ବେଳେ ସୁକିଆବାଉତି ମନ୍ଦିର ନିକଟ ପେଟ୍ରୋଲ ଟାଙ୍କି ନିକଟରେ ବେପାରବାୟ ଡ୍ରାଇଭର ଚଳାଉଥିବା ଏକ ଦଶଚକିଆ ଟ୍ରକ ନଂ ସିଜି୦୭ସିଟି୪୫୪୮(ଉଏ୦୭ଉଙ୍କ୪୫୪୮) ମା ଓ ଦୁଇଝିଅଙ୍କୁ ଖୁବ ଜୋରରେ ଧକ୍କା ଦେଇଥିଲା ଫଳରେ ମା ନମିତା ଖଟୁଆ ସ୍କୁଟିରୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିବାବେଳେ ଦୁଇଝିଅ ଙ୍କୁ ଟ୍ରକ ଚାପି ଦେଇଥିଲା ଫଳରେ ଦୁଇ ଭଉଣୀଙ୍କ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିଲେ । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ମୃତ ଦୁଇ ଭଉଣୀଙ୍କ ଶରୀର ଛାନଭିନ ହୋଇ ଟିକଟିକ ହୋଇ ଖଣ୍ଡ ଖଣ୍ଡ ହୋଇଯିବା ସହ ମାଂସ ପିଣ୍ଡୁଳା ପାଲଟି ଯାଇଛି ଯାହା କି ହୃଦୟ ବିଦାରକ ।ଖବର ପାଇ ସ୍ଥାନୀୟ ଜନସାଧାରଣ ରାସୋଳ ପୋଲିସ ଓ ଦମକଳବାହିନୀ କୁ ଖବର ଦେବାରେ ତୁରନ୍ତ ଆହତ ନମିତାଙ୍କୁ ହିନ୍ଦୋଳ ଡାକ୍ତରଖାନା ଅଗ୍ନିଶମ ବାହିନୀ ଗାଡ଼ିରେ ଆଣିଥିଲେ । ଗୁରୁତର ନମିତାଙ୍କ ଚିକିତ୍ସା ଜାରି ରହିଥିବାବେଳେ ମୃତ ଦୁଇ ଭଉଣୀଙ୍କ ମୃତ ଶରୀର ପଡ଼ି ରହିଥିବା ଜଣାପଡିଛି ।ଦୁର୍ଘଟଣା ଘଟିବା ଖବର ପାଇ ସ୍ଥାନୀୟ ଉତ୍ୟକ୍ତ ଜନସାଧାରଣ ଘଟଣା ସ୍ଥଳରେ ଘଟଣା ସ୍ଥଳରେ ରାସ୍ତାରୋକ ଆନ୍ଦୋଳନ ଜାରି ରଖିବା ସହ ରାସ୍ତା ଅବରୋଧ କରିଥିବା ଜଣା ପଡିଛି କ୍ଷରାସୋଳ ପୋଲିସ ପହଂଚି ଟ୍ରକ ଡ୍ରାଇଭର କୁ ଅଟକ ରଖିବା ସହ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟି ଓ ଶବ ଜବତ କରି ଛାନଭିନ କରିବା ସହ ତଦନ୍ତ କରୁଛି । ସ୍ଥାନୀୟ ଅଞ୍ଚଳରେ ଏଭଳି ହୃଦୟବିଦାରକ ଦୁର୍ଘଟଣାରେ ହତାବାକ ହୋଇଯିବା ସହ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

## ଦେବଗଡ଼ ଜିଲ୍ଲାରେ ନିପୁଣ ଓଡ଼ିଶା ମିଶନ ଉନ୍ମୋଚିତ



ଦେବଗଡ(ମହାଭାରତ): ଜ଼ିଲ୍ଲା ପ୍ରଶାସନ ଓ ସମଗ୍ର ସମଗ୍ର ଶିକ୍ଷା ମିଳିତ ଆନୁକୂଲ୍ୟରେ ଆଜି ପୂର୍ବାହ୍ନ ରେ ଜ଼ିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ରେ ନିପୁଣ ଓଡିଶା ମିଶନ ଜ଼ିଲ୍ଲା ସ୍ତରୀୟ ଶୁଭ ଉନ୍ମୋଚନ ହୋଇଯାଇଅଛି । ଜ଼ିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ରେ ଜ଼ିଲ୍ଲାପରିଷଦ ଅଧକ୍ଷ କୌଶିକ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟତମ ସଂମ୍ମାନିତ ଅତିଥି ଭାବେ ପୌର ପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ଜ଼ିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଜ଼ିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ର ଅଧକ୍ଷ ସନ୍ତୋଷ କୁମାର ଗୌଡ଼, ଅତିରିକ୍ତ ଜ଼ିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ ପ୍ରମୁଖ ମଂଚସୀନ ଥିଲେ ।ପ୍ରାଥମିକ ସ୍ତର ରେ ଛାତ୍ର ଛାତ୍ରୀ ମାନଙ୍କ ମୂଳଦୁଆ ସୁଦୃଢ ହେଲେ ସେମାନଙ୍କ ମଧ୍ୟରେ ଭାଷା ଓ ଗଣିତ କ୍ଷେତ୍ର ରେ ସର୍ବନିମ୍ନ ଦକ୍ଷତା ଗୁଡିକ ସୁନିଶ୍ଚିତ ହେବା ସହିତ ସେମାନେ ଚିନ୍ତନ, ସମସ୍ୟା ସମାଧାନ, ନିର୍ଣ୍ଣୟ କରିବାର କୌଶଳ ଓ ଦକ୍ଷତା ବୃଦ୍ଧି ପାଇବାରେ ସହାୟକ ହୋଇଥାନ୍ତି । ଏହା ଫଳରେ ଛାତ୍ର ଛାତ୍ରୀ ମାନେ ଭବିଷ୍ୟତ ରେ ଉଚ୍ଚତର ଦକ୍ଷତା ଗୁଡିକ ସହଜ ରେ ହାସଲ କରିଥାନ୍ତି ଓ ଅଧିକ ସୃଜନଶୀଳ ହୋଇଥାନ୍ତି ।ନିପୁଣ ଓଡିଶା ମିଶନ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ କୁ ଅଧିକ ତ୍ୱରାନ୍ୱିତ କରିବା ସହ ଏହାକୁ ସଫଳ ଭାବେ ରୂପାୟନ ନିମନ୍ତେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସି. ଆର. ସି. ସି., ଓ ସମସ୍ତ ଶିକ୍ଷା ଅଧିକାରୀ ମାନଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି ଅତିଥି ମାନେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଅତିଥି ଅଧିକାରୀ ମାନଙ୍କ ଦ୍ୱାରା ନିପୁଣ ଓଡିଶା ଲିଫଲେଟ, ଲୋଗୋ, ଗୀତ ର ଶୁଭ ଉନ୍ମୋଚନ କରାଯାଇଥିଲା । ଅତିରିକ୍ତ ଜ଼ିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭ ରେ ଟାଉନ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ଗୀତ ଓ ଶେଷରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । କାର୍ଯ୍ୟକ୍ରମ ରେ ଜ଼ିଲ୍ଲା ମଙ୍ଗଳ ଅଧିକାରୀ ବିଭୁ ରଞ୍ଜନ ମହାନ୍ତି, ଜ଼ିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଏଚ. ଏ. ଡି. ଟି ଓ ଆବହନ ଟ୍ରଷ୍ଟ ର ସମ୍ପାଦକ, ଜ଼ିଲ୍ଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକ, ଜ଼ିଲ୍ଲା ସମସ୍ତ ବିଭାଗୀୟ ଅଧିକାରୀ,ଗୋଷ୍ଠୀ କାର୍ଯ୍ୟାଳୟ ବିଭାଗୀୟ ଅଧିକାରୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ,ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗ ଦେଇଥିଲେ । ବାରକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗାୟତ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆମପାଣି ଅଞ୍ଚଳର ବିଭିନ୍ନ ଗାଁ ରେ ଜମୁଛି ସଟ୍ଟା ବଜାର

କୋକସରା, (ମହାଭାରତ): କୋକସରା ବ୍ଲକ ଆମପାଣି ଅଞ୍ଚଳରେ ଚାଲିଛି ବେଧଡକ ସଟ୍ଟା ଖେଳ । ଯାହା ଫଳରେ ଅଞ୍ଚଳର ଲୋକେ ନିଜ କଷ୍ଟ ଉପାର୍ଜିତ ଅର୍ଥକୁ ଟଙ୍କା ଲୋଭରେ ସଟ୍ଟା ଖେଳରେ ବିନିଯୋଗ କରି ଦିନ ଦରିଦ୍ର ପାଲଟିଛନ୍ତି । ବିଶେଷ କରି ମହିଳା ଓ ଛାତ୍ର ମାନେ ଏହି ଖେଳରେ ଲିପ୍ତ ରହୁଛନ୍ତି ଏବଂ ପଥଭ୍ରଷ୍ଟ ହେଉଛନ୍ତି ।ସଟ୍ଟା ଖେଳାଳି ମାନେ କାଙ୍ଗାଳ ହେଉଥିବା ବେଳେ ସଟ୍ଟା ଏଜେଣ୍ଟ ମାନେ ମଲାମାଲ ହେଉଥିବା ଅନୁମାନ କରାଯାଏ । ଏବେ ଗାଁର ପ୍ରତ୍ୟେକ ଗଳି କନ୍ଦି ଦୋକାନ ବଜାର ମାନଙ୍କରେ ଏହି ସଟ୍ଟା ଖେଳ ଲେଖା ଚାଲିଛି । ପୁଣି, ଏଜେ□ ମାନେ ଘର ଘର ବୁଲି ମଧ୍ୟ ସଟ୍ଟା ନମ୍ବର ଲେଖୁଥିବା ଅଭିଯୋଗ ହୁଏ । ସଟ୍ଟା ଏକ ବେଆଇନ ଖେଳ ହୋଇଥିବା ବେଳେ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି । ତେବେ ଅଞ୍ଚଳରେ ସଟ୍ଟା ଖେଳଉଥିବା ଏଜେ□ ମାନଙ୍କୁ ଠାବ କରି ବିହିତ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ସାଧାରଣରେ ଦାବୀ ହୁଏ ।

## ପାଟଣା ରେ ନୂତନ ସାଇ ପ୍ରିଣ୍ଟର ଉଦଘାଟିତ

ପାଟଣା:-(ମହାଭାରତ) ପାଟଣା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଅତ୍ୟାଧୁନିକ ଯନ୍ତ୍ରପାତି ସହିତ ସାଇ ପ୍ରିଣ୍ଟର ଉଦଘାଟିତ ହୋଇ ଯାଇଛି । ବିଭିନ୍ନ କାର୍ଯ୍ୟକ୍ରମ ଓ ବିବାହ ବ୍ରତ ଆଦି ନିମନ୍ତେ ଆବଶ୍ୟକ ହେଉଥିବା ନୂତନ ଶୈଳୀରେ ବେନର ଓ କାର୍ଡ ଛାପିବା ଆଦି ଏଠାରେ ସୁବିଧା ପାଇ ପାରିବେ । ସାଇ ପ୍ରିଣ୍ଟର ର ନିର୍ଦ୍ଦେଶକ ସୁନୀଲ କୁମାର ସେଠୀ ଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍ଘାଟନୀ କାର୍ଯ୍ୟକ୍ରମ ରେ ପାଟଣା ବିଡିଓ ଶିବଶଙ୍କର ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଫିତା କାଟି ଶୁଭ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମ ରେ ସାଂସଦ ପ୍ରତିନିଧି ପ୍ରହ୍ଲାଦ ପଲେଇ, ଏ ଏସ ଆଇ ସରୋଜ କୁମାର ସେଠୀ, ପ୍ରକାଶ ସେଠୀ, ଲକ୍ଷ୍ମୀଧର ପଟ୍ଟନାୟକ, ସୁଜିତ ରାମ,ଧ୍ରୁତି ରଞ୍ଜନ ସେଠୀ, ବିକାଶ ସେଠୀ, ଅଏସ କୁମାର ନାଏକ ପ୍ରମୁଖ ଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ ।

## ବଡମାଲ୍‌ରେ ନୂଆଖାଇ ଭେଠଘାଟ

ଟିଟିଲାଗଡ ( ମହାଭାରତ) ବଡମାଲ ଗ୍ରାମରେ ନୂଆଁଖାଇ ଭେଟଘାଟ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି ।ସକାଳ ସମୟରେ ଗ୍ରାମ ଦେବାଦେବୀ ପୀଠରୁ ଶୋଭାଯାତ୍ରାରେ ବାହାରି ପ୍ରହରି ମଣ୍ଡପ ନିକଟ ମଞ୍ଚରେ ସ୍ଥାପନ କରାଯାଇଥିଲା । ତାପରେ ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ଅନେକ କ୍ରୀଡା ଓ ପ୍ରତିଯୋଗିତା କରାଗଲା । ପରେ ସନ୍ଧ୍ୟା ସାତ ଟା ରେ କାର୍ଯକ୍ରମ ଆରମ୍ଭ କରାଗଲା । ନୂଆଖାଇ ଭେଟଘାଟ କାର୍ଯକ୍ରମ ର ସଭାପତି ମଧୁସୂଦନ ଭୋଇଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ରେ ଅତିଥି ଭାବରେ ଗ୍ରାମ ର ଭଦ୍ରବ୍ୟକ୍ତି ଶୁଦେବ ଭୋଇ, ଡିଙ୍ଗର ଭୋଇ,ଦେବେନ୍ଦ୍ର ମାଝୀ, ପ୍ରସାଦି ଭୋଇ, ନାରଦ ଭୋଇ,ବେଳଧର ବଗର୍ତ୍ତୀ ,ଶ୍ରୀକର ଭୋଇ,ସର୍ବେଶ୍ୱର ମହାପାତ୍ର, ବଂଶୀଧର ଭୋଇ,ଧବଳେଶ୍ୱର ଭୋଇ,ଶିବ ବଗର୍ତ୍ତୀ, ଗଣ୍ଡାରାମ ଭୋଇ ,ଗଙ୍ଗା ମାଝୀ, ନନ୍ଦ ଭୋଇ, କନ୍ଧ ଭୋଇ ପ୍ରମୁଖ ଯୋଗ ଦେଇଥିଲେ ।ସମ୍ପାଦକ ନବକୁମାର ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅର୍ଜୁନ ବଗର୍ତ୍ତୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଦିବଂଗତ ସର୍ଗତ କୈବଲ୍ୟ ମାଝୀଙ୍କ ବିୟୋଗ ରେ ନୀରବ ପାର୍ଥନା କରି ଆତ୍ମା ର ସଦଗତି କାମନା କରିଥିଲେ । ଗ୍ରାମର ନୂତନ କରି ବିଭିନ୍ନ କ୍ଷେତ୍ର ରେ ସରକାରୀ ଚାକିରୀ କରୁଥିବା ଦାମୋଦର ମାଝୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ,ତପୋବାନ୍ତି ମାଝୀ କନିଷ୍ଠ କିରାଣୀ, ସୁଶ୍ରୀ ଲିଲି ଭୋଇ ପୋଷ୍ଟଲ୍ ବ୍ରାଣ୍ଡ ପୋଷ୍ଟ ମାଷ୍ଟର, ରଂଯୁକ୍ତା ମାଝୀ କନିଷ୍ଠ କିରାଣୀ, ସୁଶାନ୍ତ ଭୋଇ ଉଚ୍ଚ ବିଦ୍ୟାଳୟ ଶିକ୍ଷକ, ନୀଳମଣି ଭୋଇ ପୋଲିସ ଅଧିକାରୀ, ଶସିଧର ଭୋଇ କୃଷି ଅଧିକାରୀ, ଓମ୍ ପ୍ରକାଶ ଭୋଇ ପ୍ରତିରକ୍ଷା ବାହିନୀ ପୋଲିସ,ସଞ୍ଜୟ ଭୋଇ ଭାରତୀୟ ସେନା ପ୍ରମୁଖ ଙ୍କୁ ସମର୍ଦ୍ଧନା କରାଯାଇଥିଲା । ଚମକ୍ ବାଟି ଏବଂ ହାଣ୍ଡିଫଟା କାର୍ଯକ୍ରମ ବେଶ୍ ରୋମା□କର ହୋଇଥିଲା ।ରଙ୍ଗାରଙ୍ଗ ମନୋରଞ୍ଜନ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ମନମୁଗ୍ଧ କରି ପାରିଥିଲେ ।ପ୍ରଥମକରି ଏପରି ନୂଆଖାଇ ଭେଠଘାଟ କାର୍ଯ୍ୟକ୍ରମ ଆୟୋଜନରେ ଗ୍ରାମବାସୀ ବହୁ ଆନନ୍ଦ ଅନୁଭବ କରିଥିଲେ । ସାଂସ୍କୃତିକ କାର୍ଯକ୍ରମ କୁ ଚୂଡ଼ାମଣି ଭୋଇ ଓ ପୁଷ୍ପାଞ୍ଜଳି ମାଝୀ ପରିଚାଳନା କରିଥିଲେ ।ଧନ୍ୟବାଦ ଦେଇଥିଲେ ସୁଶାନ୍ତ ଭୋଇ । ନାରାୟଣ ମାଝୀ, ନବୀନ ଭୋଇ, ସୁଦାମ ସାହୁ, ଯଦୁମଣି ଭୋଇ,ପ୍ରତାପ ମାଝୀ,ଶିବ ଭୋଇ,ମନୋଜ ମାଝୀ, ଶଙ୍କର ଭୋଇ,ଉଦ୍ଧବ ମାଝୀ, ରମା ଭୋଇ, ଦିଲୀପ ମାଝୀ, ଜୟକୃଷ୍ଣ ଭୋଇ, ଚିନ୍ତା ପୋଡ଼, ମଧୁ ଭୋଇ, ଡୋଳାମନି ବଗର୍ତ୍ତୀ,ଚନ୍ଦ୍ର ଭୋଇ, ରାଜୀବ ଲୋଚନ ଭୋଇ, ସରୋଜ ମାଝୀ, ନିମାଇ ଭୋଇ,ଶଙ୍କର ଭୋଇ,ଦିନେଶ ଭୋଇ ପ୍ରମୁଖ ତଥା ନୂଆଖାଇ ଭେଟଘାଟ କମିଟି ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଆସିକା ମିନି ବସ ଓନର୍ସ ଆସୋସିଏସନ ର ନୂତନ କର୍ମକର୍ତ୍ତା ଚୟନ

ଆସିକା (ମହାଭାରତ): ଆସିକା ମିନି ବସ ଓନର୍ସ ସଙ୍ଘ ର ସାଧାରଣ ବୈଠକ ମାଆଁ କରଞ୍ଜେଇ ପୀଠରେ ସଙ୍ଘର ଅସ୍ଥାୟୀ ସଭାପତି ଜିଲୁ ମହାନ୍ତିଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଆସିକା ମିନି ବସ ମାଲିକ ସଙ୍ଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏହି ସଭାରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ଆଇନଜୀବି ରାଘବ ନାହାକ,ଉପସଭାପତି ରାଜୁ ପୋଲାଇ, ସମ୍ପାଦକ ଜିଲୁ ମହାନ୍ତି, ସହସମ୍ପାଦକ ଦୀପକ କୁମାର ପାଢ଼ୀ, କୋଷାଧକ୍ଷ ଜଗନମୋହନ ଗୌଡ଼,ଉପଦେଷ୍ଟା କେ. ଲିଙ୍ଗରାଜ ପାତ୍ର,ଏବଂ ଅନ୍ୟ ଅତିଥି ଭାବେ ବୁଗୁଡ଼ା ଶ୍ରୀ ବଳଦେବ ଜୀଉ ବସ ମାଲିକ ସଙ୍ଘ ସଭାପତି ହରପ୍ରସାଦ ଦାଶ,ସମ୍ପାଦକ ଦୀପକ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ନିର୍ବାଚିତ କରିଥିଲେ । ଏହି ସଙ୍ଘ ଆଗାମୀ ସାତଦିନ ମଧ୍ୟରେ ପଞ୍ଜିକୃତ କରିବା ପାଇ ସଙ୍ଘ ନିଷ୍ପତ୍ତି କରିବା ସହ ଦୀର୍ଘ ଦିନ ଧରି ଲାଗିରହିଥିବା ସମସ୍ୟାର ସମାଧାନ କରିବା ଦିଗରେ ତ୍ୱରିତ ପଦକ୍ଷେପ ନେବା ପାଇ ସ୍ଥିର କରାଯାଇଥିଲା । ଏହି ବୈଠକରେଶଙ୍କର ରେଡ୍ଡୀ, ମିଟୁ ପଟ୍ଟନାୟକ, ଦିଲ୍ଲିପ ପାତ୍ର, ସୁଶାନ୍ତ ପତି, ସୁଶାନ୍ତ ବେହେରା, ସୁଶାନ୍ତ ପ୍ରଧାନ,ବିନୋଦ ସ୍ୱାଇଁ,ଅରବିନ୍ଦ ସ୍ୱାଇଁ ସଦସ୍ୟ ଉପସ୍ଥିତ ରହିଥିଲେ ।


## ନଳବଣ୍ଟା ଗାଁକୁ ଆସିଲା ଟନ୍ ଟନ୍ ବାରୁଦ

### ନିରୀହ ଜୀବନ ସହ ଖେଳୁଛନ୍ତି ବାଣ ବେପାରୀ

ଆସିକା,(ମହାଭାରତ) : ଆଗକୁ ଦୀପାବଳି ଏଥିପାଇଁ ଗଞ୍ଜାମ ଜିଲ୍ଲାରକ୍ଷ ଆସିକା ବ୍ଲକ୍ ନଳବଣ୍ଡା ଗ୍ରାମର ବାଣ ପ୍ରସ୍ତୁତକାରୀ ଓ ବେପାରୀମାନେ ସକ୍ରିୟ ହୋଇ ଉଠିଛନ୍ତି । ଏବେଠାରୁ ହିଁ, ଗାଁକୁ ଟନ୍ ' ଟନ୍ ବାରୁଦ ଆସିଲାଣି । ଦୀର୍ଘ ବର୍ଷ ଧରି ୫୯ ନମ୍ବର ଜାତୀୟ ରାଜପଥ କଡରେ ଥିବା ନଳବଣ୍ଟା ଗ୍ରାମରେ ବେଆଇନ ବାଣ ତିଆରି ଓ ବ୍ୟବସାୟ ହୋଇଆସୁଛି । ଗାଁ ର ଅଧିକାଂଶ ପରିବାର ଏହି ବେପାରରେସମ୍ପୃକ୍ତ ।ସବୁଠୁ ଆଶ୍ଚର୍ଯ୍ୟର କଥା ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ କାର୍ଯ୍ୟରେ ମହିଳା ଏବଂ ନାବାଳକମାନେ ମାନେ ମଧ ନିୟୋଜିତ ହେବାକୁ ଅଗ୍ରିମ ଦିଆ ସାରିଲାଣି । ଗ୍ରାମର କିଛି ବ୍ୟବସାୟୀ ବେଆଇନ ଭାବେ ବାହାରୁ ବାରୁଦ ଓ ଅନ୍ୟ ରାସାୟନିକ ସାମଗ୍ରୀ ତାଳପତ୍ର ଓ ସୂତା ପେପର୍ ସଂଗ୍ରହ କରି ବନ୍ଦ କୋଠରୀ ରେ ସଂଗୃହିତ ରଖି ଦିଅ ସାରିଲାଣି । ଦୀପାବଳି ସମୟରେ ପାଖାପାଖି ୫ରୁ ୧୦ କୋଟି ଟଙ୍କାରୁ ଅଧିକ ବ୍ୟବସାୟ ହୋଇଥାଏ । ବିଶେଷକରି ତାଳ ଫୋଟକା ସମେତ ପ୍ରଚଣ୍ଡ ଶବ୍ଦ ସୃଷ୍ଟି କରୁଥିବା ବିପଜ୍ଜନକ ବାଣ ପ୍ରସ୍ତୁତ ହୁଏ ।ଜାତୀୟ ରାଜପଥରେ ଗାଁର ଅବସ୍ଥିତି କାରଣରୁ ବେପାରୀମାନେ ସହଜରେ ବାଣ ଅନ୍ୟ ସ୍ଥାନକୁ ଚାଲାଣ କରିବା ସହ ପସରା ମେଲାଇ ବିକ୍ରି କରି ଭଲ ଦୁଇ ପଇସା ଲାଭ ପାଇଥାନ୍ତି ।ପୂର୍ବରୁ ଏହି ଗ୍ରାମରେ ବହୁଥର ବିସ୍ଫୋରଣ ଘଟି ବହୁ ଧନଜୀବନ କ୍ଷତି ହୋଇଥିବାର ନଜିର ରହିଛି । ଦୀପାବଳି ପାଖେଇ ଆସିଲେ ବେପାରୀ ମାନେ ପ୍ରସ୍ତୁତ କରିଥିବା ବାଣକୁ ବିଭିନ୍ନ ସ୍ଥାନରେ ଲୁଚାଇ ରଖୁଥିବାରୁ ସାଧାରଣ ଜନତା ନିଜକୁ ସୁରକ୍ଷିତ ମଣୁନାହାନ୍ତ । ବର୍ଷ ବର୍ଷ ଧରି ପୁଲିସ ଧରପଗଡ଼ କରୁଛି ସତ, କିନ୍ତୁ କୌଣସି ସୁଫଳ ମିଳୁନି । ଦୀପାବଳି ସମୟ ପାଖେଇ ଆସିବା କ୍ଷଣି ବହୁସ୍ଥାନରେ ବାଣ ପ୍ରସ୍ତୁତି ଆରମ୍ଭ ହୋଇଯାଏ । ଫଳରେ ସେଠାକାର ବାସିନ୍ଦା ନିଜକୁ ସୁରକ୍ଷିତ ମଣି ନଥା'ନ୍ତି । ତଥାପି ବେଆଇନ ବାଣ ପ୍ରସ୍ତୁତକାରୀ ଏହାକୁ ଖାର୍ତି ନକରି ସେମାନଙ୍କ ବେପାର ଚଳାଇ ଆସୁଛନ୍ତି ।ଚଳିତବର୍ଷ ମଧ ଗ୍ରାମର ୫୦ରୁ ଅଧିକ ପରିବାର ବାଣ ପ୍ରସ୍ତୁତିରେ ନିଜକୁ ନିୟୋଜିତ ରଖିଥିବା ଜଣାପଡ଼ିଛି । ଆଉ ପ୍ରସ୍ତୁତ ହେଉଥିବା ବାଣକୁ ନିଜ ଗାଁ ଓ ପଡ଼ୋଶୀ ଗାଁରେ ରଖାଯାଉଛି । ପ୍ରକାଶ ଥାଉକି ପ୍ରଶାସନ ଆଗୁଆ ପଦକ୍ଷେପ ନନେଲେ ବଡ଼ଧରଣର ଅଘଟଣକୁ ଏଡ଼ାଇ ଦିଆଯାଇପାରିବନି ତେଣୁ ତୁରନ୍ତ ଏହି ବେଆଇନ ବାଣ ବେପାରୀ ମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳ ବାସୀ ଦାବୀ କରିଛନ୍ତି ।

## ଶରତର ଶାରଦୀୟ ପାର୍ବଣରେ ସମର୍ପିତ 'କାଶତଣ୍ଡି'

ଜୁନାଗଡ଼ (ମହାଭାରତ)ପାର୍ବଣର ପ୍ରାରମ୍ଭରେ ପ୍ରକୃତିସ୍ଥ ପ୍ରକୃତି ରାଣୀ। ସୃଷ୍ଟି ନିୟନ୍ତାଙ୍କ ପରମ ତ□ରେ ପ୍ରକୃତିକୁ ସୃଷ୍ଟି କରିବା ସେ ନିୟନ୍ତାଙ୍କର ହିଁ ଏକ ଶାଶ୍ୱତ କାର୍ଯ୍ୟ। ପ୍ରକୃତିର ଅନବରତ କାର୍ଯ୍ୟକଳାପ ଭିତରେ କେତେବେଳେ ଫଗୁଣ ଆସେ,କେତେବେଳେ ଆସେ ନିଦାଘର ପ୍ରଚଣ୍ଡ ତାତି । ଶରତ ପାର୍ବଣରେ ରେ ମାଁ ଆସନ୍ତି,ମାଁ ପୃଥିବୀକୁ ଧରାବତରଣ କରିଲେ ବୋଲି ସମସ୍ତେ ହସି ଉଠନ୍ତି,ସେ ପକୃତି ହେଉ ବା ପ୍ରକୃତିର ନୈସର୍ଗିକ ସୁନ୍ଦର୍ଯ୍ୟତା ହେଉ, ମାଁଙ୍କ ଆସନ୍ତି ବୋଲି ସମଗ୍ର ମାନବ ଜାତି କାହିଁକି, ପକୃତି ମଧ୍ୟ ପ୍ରସ୍ଫୁଟିତ ହୁଏ । ପ୍ରକୃତି ରାଣୀ ସଜେଇ ହେଲାବେଳେ ଆମେ ଦେଖୁଁ,ଆମେ ଦେଖି ଆସିଛୁଁ ଦେଖିବାର ଅମୟାରମ୍ଭ ମଧ୍ୟ କରୁଅଁଛୁ,ନଦୀ ହେଉ କି ନଦୀ ତଟହେଉ କି ସମୁଦ୍ର ତଟ ହେଉ, ଧଳା ଫରଫର୍ ଦିଶୁଥିବା ଅତି



ସୁନ୍ଦର କାଶତାଣ୍ଡି ମାଁଙ୍କୁ ଶୁଭେଚ୍ଛା ଜଣାଏ। ମାଁ ଆସିବେ ବୋଲି ଆବାଳ ବୃଦ୍ଧ ବନିତା ଯେତେ ବେଳେ ଆନନ୍ଦିତ ହୁଅନ୍ତି, ଆହ୍ଲାହିତ ହୁଅନ୍ତି, ଉତ୍ସାହିତ ହୁଅନ୍ତି,ମାଁଙ୍କ ଆଗମନଙ୍କୁ ନେଇ ଚିଚିନ୍ତ ହୁଅନ୍ତି ସେହି ସମୟରେ ମାଁ ରୁଦ୍ଧିମନ୍ତ ହୁଅନ୍ତି, ପ୍ରକୃତି ରାଣୀ ସେହି ରୂପରେ ସଜାଇ ହୁଅନ୍ତି,ସେହି ରୂପରେ ସଜାଇ ହୋଇ, କାଶତଣ୍ଡି ମଧ୍ୟ ନିଜର ସମ୍ପୂର୍ଣ୍ଣ ସମର୍ପଣ ଦେଇ ମାଁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବାସହ, ହଲି ହଲି ଦୋହଲି ଦୋହଲି ଥିରି ଥିରି ପବନରେ ପାର୍ବଣକୁ ସ୍ୱାଗତ କରି ମାଁଙ୍କ ଆଗମନଙ୍କୁ ଧରା ପୁଷ୍ପରେ ଆଗମନ କରାଇବା ପାଇଁ ଆହ୍ଲାଦିତ ଭାବରେ ଆଗମନ କରୁଛି । ମାଁ ତୁ ଆସିବୁ ବୋଲି ମୁଁ ସଜାଇ ହେଲି ତୋ ପାଇଁ ତୋ ଏତେ ଅପେକ୍ଷା ଥିଲା । ତୁ ଆଦି ମାତା ତୁ ମାହେଶ୍ୱରୀ ତୁ ସର୍ବେଶ୍ୱରି ତୁ ଆସିବା ପାଇଁ କଣ ମୁଁ ସଜାଇ ହେବିନି, ?ମୁଁ କଣ ମୋ ରୂପ ଦେଖାଇବିନି, ?ତୁ ଯଗଧାତ୍ରୀ ତୁ ଜଗଦମ୍ବା ସଦାବେଳେ ସଦା ସର୍ବଦା ସମଗ୍ର ସୃଷ୍ଟିକୁ ଆଶୀର୍ବାଦ କରିବା ପାଇଁ ତୁ ଆସୁ ବୋଲି ମୁଁ ସଜାଇ ହେଉଛି, ଦେଖୁନୁ ମୋ ପରିପାଟୀ କେମିତି ହୋଇଛି, ଧୋବ ଫରଫର ହେଇ ତତେ ଅନେଇଛି,ତତେ ମୁଁ କଣ ଦେଇ ପାରିବି ମାଁ ମୋର ଯେତେକ ଅଛି ମୋର ସେତେକ ଅଛି କିନ୍ତୁ ତୋତେ ସ୍ୱାଗତ କରିବା ପାଇଁ ସେହି ଚିନ୍ତନ ଟା ମୋ ଭିତରେ ଉଦବେଗ ହେଇଛି ତତେ ଦେଖାଇବି ସେଇ ଚିନ୍ତନ ଟା କଣ ? ମୋ ଭିତରେ ଯେତେ ପ୍ରାକୃତିକ ଗୁଣ ,ଯେତେ ଗୁଣାତ୍ମକ ଗୁଣ ଅଛି ତାହାକୁ ସଜାଇ କି ଧରଣୀ ରାଣୀ ତୋ ପାଖରେ ଚିର ବନ୍ଦନା ହୋଇ ରହିବ ମାଁ,ମାଁ ତୁ ଆସୁନୁ ଦେଖିବୁ ନା ତୁ ଦେଖୁଚୁ ତୋ ନିଶ୍ଚିତ ଭାବରେ ଦେଖୁଥିବୁ ଯେ ମୁଁ କେଉ ନାଳରେ କେଉ ନଦୀ ପଠରେ କେଉଁ ସମୁଦ୍ର କୂଳରେ ମୁଁ ସଜାଇ ହେଇଛି ତତେ ସ୍ୱାଗତ କରିବା ପାଇଁ ମାଁ ତୁ ଆସୁନୁ ଯମାଁ ତୁ ଆସିବୁ ବୋଲି ତୋ ସମସ୍ତେ ଶାରଦୀୟ ଅଭିନନ୍ଦନ ଦିଅନ୍ତି କିନ୍ତୁ ମୋ ପାଖରେ କଣ ଅଛି ? ମୋ ଦେହକୁ ସୁହାଇଲା ଭଳି ନୀଳ ବର୍ଣ୍ଣରେ ଧବଳ ଫୁଲ ଟା ଫୁଟୁଛି,ମୁଁ ବାସ୍ନା ହିନ, ମୋର କଣ ବାସ୍ନା ଅଛି ,କିନ୍ତୁ ମୁଁ ତତେ ସମର୍ପିତ । ସେ ନଦୀ ପଟା ହେଉ ନାଳ ପଟା ହେଉ ବା ସମୁଦ୍ର କୂଳ ହେଉ ଧୋବ ଫରଫର ହେଇ ତୋ ଆଗମନ ସମୟରେ ତୋ ପ୍ରତି ଉତ୍ସର୍ଗୀକୃତ ହେବା ମୋର ଚିନନ୍ତନ ପ୍ରକୃତି ।କେଉଁ ଆଦିମ କାଳରୁ ଚଳାଇ ଆସୁଛୁ ଏଇଟା ତାହା ମୁଁ ଜାଣିନି କାରଣ ତୁ ଆଦିମ କାଳରୁ ହିଁ ମତେ ଜନ୍ମ ଦେଇଛୁ ମାଁ ଯବନ୍ୟା, ବାତ୍ୟା,କାଳର କରାଳ ରୂପରେ ମଧ ତୋରି ଆଶୀର୍ବାଦରୁ ବଞ୍ଚିଛି । ସର୍ବେ ଭବନ୍ତୁ ସୁଖୀନଃ,,ସର୍ବେ ସନ୍ତୁ ନିରାମୟ ।

## ସ୍ୱଧର୍ମକୁ ଫେରିଲେ ଗୋଟିଏ ପରିବାରର ୩ ସଦସ୍ୟ

କରଞ୍ଜିଆ,(ମହାଭାରତ): ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଗ୍ରାମ ପଞ୍ଚାୟତ ଅଧୀନ ଜାମୁନଣ୍ଡା ଗ୍ରାମର ଗୋଟିଏ ପରିବାରର ୩ ଜଣ ସଦସ୍ୟଙ୍କର ଗ୍ରାମବାସୀଙ୍କ ଦ୍ୱାରା ଆଜି ଏକ ଘର ବାହୁଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛିସ ସୂଚନା ଅନୁସାରେ ଏହି ଗାଆଁର ପାତ୍ରସାହିର ଗଣେଶ୍ୱର ତନ୍ତୀଙ୍କ ସ୍ତ୍ରୀ ସାଇମଣୀ ତନ୍ତୀ (୬୨), ଦୁଇ ପୁଅ ଲକ୍ଷ୍ମଣ ତନ୍ତୀ (୨୨) ଓ ରବି ତନ୍ତୀ (୧୮) ପ୍ରାୟ ଚାରିବର୍ଷ ପୂର୍ବେ ମୂଳ ସତ୍ୟ ସନାତନ ହିନ୍ଦୁ ଧର୍ମ ପରିତ୍ୟାଗ କରି କିଛି ଲୋକଙ୍କ ସଂସ୍ପର୍ଶରେ ଆସି ଖ୍ରୀଷ୍ଟଧର୍ମ ଗ୍ରହଣ ଥିଲେ । ସମୟକ୍ରମେ ସାହି ପଡିଶାରେ ଓ ବନ୍ଧୁବାନ୍ଧବ ମେଳରେ ବିଭିନ୍ନ ସାମାଜିକ ସମସ୍ୟା ଭିତରେ ଚଳିବା କଷ୍ଟକର ହୋଇ ପଡିବାରୁ ଶନିବାର



ଦିନ ସ୍ୱଇଚ୍ଛାରେ ଗ୍ରାମବାସୀଙ୍କ ସହଯୋଗରେ ହିନ୍ଦୁ ଧର୍ମ ଗ୍ରହଣ କରିଛନ୍ତିସ ଗ୍ରାମ ମୁଖିଆ ଓ ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ଗ୍ରାମ ଦେହୁରୀ ଗୌରାଙ୍ଗ ଗୃହ ଫେରନ୍ତାଙ୍କୁ ଶୌଚ ପରେ ଗ୍ରାମଦେବୀଙ୍କୁ ପୂଜାର୍ଚ୍ଚନା କରି ପ□ାମୃତ ଦେଇ ହିନ୍ଦୁ ସମାଜରେ ଗ୍ରହଣ କରାଇଛନ୍ତ । ଏହି ପରାବର୍ତନ କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସ୍ଥାନୀୟ ଗ୍ରାମ ମୁଖିଆ ଦୁର୍ମୁ ସାମାଡ, ଗାନ୍ଧୀ ରାମ ମୁଣ୍ଡରୀ, ବିରେନ୍ଦ୍ର ସାମାଡ,ବିରଞ୍ଚି ତନ୍ତୀ, ଶ୍ୟାମସୁନ୍ଦର ପାତ୍ର,ଗୁଣ ତନ୍ତୀ ପ୍ରମୁଖ ଙ୍କ ସହଯୋଗରେ ଶେଷ ହୋଇଛି ।

## ଜିଲ୍ଲାପାଳ କାର୍ଯ୍ୟାଳୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ



ଗଜପତି(ମହାଭାରତ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି । ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନ ରେ ଏହି କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମିଞ୍ଜ, ମୁଖ୍ୟ ଉନ୍ନୟନ ଅଧିକାରୀ ଡ଼.ଗୁଣନିଧି ନାୟକ, ଉପଜିଲାପାଳ ଶ୍ରୀ ଅନୁପ ପଣ୍ଡା ଓ ସମସ୍ତ କାର୍ଯ୍ୟାଳୟ ର ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଥିବା ସମସ୍ତ ଅଫିସ ଗୁଡିକୁ ଝାଡୁ କରିବା ସହ ସଫକ୍ଷ କରିଥିଲେ । ଏହି ଅବସରରେ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମରେ ବୃକ୍ଷ ରୋପଣ ମଧ୍ୟ କରାଯାଇଥିଲା । କାର୍ଯ୍ୟକ୍ରମକୁ ଡେପୁଟି କଲେକ୍ଟର ଶ୍ରୀ ପ୍ରାଣକୃଷ୍ଣ ପାଣିଗ୍ରାହୀ ସମେତ ଶ୍ରୀ ଶସାଙ୍କ ଶେଖର ଶତପଥୀ,ପ୍ରସାଦ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ଓ ମୁନିସିପାଲିଟି ର ସ୍ୱଚ୍ଛ ସାଥୀ, ସଫେଇ କର୍ମଚାରୀ ସହଯୋଗ କରିଥିଲେ। ଜିଲ୍ଲାପାଳ କର୍ମଚାରୀ ମାନଙ୍କ ନିଜ କାର୍ଯ୍ୟାଳୟ ପରିବେଶ ସ୍ୱଚ୍ଛ ଓ ନିର୍ମଳ ରହିବା ପାଇଁ ସଦାସର୍ବଦା ତତ୍ପର ରହିବା ସହିତ ଅନ୍ୟମାନଙ୍କୁ ଭି ପ୍ରେରଣା ଦେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ଓ ଏ ଦିଗରେ ସମସ୍ତଙ୍କ ସହୋଯାଗ ନିଜ ନିଜ କାର୍ଯ୍ୟାଳୟ ପରିଷ୍କାର କରିବା ପାଇଁ ଅନୁରୋଧ କରାଯାଇଛି ।

## ସୁଭଦ୍ରା ଫର୍ମ ଅପଲୋଡ ଲାଗି ଟଙ୍କା ଆଦାୟ କରି ଜଣେ ଗିରଫ

ରାଉରକେଲା (ମହାଭାରତ) : ସୁଭଦ୍ରା ଫର୍ମ କମ୍ପ୍ୟୁଟରରେ ପଞ୍ଜିକରଣ ବା ଅପଲୋଡ କରିବା ଲାଗି ହିତାଧିକାରୀମାନଙ୍କ ଠାରୁ ଟଙ୍କା ଆଦାୟ କରି ଜନ ସେବା କେନ୍ଦ୍ରର ମାଲିକଙ୍କୁ ଆଜି ପୋଲିସ ଗିରଫ କରି ଯାଂଚ ପ୍ରକ୍ରିୟା ଚାଲୁ ରଖିଛି। ମିଳିଥିବା ସୂଚନା ଅନୁଯାୟୀ ଗତ କାଲି ରାତି ୮ ଘଟିକା ସମୟରେ ୱାର୍ଡ ୨୫ ରେଳ ଷ୍ଟେସନ ନିକଟ ଅଞ୍ଚଳରେ ଥିବା ଜନସେବା କେନ୍ଦ୍ର ଗ୍ଲୋବାଲ ଇଂଟରନେଟ କାଫେର ମାଲିକ ବିଜୟ କୁମାର ସାହୁ କିଛି ମହିଳା ହିତାଧିକାରୀ ମାନଙ୍କ ଠାରୁ ପ୍ରତି ଫର୍ମ ଅପଲୋଡ ନିମନ୍ତେ ସରକାର ମୂଲ୍ୟ ଧାର୍ଯ୍ୟ କରିଥିବା ମିଛ କହି ୫୦ ଟଙ୍କା ଆଦାୟ କରିଥିଲେ । ଏହା ବିରୁଦ୍ଧରେ କିଛି ମହିଳା ହିତାଧିକାରୀମାନେ ଆଜି ମହାନଗର ନିଗମ କମିଶନର ଶ୍ରୀଯୁକ୍ତ ଆଶୁତୋଷ କୁଲକର୍ଣ୍ଣି ଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରି ପ୍ଲାଣ୍ଟ□ସାଇଡ ଥାନାରେ ମାମଲା ଦର୍ଜ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଅଭିଯୋଗ ଉପରେ ପ୍ଲାଣ୍ଟ ସାଇଡ ଥାନାରେ ଏକ ମାମଲା ରୁଜୁ କରା ଯାଇଛି ଏବଂ ଥାନା ଅଧିକାରୀ ଗ୍ଲୋବାଲ ଇଂଟରନେଟ କାଫେ ଜନ ସେବା କେନ୍ଦ୍ରକୁ ସିଲ କରିବା ସହିତ ଦୋକାନୀ କୁ ଅଟକ ରଖି ଯାଂଚ କାର୍ଯ୍ୟ ଚଳାଇଛନ୍ତି ।ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ରାଜ୍ୟ ସରକାର ସୁଭଦ୍ରା ଫର୍ମ ସମ୍ପୂର୍ଣ୍ଣ ଦେୟ ମୁକ୍ତ ରଖିଛନ୍ତି ଯଦି ଏଥି ପ୍ରତି ଖିଲାପ କରି ହିତାଧିକାରୀ ମାନଙ୍କ ଠାରୁ କୌଣସି ଅର୍ଥ ଆଦାୟ କରାହୁଏ ତେବେ ସଂପୃକ୍ତ ସଂସ୍ଥା ବା ବ୍ୟକ୍ତି ବିଶେଷ ଙ୍କ ବିରୋଧ ରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୩ ଆହତ

ବିଷମ କଟକ(ମହାଭାରତ): ରାୟଗଡା ଜିଲ୍ଲା ବିଷମକଟକ ଥାନା ଅନ୍ତର୍ଗତ ଚଟିକୋଣା ଜୟଗୁରୁ ମନ୍ଦିର ନିକଟରେ ଟ୍ରକ ଏବଂ ବାଇକ ମୁହାମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକର ମୃତ୍ୟୁ ଘଟିଥିବାବେଳେ ଆଉ ୩ଜଣ ଗୁରୁତର ଆହତ ହୋଇଛନ୍ତି । ଆହତ ମାନଙ୍କୁ ପ୍ରଥମେ ବିଷମକଟକ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ସ୍ଥାନୀୟ ଖ୍ରୀଷ୍ଟିଆନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଗୋଟିଏ ବାଇକରେ ୪ଜଣ ବସି ବିଷମକଟକରୁ ଚଟିକୋଣା ଯାଉଥିଲେ ।ଜୟଗୁରୁ ମନ୍ଦିର ବାଇପାସ୍ ରୋଡଦେଇ ଚଟିକୋଣା ଯିବା ପାଇଁ ମୁଖ୍ୟ ରାସ୍ତାରୁ ବାଇପାସ୍ ରୋଡ ଆଡକୁ ଯିବାସମୟରେ ଏକ ଟ୍ରକ ସହ ଧକ୍କା ହେବାରୁ ଟ୍ରକଟି ବାଇକ୍ ଉପରେ ଚଢି ଯାଇଥିଲା ଫଳରେ ଜଣେ ଚକାତଳେ ଚାପି ହୋଇ ମୃତୁବରଣ କରିଥିବା ବେଳେ ଅନ୍ୟମାନେ ଛିଟିକି ପଡିଥିଲେ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତକଙ୍କୁ ଉଦ୍ଧାର କରିଥିଲେ ମୃତ ଯୁବକ ଜଣକ ହେଲେ କୁର୍ଲି ଗ୍ରାମର ଶାନ୍ତନୁ ବାଘ (୧୮) । ଆହତମାନେ ହେଲେ ପିଣ୍ଟୁ ବାଘ, ହିମେସ ଟାକ୍ରି ଓ ରିଭଲ୍ କଣା ଗ୍ରାମର ଦୀପୁ କରକରିଆ ଆହତମାନଙ୍କ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି ।

## ବିଷମକଟକ ଠାରେ ବ୍ଲକ ସ୍ତରୀୟ କ୍ରୀଡା ଉତ୍ସବ ଅନୁଷ୍ଠିତ

ବିଷମକଟକ(ମହାଭାରତ): ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ତରଫରୁ ସ୍ଥାନୀୟ ମିନି ଷ୍ଟାଡିୟମ ଠାରେ ବ୍ଲକ ସ୍ତରୀୟ କ୍ରୀଡା ଉତ୍ସବ ଆରମ୍ଭ ହୋଇଯାଇଛି । ଏହି କ୍ରୀଡା ଉତ୍ସବ ସେପ୍ଟେମ୍ବର ୨୦ ଓ ୨୧ ତାରିଖ ଦୁଇ ଦିନ ଧରି ଷ୍ଟାଡିଅମ ଖେଳ ପଡିଆ ଠାରେ ଆୟୋଜିତ ହେବ । ଆୟୋଜିତ କ୍ରୀଡା ଉତ୍ସବ ରେ ବିଷମକଟକ ବ୍ଲକ ର ୨୧ ଟି ପଞ୍ଚାୟତ ମଧ୍ୟରେ ଥିବା ବିଦ୍ୟାଳୟ ର ପ୍ରାୟ ୩୦୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଆୟୋଜନ ହେଉଥିବା ବିଭିନ୍ନ କ୍ରୀଡା ରେ ଅଂଶ ଗ୍ରହଣ କରିବେ । ଏହି ଠାରେ କବାଡି, ଖୋଖୋ, ଦୌଡ଼,କ୍ରିକେଟ, ଏମିତି ପ୍ରତିଯୋଗିତା ମାନ ହେବ । ଏହି କ୍ରୀଡା ଉତ୍ସବର ଉଦ୍ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଶ୍ରୀ ନୀଳମାଧବ ହିକକା, ସମ୍ମାନୀତ ଅତିଥି ଭାବେ, ସଂସଦ ପ୍ରତିନିଧି ଶ୍ରୀ ଦିଲୀପ ପଟନାୟକ, ଗୋଷ୍ଠିଉର୍ନ୍ନୟନ ଅଧିକାରୀ ସଦାଶିବ ନାୟକ ,ସୁଭେନ୍ଦୁ ନାରାୟଣ ଚୌଧୁରୀ ପ୍ରମୁଖ ମଞ୍ଚାସିନ ହୋଇ ଛାତ୍ର ଛାତ୍ରୀ ମାନଙ୍କୁ ଶରୀରକୁ ସୁସ୍ଥ, ସବଳ ଓ ସୁନ୍ଦର ରଖିବା ପାଇଁ କ୍ରୀଡାର ଯଥେଷ୍ଟ ଆବଶ୍ୟକ ରହିଛି ଏବଂ ବିଦ୍ୟାଳୟ ସ୍ତରରେ ସେମାନଙ୍କ ଠାରେ ଥିବା କ୍ରୀଡା ପ୍ରତିଭାକୁ ବିକଶିତ କରିବା ପାଇଁ ଏହା ହେଉଛି ପ୍ରକୃଷ୍ଟ ସ୍ଥାନ ତତସହ ଗୋଟେ ଭଲ କ୍ରୀଡ଼ାବିତ ହୋଇ ଆଜିକାଲି ନିଜକୁ ବହୁ ସୁନାମ ଓ ଅର୍ଥ ଉପାର୍ଜନ କରିବାରେ ସକ୍ଷମ ହେବେ ବୋଲି ନିଜ ନିଜ ବକ୍ତବ୍ୟ ରେ କହିଥିଲେ । ସମସ୍ତ କ୍ରୀଡା କାର୍ଯ୍ୟକ୍ରମ ବିଷମକଟକ ବ୍ଲକ ମଧ୍ୟରେ କାର୍ଯ୍ୟରତ କ୍ରୀଡା ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ପରିଚାଳନା କରିବେ ବୋଲି ବ୍ଲକ ଶିକ୍ଷା ଅଧିକାରୀ କହିଥିଲେ। ଯେଉଁ ଛାତ୍ର ଛାତ୍ରୀ ମାନେ ଏଠାରେ ଭଲ ପ୍ରଦର୍ଶନ କରିବେ ସେମାନେ ଆସନ୍ତା ଦିନରେ ହେବାକୁ ଥିବା ଜିଲ୍ଲା ସ୍ତରରେ ନିଜ କ୍ରୀଡା ପ୍ରଦର୍ଶନ କରିବା ପାଇଁ ଯୋଗ୍ୟ ବିବେଚିତ ହେବାର ସୂଚନା ମିଳିଛି ।

## ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପ୍ରଶିକ୍ଷଣ କର୍ମଶାଳା

ଆସିକା (ମହାଭାରତ): ଗଞ୍ଜାମ ଜିଲ୍ଲା ଜଳ ପରିମଳ ବିଭାଗ ପକ୍ଷରୁ ପଞ୍ଚାୟତ ସାମିତି ଆଭାସୀ ହଲ ଠାରେ ଚାରିଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମ ରେ ବିଡ଼ିଓ ଫକୀର ଚରଣ ପରିଡା, ଜଳ ପରିମଳ ବିଭାଗ ର ସହକାରୀ ଯନ୍ତ୍ରୀ ଶ୍ରୀନିବାସ ରାଓ, ଗ୍ରାମ୍ୟ ଜଳ ପରିମଳ କମିଟି ସଭାପତି, ସମ୍ପାଦକ, କୋଷାଧକ୍ଷ ଯୋଗ ଦେଇଥିଲେ । ଆସିକା ବ୍ଲକ ର ୨୦ ଗୋଟି ରାଜସ୍ୱ ଗ୍ରାମର ୨୦ ଗୋଟି ଜଳ ପରିମଳ କମିଟି କୁ ପ୍ରଶିକ୍ଷଣ ଦିଆଯାଇଛି । ପଞ୍ଚାୟତ ମାନଙ୍କରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା,ଗ୍ରାମ୍ୟ ପରିଷ୍କାର ରଖିବା, ପାନୀୟ ଜଳ କୁ ଘରେ ଘରେ ଯୋଗାଇବା ନିମନ୍ତେ ଆନେକ ପଦକ୍ଷେପ ନିଆଯାଇଅଛି । ଗ୍ରାମରେ କିଭଳି ଜଳ ସ୍ତର ବୃଦ୍ଧି, ଧୂସର ଜଳର ପରିଚାଳନା, ଶୋଷକ ଖାତ ନିର୍ମାଣ କରିବା,ବହୁ ଆତିଥି ମତ ପ୍ରକାଶ କରିଥିଲେ।

## ଅନ୍ତର୍ଜାତୀୟ ଉପକୂଳ ସଫେଇ ଦିବସ ରେ ପୂର୍ବତନ ସାମରିକ ବାହିନୀ



ଅସ୍ତରଙ୍ଗ, ମହାଭାରତ - ଆଜି ଆନ୍ତର୍ଜାତୀୟ ଉପକୂଳ ସଫେଇ ଦିବସ, ଭାରତ ବର୍ଷ ରେ ପ୍ରତ୍ୟକ ଉପକୂଳ କୁ ସଫେଇ କରିବା ସହ ଏହାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ରଖିବା ପାଇଁ ଭାରତ ସରକାର ଙ୍କ ଏହି କାର୍ଯ୍ୟକ୍ରମ । ପୁରୀ ଜିଲ୍ଲା ଅସ୍ତରଙ୍ଗ ପିର ଜାହାନିଆ ବେଳାଭୂମି ରେ ଆଜି ଅସ୍ତରଙ୍ଗ କାକଟପୁର ର ପୂର୍ବତନ ସାମରିକ ବାହିନୀ ର ଯବାନ ମାନଙ୍କୁ ନେଇକି ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି, ଏହି କାର୍ଯ୍ୟକ୍ରମ ରେ ପ୍ରାୟ ୫୦ ଜଣ ପୂର୍ବତନ ସାମରିକ ଯବାନ ଏକାଠି ହୋଇ ଉପକୂଳ ରେ ଜମିରହିଥିବା ବିଭିନ୍ନ ଆବର୍ଜନା କୁ ଏକତ୍ରିତ କରି ତାହାକୁ ଡଷ୍ଟବିନ୍ ରେ ରଖିଥିଲେ, ତା ସହିତ ସୁନ୍ଦର ସୁନ୍ଦର ବାର୍ତ୍ତା ଆଜିର ଏହି ପବିତ୍ର ଦିନ ରେ ସମାଜ କୁ ଦେଇଛନ୍ତି ।ପ୍ରଥମତଃ ପ୍ଲାଷ୍ଟିକ ମୁକ୍ତ ଉପକୂଳ, ଆମେ ଦୈନନ୍ଦିନ ଜୀବନ ରେ ଅନେକ ପ୍ଲାଷ୍ଟିକ ବ୍ୟବହାର କରୁଛୁ ଆମର ନିତ୍ୟ କାର୍ଯ୍ୟକ୍ରମ ରେ, ବେଳାଭୂମି ଆସୁଛୁ ଆମୋଦ ପ୍ରମୋଦ କରିବା ସହ ଏଣେତେଣେ ପ୍ଲାଷ୍ଟିକ ପକାଇ ଚାଲିଯାଉଛୁ ଯାହା ସମୁଦ୍ର ରେ ମିଶିଲା ପରେ ସାମୁଦ୍ରିକ ଜୀବ ଜନ୍ତୁ ଙ୍କ ପ୍ରତି ଏକ ବିପଦ ସୃଷ୍ଟି କରେ, ଏହାକୁ ପ୍ଲାଷ୍ଟିକ ମୁକ୍ତ ରଖିଲେ କେବଳ ସାମୁଦ୍ରିକ ଜୀବ ନୁହେଁ ବରଂ ଆମ ପରିବେଶ ସୁରକ୍ଷା ରହିପାରିବ, ପ୍ରତ୍ୟେକ ବ୍ୟକ୍ତି ସମୁଦ୍ର କୂଳ ରେ ବୁଲିବା ସହିତ ଯଦି କିଛି କିଛି ପ୍ଲାଷ୍ଟିକ କୁ ଗୋଟାଇ ଏହାର ସୁରକ୍ଷା କରିବେ ତାହେଲେ ଆମ ସମାଜ ପାଇଁ ଏକ ସୁନ୍ଦର ବାର୍ତ୍ତା ହୋଇପାରିବ ବୋଲି ପୂର୍ବତନ ସେନା କର୍ମଚାରୀ ପ୍ରକାଶ କରିଥିଲେ। ଏହି ସ୍ୱଚ୍ଛତା ଓ ନିର୍ମଳ କାର୍ଯ୍ୟକ୍ରମ ରେ ପୂର୍ବତନ ସେନା କର୍ମଚାରୀ ସଙ୍ଘ ର ସଭାପତି ଯବାନ ସୁରେଶ ସ୍ୱାଇଁ, ସମ୍ପାଦକ ଯବାନ ଦ୍ୱାରିକା ନାୟକ, କ୍ୟାପଟେନ କୈଳାଶ ଚନ୍ଦ୍ର କାପ, ପି. ଜେନା ଓ ପ୍ରକାଶ ପାତ୍ର ଙ୍କ ସମେତ ପ୍ରାୟ ୫୦ ପାଖାପାଖୀ ପୂର୍ବତନ ସେନା କର୍ମୀ ଉପସ୍ଥିତ ରହିଥିଲେ ।ପ୍ରଥମେ ଦେଶ ର ସୁରକ୍ଷା ଓ ଅବସର ପରେ ମାଟି ମା ଓ ନିଜ ବେଳାଭୂମି ସହିତ ପରିବେଶ ସୁରକ୍ଷା କାର୍ଯ୍ୟକର୍ମ ପାଇଁ ପୂର୍ବତନ ସେନା କର୍ମୀ ଙ୍କୁ ଅସ୍ତରଙ୍ଗ ର ବିଭିନ୍ନ ମହଲ ରୁ ଶୁଭେଚ୍ଛା ଦିଆଯାଇଛି ।

## ବନ ବିଭାଗ ମେଗାନର୍ସରୀ ରୁ ଜବତ ଗାଡିର ବ୍ୟାଟେରୀ ଚୋରୀ

ଅସ୍ତରଙ୍ଗ,(ମହାଭାରତ):ଅସ୍ତରଙ୍ଗ ବନବିଭାଗ ଦ୍ୱାରା କୁହୁଡି ମୌଜାରୁ କାଠ ଜବତ ହୋଇ ଅସ୍ତରଙ୍ଗ ଥାନାରେ ୧୭ ଦିନ ହେଲା ଏକ ଟ୍ରାକ୍ଟର ଅଟକ ରହିଛି ଏହି ଗାଡ଼ିରୁ ନୟାହାଟ ମେଗା ନର୍ସରୀ ପରିସରରୁ ବ୍ୟାଟେରୀ ଚୋରି ହେବା ସମ୍ପର୍କରେ ଖୋଦ୍ ବନାଞ୍ଚଳ ଅଧିକାରୀ ମୋନାଲିଶା ମହାପାତ୍ର କାକଟପୁର ଥାନାରେ ଅଭିଯୋଗ କରନ୍ତେ ୧୮୧/୨୪ରେ ଏକ ମାମଲା ରୁଜୁ ହୋଇଛି । ସୂଚନା ମୁତାବକ କୁହୁଡି ମୌଜାରୁ ଏକ ଜାଗାରୁ ଚକୁଣ୍ଡା ଗଛ କାଟି ଏକ ଟ୍ରାକ୍ଟରରେ ଲୋଡ୍ ହେବା ଖବର ପାଇ ଗତ ମାସ ୩୧ ତାରିଖ ଦିନ ରାତିରେ ଘଟଣା ସ୍ଥଳରେ ଅସ୍ତରଙ୍ଗ ବନବିଭାଗ ଚଢ଼ାଉକରି ଏକ ନମ୍ବର ନଥିବା ଟ୍ରାକ୍ଟର ଜବତ କରିଥିଲା ରାତାରାତି ନୟାହାଟ ନିକଟସ୍ଥ ପାଣିଛତ୍ର ମେଗାନର୍ସରୀ ପରିସରେ ନିଜ ହେପାଜତରେ ରଖିଥିଲା ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ରଙ୍କ କାକଟପୁର ଥାନାରେ ରିପୋର୍ଟ ମୁତାବକ ଉକ୍ତଦିନ ରାତି ୧୨ଟା ୪୦ରେ ଦୁଇଜଣ ଦୁର୍ବୃତ୍ତ ଆସି ନର୍ସରୀ ପରିସରରେ କାର୍ଯ୍ୟରତ ରାତ୍ର ଜଗୁଆଳି ବିଷ୍ଣୁ ଚରଣ ସ୍ୱାଇଁଙ୍କୁ ଗାଳିମନ୍ଦ କରିବା ସହ ଶାବଳ ଫିଙ୍ଗିବାରୁ ସେ ଭୟରେ ଲୁଚିଯିବା ଓ ପରେ ଖବର ପାଇ ବନାଞ୍ଚଳ ଅଧିକାରୀ ରାତି ୧ଟା ୧୮ରେ ଅସ୍ତରଙ୍ଗ, କାକଟପୁର,ଗୋପ,ନୟାହାଟ ଫାଣ୍ଡି ଅଧିକାରୀ ସମେତ ନିମାପଡା ଏସଡ଼ିପିଓ ଓ ଭୁବନେଶ୍ୱରେ ପୁଲିସ୍ କଣ୍ଟ୍ରୋଲ ରୁମ୍ ନଂ ୧୧୨କୁ ଜଣାଇଥିଲେ ରାତି ପ୍ରାୟ ୧ଟା ୫୬ରେ ନୟାହାଟ ଫାଣ୍ଡି ପୁଲିସ୍ ସହାୟତାରେ ରାତ୍ର ଜଗୁଆଳି ଉଦ୍ଧାର ହେବା ରିପୋର୍ଟ ରହିଛି ଘଟଣା ଘଟିବା ପରେ ଜବତ ଗାଡ଼ିରେ ପୂର୍ବରୁ ଥିବା ଦୁଇଟି ଶାବଳ ମଧ୍ୟରୁ ଗୋଟିଏ ଗାଡି ନିକଟରେ ପଡିରହିବା ଓ ଗାଡ଼ିରୁ ବ୍ୟାଟେରୀ ଚୋରି ହୋଇଥିଲା ଜବତ ଗାଡିକୁ ନେବା ନେବାକୁ ଅସ୍ତରଙ୍ଗ ତହସିଲଦାର ଓ ଅସ୍ତରଙ୍ଗ ଥାନା ଅଧିକାରୀଙ୍କୁ ଚିଠି କରିଥିବା ବନାଞ୍ଚଳ ଅଧିକାରୀ ଏତେଲାର ଉଲେଖ କରିଛନ୍ତି ଅଭିଯୋଗକୁ ଭିତିକରି କାକଟପୁର ଥାନାରେ ଏକ ମାମାଲା ରୁଜୁ ସମେତ ତଦନ୍ତ ଚାଲୁଛି ଏପଟେ ଅସ୍ତରଙ୍ଗ ଥାନାରେ ଜବତ କାଠ ଗାଡି(ଟ୍ରାକ୍ଟର) ପ୍ରାୟ ୧୭ ଦିନ ହେଲା ଅଟକ ରହିଛି । ସବୁଠାରୁ ବଡ଼କଥା ହେଲା ଅସ୍ତରଙ୍ଗରୁ କାଠ ଗାଡି ଜବତ,ନୟାହାଟ ମେଗା ନର୍ସରୀରରେ ବ୍ୟାଟେରୀ ଚୋରି ଘଟଣାରେ କରିବା ପରେ ଅଜଣା ଲୋକ ନାଁରେ ମାମଲା ମଧ୍ୟ ରୁଜୁ ହୋଇଛି । ଜବତ ଗାଡି ୩ଦିନ ପରେ ଆସି ଅସ୍ତରଙ୍ଗ ଥାନାରେ ଗାଡି ଅଟକ ରହିଛି ବନବିବିଭାଗ ଅସ୍ତରଙ୍ଗ ରାଜସ୍ ବିଭାଗ ଉପରେ ଜବତ ଗାଡିର ଦାୟିତ୍ୱ ଛାଡି ଦେବା ପରେ ଗାଡିଟି ଥାନାରେ ଅଟକ ରହିଛି। ସେମିତିରେ ଅସ୍ତରଙ୍ଗ ଥାନା ପରିସରରେ ଚଳପ୍ରଚଳ ପାଇଁ ଜାଗାର ଅଭାବ ଓ ଏ ଗାଡି ଏତେ ଦିନ ଧରି କାହିଁକି ଅଛି ତାହା ବୁଝି ହେଉନି ଅନ୍ୟପକ୍ଷରେ ଯଦି ଅସ୍ତରଙ୍ଗର କୁହୁଡି ମୌଜାରୁ ଏହି ଗାଡି ଜବତ ହୋଇଥିଲା। ତେବେ ସେ ଗାଡିକୁ ସେହିଦିନ କିମ୍ବା ତା ପରଦିନ ସ୍ଥାନୀୟ ତହସିଲଦାର କିମ୍ବା ଅସ୍ତରଙ୍ଗ ଥାନାକୁ ହସ୍ତାନ୍ତର ନକରି ୧୩ରୁ ୧୪ କି.ମି ଦୂରରେ ଥିବା ମେଗା ନର୍ସରୀକୁ କାହିଁକି ନିଆଗଲା ? ବନବିଭାଗ ହେପାଜତରେ ଥିବା ଗାଡ଼ିରୁ ସାମାନ୍ୟ ବ୍ୟାଟେରୀ କିପରି ଚୋରି ହେଲା ? କିନ୍ତୁ ଅସ୍ତରଙ୍ଗରୁ ମେଗା ନର୍ସରୀକୁ ଜବତ ଗାଡି ନେବା ଠାରୁ ଅସ୍ତରଙ୍ଗ ଥାନାରେ ଗାଡି ଅଟକ ପର୍ଯ୍ୟନ୍ତ ସବୁକିଛି ଘଟଣା ସନ୍ଦେହ ଘେରକୁ ଆସିଛି । ଏତେଦିନ ଧରି ଏହି କାହିଁକି ଅଟକ ରହିଛି। ସେ ସମ୍ପର୍କରେ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀ ମୋନାଲିସା ମହାପାତ୍ରଙ୍କୁ ପଚାରିବାରେ ଗାଡିକୁ ଅସ୍ତରଙ୍ଗ ତହସିଲଦାରଙ୍କୁ ହସ୍ତାନ୍ତର କରିବା ଓ ଆଇନ ଅନୁଯାୟୀ ସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସୂଚନା ମିଳିଛି।

## ବ୍ଲକ୍ ସ୍ତରୀୟ କବାଡି ଓ ଭଲିବଲ୍ ପ୍ରତିଯୋଗିତା

ଜୁନାଗଡ଼(ମହାଭାରତ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ୍ ଅନ୍ତର୍ଗତ କୁରୁଗୁଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳପଡିଆ ପରିସର ରେ ବ୍ଲକ୍ ସ୍ତରୀୟ କବାଡି ଓ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ବ୍ଲକ୍ ର ପ୍ରତି ବିଦ୍ୟାଳୟ ରୁ ଚୟନ ହୋଇଥିବା ବାଳକ,ବାଳିକା ମାନେ ଅଂଶ ଗ୍ରହଣ କରିଥିଲେ ।ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୁଳମଣୀ ମାଝୀ,ମୁଖ୍ୟବକ୍ତା କୁରୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ବିଜ୍ଞାନ ଶିକ୍ଷକ ତଥା ଏନ୍.ସି.ସି ଅଫିସର ସନ୍ତୋଷ କୁମାର ମେହେର ଏଂ ସମ୍ମାନିତ ଅତିଥି ଭାବେ କୋଲି ଗାଁ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପୁରନ୍ଧର ନାଏକ ଯୋଗଦାନ କରି କ୍ରୀଡ଼ା ପ୍ରତିଯୋଗିତାର ଶୁଭ ଉଦ୍ ଘାଟନ କରିଥିଲେ । ଛାତ୍ର ଜୀବନ ରେ କ୍ରୀଡା ଏକ ମହ□ପୂର୍ଣ୍ଣ ଭୂମିକା ନିଭାଇଥାଏ;ଏହା ଜୀବନ କୁ ଶୃଙ୍ଖଳିତ କରେ,ଏହା ଶରୀର କୁ ସୁସ୍ଥ ତଥା ଫିଟ୍ ରଖିଥାଏ ତଥା ଶିଶୁ ର ସର୍ବାଙ୍ଗିନ ବିକାଶ ରେ କ୍ରୀଡା ସହାୟକ ହୋଇଥାଏ,ତେଣୁ ପାଠ ପଢା ସହ ଖେଳ କୁ ମଧ୍ୟ ପ୍ରାଧାନ୍ୟ ଦେବା ଉଚିତ ବୋଲି ମଞ୍ଚାସୀନ ଅତିଥି ମାନେ ମତବ୍ୟକ୍ତ କରିଥିଲେ।

## ଦୁଇ ପ୍ରେମୀ ଯୁଗଳଙ୍କ ମୃତ ଦେହ ଉଦ୍ଧାର

ସାଲେପୁର (ମହାଭାରତ )ଚକ୍ଷୁଖୁଣ୍ଟାଗଛରେ ଝୁଲୁଥିବା ଅବସ୍ଥାରେ ପ୍ରେମୀ ଯୁଗଳଙ୍କ ମୃତ ଦେହ ଉଦ୍ଧାର । ଯୁବକ ଜଣଙ୍କ ବିବାହିତ ହୋଇଥିବା ବେଳେ ଯୁବତୀ ଜଣଙ୍କ ନାବାଳିକା ବୋଲି ସୂଚନା ମିଳିଛି । ଘଟଣା ଘଟିଛି କଟକ ଜିଲ୍ଲା ସାଲେପୁର ଥାନା ନାଳିଆମୁହଁ ନିକଟ ଅଲିପୁର ଗ୍ରାମରେୟ ମୃତ ଯୁବକ ହେଲେ ଅଲିପୁର ଗାଁର ମନୋଜ ସାମଲ ଓ ନାବାଳିକା ଜଣକ ରାମେଶ୍ୱର ପଞ୍ଚାୟତ ଚହାପଡା ଅଚଂଳର ବୋଲି ଜଣାପଡିଛି। ମନୋଜ ୫ବର୍ଷ ହେବ ବିବାହ କରିଥିଲେ । ତାଙ୍କର ଗୋଟିଏ ୩ବର୍ଷର ପୁତ୍ର ସନ୍ତାନ ଅଛି। ଗତକାଲି ସନ୍ଧ୍ୟାରୁ ମନୋଜ ଏବଂ ନାବାଳିକା ଉଭୟ ଘରୁ କେଉଁଆଡେ ପଳେଇଯାଇଥିଲେ ଆଜି ଦୁଇଜଣଙ୍କ ମୃତଦେହ ନାଳିଆମୁହଁ ଚଖୁଣ୍ଟା ଗଛରେ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ସାଲେପୁର ପୋଲିସ ଘଟଣାସ୍ଥଳରେ ପହଁଚି ଶବ ଦ୍ୱୟକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠେଇବା ସହ ଅଧିକ ତଦନ୍ତ ଜାରି ରଖିଛନ୍ତି।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ

ଯୋଡ଼ା:(ମହାଭାରତ ) :: କେନ୍ଦୁଝର ଜିଲ୍ଲା ଯୋଡ଼ାବ୍ଲକ ଭୁଇଁଆ ରୋଇଡା ପଞ୍ଚାୟତ କେମ୍ପ ହାଟିଙ୍ଗ ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଶୁକ୍ରବାର ସନ୍ଧ୍ୟାରେ ଉକ୍ତ ଗ୍ରାମରେ ବିଶ୍ୱକର୍ମା ମୂର୍ତ୍ତି ଭସାଣି ନିମନ୍ତେ ପ୍ରସେସନ ଚାଲୁଥିବା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଉକ୍ତ ଗ୍ରାମର ବିରଶିଙ୍ଗ ଲାଗୁରି ( ଫିଟିଂ) ଓ ତାଙ୍କର ଦୁଇ ପୁଅ ପାରଦେନ , ଡେବୁରୁ କୌଶଳକ୍ରମେ ଶ୍ରୀମନ ପୂର୍ତ୍ତି ନାମକ ବ୍ୟକ୍ତିକୁ ନିକଟସ୍ତ ଜଙ୍ଗଲକୁ ଡାକି ନେଇଥିଲେ । ପୂର୍ବ ଯୋଜନା ମୁତାବକ ବାପ ପୁଅ ତିନିଜଣ ମିଶି ଶ୍ରୀମନକୁ ଏକ ଧାରୁଆ କଟୁରିରେ ହାଣି ଦେଇଥିଲେ । କଟୁରି ଚୋଟରେ ଶ୍ରୀମନଙ୍କ ବାମହାତ କହୁଣୀ ପାଖରୁ କଟି ଚମଡ଼ାରେ ଝୁଲି ରହିଥିଲା । ଫଳରେ ଶ୍ରୀମନ ଅଚେତ ହୋଇ ପଡ଼ିଥିଲେ । ଶ୍ରୀମନକୁ ଅଚେତ ଅବସ୍ଥାରେ ଜଙ୍ଗଲରେ ଛାଡି ବାପପୁଅ ତିନିଜଣ ଘରକୁ ପଳାଇ ଆସିଥିଲେ । ଆଜି ଶନିବାର ସକାଳେ କିଛିଲୋକ ଜଙ୍ଗଲକୁ ଶୌଚ ହେବାକୁ ଯିବା ସମୟରେ ଶ୍ରୀମନ ଅଚେତ ହୋଇ ପଡିଥିବାର ଦେଖିଥିଲେ। ତାଙ୍କୁ ପାଣି ଛାଟି ଚେତା କରିବା ପରେ ସେ ଗତ ରାତିର ଘଟଣା କହିଥିଲା ।ତାଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ କୁମାରଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା । ସେଠାରେ ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରିବା ପରେ ଉତ୍ତମ ଚିକିତ୍ସା ନିମନ୍ତେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ପଠାଇଥିବା ଜଣାପଡିଛି । ଖବର ପାଇ ରୁଗୁଡି ପୋଲିସ ଘଟଣା ସ୍ଥଳରେ ପହଂଚି ଅଧିକ ତଦନ୍ତ ଜାରି ରଖିଛ।


## ପାରାଦୀପ ବିଶ୍ୱକର୍ମା ପୂଜା ଉତ୍ସବରେ ମନମୁଗ୍ଧ କଲା ସତ୍ୟଜିତ,ସ୍ମୃତିରାଣି ଓ ଅନ୍ତରାଙ୍କ ସଂଗୀତ



ପାରାଦୀପ(ମହାଭାରତ): ପାରାଦୀପ ରେ ସପ୍ତାହ ବ୍ୟାପି ଚାଲିଥିବା ପ୍ରସିଦ୍ଧ ବିଶ୍ୱକର୍ମା ପୂଜାରେ ମୁଖ୍ୟ ଆକର୍ଷଣ ଥିଲା ବିଭିନ୍ନ ପୂଜା କମିଟି ପକ୍ଷରୁ ଆୟୋଜିତ ସଂଗୀତ ମେଲୋଡି କାର୍ଯ୍ୟକ୍ରମ । ତେବେ ମହୋତ୍ସବର ଅନ୍ତିମ ପଞ୍ଚମ ଓ ଷଷ୍ଠ ସନ୍ଧ୍ୟାରେ ଭାରତୀୟ ବନ୍ଦର ମଜଦୁର ସଙ୍ଘ ପୂଜା କମିଟି ପକ୍ଷରୁ ଆୟୋଜିତ ପାରମ୍ପରିକ ଆଧୁନିକ ନୃତ୍ୟ ସହିତ ସଂଗୀତ ଭିତ୍ତିକ ମେଲୋଡି କାର୍ଯ୍ୟକ୍ରମରେ ପ୍ରସିଦ୍ଧ କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନ,ସ୍ମୃତିରାଣୀ ବେହେରା ଓ ଅନ୍ତରା ଚକ୍ରବର୍ତ୍ତୀ ଙ୍କ ଉଚ୍ଚକୋଟିର ସ୍ମୃତି ମଧୁର ସଂଗୀତ ପରିବେଷଣ ସମସ୍ତ ଙ୍କ ମନ ମୋହିଥିଲା। ସୁନାମଧନ୍ୟ କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନ ତାଙ୍କର ପ୍ରସିଦ୍ଧି ଗୀତ ଚାରି ଗୋଟି ମେଘ ଙ୍କର ବିକଳ ରଡି ସଂଗୀତ ରେ ଚାରି ଗୋଟି ମେଘ ଙ୍କୁ ଏକାଠି କରି ଉପସ୍ଥିତ ଶ୍ରୋତାଙ୍କୁ ବେସ ଭରପୁର ମନୋରଞ୍ଜନ ର ଖୋରାକ ଯୋଗାଇଥିଲେ। ଯେଉଁଥିରେ ପାରାଦୀପ ବିଶ୍ୱକର୍ମା ପୂଜାରେ ଚାରି ମେଘ ଏକାଠି ହବା ଅନୁଭବ କରି ଶ୍ରୋତା ତଥା ଦର୍ଶକ ମାନେ ବେସ ଖୁସି ଅନୁଭବ କରିଥିବା ଦେଖିବାକୁ ମିଳିଥିଲା। ତେବେ ଗାୟକ ସତ୍ୟଜିତ ଙ୍କ କଣ୍ଠ ରୁ ଅନ୍ୟାନ୍ୟ କିଛି ଗୀତ ଶୁଣି ଶ୍ରୋତା ମଣ୍ଡଳୀ ଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିବାକୁ ବାଧ କରିଥିଲା ।ଗୁଡୁ ଗୁଡୁ ବୁଲେଟ ଗାଡି ଗୀତ ଗାଇଥିବା ଅନ୍ତରା ଚକ୍ରବର୍ତ୍ତୀ ଙ୍କ କଣ୍ଠ ରେ ସଂଗୀତ ପରିବେଷଣ ଶୁଣି ସଂଗୀତ ପ୍ରେମୀ ଙ୍କ ମନକୁ ମନୋରଞ୍ଜନ ର ଶୀର୍ଷରେ ପହଞ୍ଚାଇଥିଲା । ଏହି କାର୍ଯ୍ୟକ୍ରମ ରେ ବହୁ ସଂଖ୍ୟାରେ ଲୋକେ ସେମାନଙ୍କ ସପରିବାରେ ମନୋରଞ୍ଜନ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ । ଆୟୋଜକ କମିଟିର ସଭାପତି ରାକେଶ ପଟ୍ଟନାୟକ ଙ୍କ ତତ୍ତ୍ୱାବଧାନରେ ଆରମ୍ଭ ରୁ ଶେଷ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ କୁ ସଫଳତାର ସହ ପରିଚାଳନା କରି ସମସ୍ତଙ୍କର ପ୍ରଶଂସା ଭାଜନ ହୋଇଥିଲେ । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା ଏହି ପୂଜା କମିଟି ପକ୍ଷରୁ ଦୈନିକ ସନ୍ଧ୍ୟାରେ ସର୍ବସାଧାରଣରେ ପୁରୀର ପ୍ରସିଦ୍ଧ ଟଙ୍କ ତୋରାଣି ପ୍ରସାଦ ବ□ନ ସାଙ୍ଗକୁ ସମସ୍ତ ଅତିଥି ମାନଙ୍କୁ ଚର୍ଚ୍ଚା କରିବା ।

## କୋରେଇ ଥାନାର ମୁଖ୍ୟ ଟ୍ରାଫିକ ରାସ୍ତା ଅନ୍ଧାର ରାତିହେଲେ ନାହିଁ ନ ଥିବା ହଇରାଣ

କୋରେଇ(ମହାଭାରତ): କୋରେଇ ବ୍ଲକ ର ୧୮ ଗୋଟି ପଂଚାୟତ କୁ ନେଇ ଚାଲିଛି କୋରେଇଥାନା । ପ୍ରତ୍ୟେକ ଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଥାନାରେ ଭିଡ ଲାଗିଥାଏ ଅଧିକ ପଞ୍ଚାୟତ ସାଂଗକୁ ଅଧିକ ଜନସଂଖ୍ୟା ହୋଇଥିବାରୁ ପ୍ରତ୍ୟେକ ଦିନ କେଶ ବାସ ହୋଇଥାଏ ।ହେଲେ ଥାନା ବାହାରେ ରାସ୍ତା ସାଇଡ଼ରେ ବାଇକ୍ ଠୁ ଆରମ୍ଭ କରି ଦୁର୍ଘଟଣା ର ଘଟାଇଥିବା ବଡ଼ ବଡ଼ ଭାରି ଯାନକୁ ରାସ୍ତା ସାଇଟ ରେ ରହିବା ଠିଆ ହେବାଦ୍ୱାରା ତାହା ନାନାପ୍ରକାର ଅସୁବିଧା ହେଉଛି ଥାନାର କୁ କେଶ ଦେବାକୁ ଆସିଥିବା ଲୋକ ମଧ୍ୟ ରାସ୍ତା ସାଇଡ଼ରେ ବାଇକ୍ ରଖି ଦେଉଛନ୍ତି କାରଣ ଥାନାର ଭିତରେ ମଧ୍ୟ ଚୋରା ବାଇକ୍ ର ଜାଗା ଅଭାବ ରହିଛି ।ଏପଟେ ଥାନା ସାମ୍ନା କୁ ଲାଗି ଏକ ଟ୍ରାଫିକ ଛକ ରହିଛି ଯାହାକି ମସଜିଦ ,ରେଲୱେ ଷ୍ଟେସନ ଓ କାଜୁ ବସ୍ତି. ଶଙ୍ଖ ପାରି ବ୍ଲକ ଯିବାପାଇଁ ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ସେ ଛକ ସନ୍ଧ୍ୟା ହେଲେ ଅନ୍ଧାର ହେଇଯାଉଛି କୌଣସି ଲାଇଟ ର ବେବସ୍ତା ନାହିଁ ସାଧାରଣ ଲୋକମାନେ ନାହିନଥିବାର ହଇରାଣ ଦିନ ରାତି ସେହି ବାଟେ ବଡ଼ ବଡ଼ ରାଜନେତା ମାନେ ଯିବା ଆସିବା କରୁ ଥିବା ବେଳେ କାହା ନଜର ସେଠାରେ ପଡିନଥାଏ ରାତିହେଲେ ସେ ସ୍ଥାନରେ ଅସାମାଜିକ ଙ୍କ ଭିଡ଼ ଜମୁଛି ଥାନା କୁ ସୁରକ୍ଷା ପାଇଁ ଆସୁଥିବା ଲୋକଟି ଅନ୍ଧାର ରେ ନିଜକୁ କେତେ ସୁରକ୍ଷିତ ତାହା ସ୍ୱଷ୍ଟ ଜାଣି ହେଉଛି ।କୋରେଇ ଅଂଚଳରେ ଦିନକୁଦିନ ମଦ୍ୟପ ଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି ପ୍ରଶାସନ ତରଫରୁ ସେଥିପ୍ରତି ଧ୍ୟାନ ଦେବା ନିହାତିଦରକାର କାରଣ ନିଜ ଥାନାର ଚତୁପାର୍ଶ୍ ଆଲୋକିତ ରହିବା ସହିତ ଟ୍ରାଫିକ ର ଲାଇଟ୍ କଣ ପାଇଁ ଜଳୁନୀ ତାହାପ୍ରତି ଧ୍ୟାନ ଦେବା ନିହାତି ଦରକାର କାରଣ ରାତିରେ ଥାନାକୁ କେଶ ଦେବାକୁ ଅସୁବିଧା ବ୍ୟକ୍ତି ଅନ୍ଧାର ରେ ସୁରକ୍ଷିତ ନୁହେଁ ଦେଖିବାକୁ ବାକି ରହିଲା ଏହାର ସମସ୍ୟା କେବେ ସମାଧାନ ହେଉଛି।



ମହାଭାରତ ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ



ରବିବାର, ୨୨ ସେପ୍ଟେମ୍ବର, ୨୦୨୪




# ବିଶ୍ୱରେ କାୟା ମେଲାଇବାରେ ଲାଗିଛି କୋଭିଡର ନୂଆ ଭାରିଆଣ୍ଟ



**ନୂଆଦିଲ୍ଲୀ,୨୧।୯ :** ଏବେ ବି ବିଶ୍ୱରେ କାୟା ମେଲାଇବାରେ ଲାଗିଛି କୋଭିଡର ନୂଆ ଭାରିଆଣ୍ଟ । ଏହି ନୂଆ ଭାରିଆଣ୍ଟର ନାମ XEC ରହିଛି । ଏହା ଓମିକ୍ରନର ଏକ ସବଭାରିଆଣ୍ଟ । ମାତ୍ର ୩ ମାସ ମଧ୍ୟରେ ଏହି ଭାରିଆଣ୍ଟ ୨୭ଟି ଦେଶରେ କାୟା ମେଲାଇଛି । କୋଭିଡ-୧୯ ତୁଳନାରେ ଏହି ଭାରିଆଣ୍ଟ ଅଧିକ ସଂକ୍ରମଣଶୀଳ ହେବ ବୋଲି କୁହାଯାଇଛି । ସେପଟେ ଚୀନର ଉହାନ ସହରରୁ ଭୟଙ୍କର କୋଭିଡ ଭୂତାଣୁର ଉତ୍ପତ୍ତି ହୋଇଥିବା ନେଇ ଆସିଲା ପୁଣି ଆଉ ଏକ ରିପୋର୍ଟ । ୨୦୧୯ରେ ସାରା ବିଶ୍ୱର ଆତଙ୍କ ଖେଳାଇଥିବା ଭୂତାଣୁର ଉତ୍ପତ୍ତି ଉହାନରେ ହୋଇନାହିଁ ବୋଲି ଚୀନ କହିଆସୁଥିବାବେଳେ ଏହି ରିପୋର୍ଟ ସତକୁ ପଦାକୁ ଆଣିଛି । ପ୍ରାୟ ୫ ବର୍ଷ ପରେ ଆସିଥିବା ଏହି ରିପୋର୍ଟକୁ ନେଇ ବେଶ୍ ଚର୍ଚ୍ଚା ଚାଲିଛି । ୨୦୧୯ ଶେଷ ଭାଗରେ ପ୍ରଥମେ ଗୋଟିଏ କୋଭିଡ ସଂକ୍ରମଣ ମାମଲା ପଦାକୁ ଆସିଥିଲା । ପରେ ଏହା ସାରା ବିଶ୍ୱକୁ ଗ୍ରାସ କରିଥିଲା । ଭୂତାଣୁ ସମ୍ପର୍କିତ ଗବେଷଣା କରୁଥିବା ଉହାନର ଲାବରେଟୋରୀରୁ ଏହି ଉତ୍ପନ୍ନ ହୋଇଥିଲା । ଉହାନର ହୁଆନନ ସି-ଫୁଡ ମାର୍କେଟରୁ ସଂଗୃହୀତ ୮୦୦ ନମୁନାର ଗବେଷଣା ରିପୋର୍ଟ ସେଲ୍ ଜର୍ଣ୍ଣାଲରେ ପ୍ରକାଶ ପାଇଛି । ଏହି ମାର୍କେଟରୁ ଗତ ଜାନୁଆରୀ ୨୦୨୦ରେ ନମୁନା ସଂଗ୍ରହ ହୋଇଥିଲା । ତେବେ ସେତେବେଳେ ସେହି ମାର୍କେଟରେ ରାକନ କୁକୁର ଓ ସିଭେଟ ପ୍ରଜାତିର କେତେକ ପ୍ରାଣୀ ଥିଲେ ବୋଲି ରିପୋର୍ଟରେ କୁହାଯାଇଛି । ଏହି କ୍ଷୁଦ୍ର ସ୍ତନ୍ୟପାୟୀ ପ୍ରାଣୀମାନେ ମଣିଷଙ୍କ ପରି ବିଭିନ୍ନ ଭୂତାଣୁର ସଂକ୍ରମଣ ହୋଇପାରିଥାନ୍ତି । ମଣିଷ ଓ ବାଦୁଡ଼ିଙ୍କ ମଧ୍ୟରେ ଏକ ଇଣ୍ଟରମିଡିଏଟ ହୋଷ୍ଟ ସାଜିଥିବା ଏହି ଭୂତାଣୁଙ୍କ ଠାରୁ ସାର୍ସ କୋଭିଡ-୨ ଉତ୍ପନ୍ନ ହୋଇଥାଇପାରେ ବୋଲି ରିପୋର୍ଟରେ ଦର୍ଶାଯାଇଛି ।

### କେନ୍ଦ୍ର ସରକାରଙ୍କୁ ବଡ଼ ଝଟ୍‌କା


# ଆଇଟି ଆଇନରେ ସଂଶୋଧନକୁ ଖାରଜ କଲେ କୋର୍ଟ



**ନୂଆଦିଲ୍ଲୀ,୨୧।୯ :** କେନ୍ଦ୍ରରେ ମୋଦି ସରକାରଙ୍କୁ ଲାଗିଛି ବଡ଼ ଝଟକା । ସୂଚନା ପ୍ରଯୁକ୍ତି ଆଇନ ବା ଆଇଟି ଆକ୍ଟରେ ୨୦୨୩ରେ କେନ୍ଦ୍ର ସରକାର କରିଥିବା ସଂଶୋଧନକୁ ଆଜି ବମ୍ବେ ହାଇକୋର୍ଟ ଅଗ୍ରାହ୍ୟ କରି ଦେଇଛନ୍ତି । ଆଇଟି ଆକ୍ଟରେ ସଂଶୋଧନ କରି କେନ୍ଦ୍ର ସରକାର ନିଜ ଇଚ୍ଛା ଅନୁସାରେ ଗୋଟିଏ ଫ୍ୟାକ୍ଟ ଚେକିଂ ୟୁନିଟ ବା ତଥ୍ୟ ଯାଞ୍ଚ କମିଟି ଗଠନ କରିବାକୁ ଚାହୁଁଥିଲେ । ଏହି ୟୁନିଟ ସୋଶାଲ ମିଡିଆରେ ସରକାରଙ୍କ କାର୍ଯ୍ୟଶୈଳୀକୁ ନେଇ ପ୍ରକାଶ ପାଉଥିବା ପୋଷ୍ଟର ସତ୍ୟତା ଯାଞ୍ଚ କରିବା ସହ ମିଛ ପୋଷ୍ଟଗୁଡ଼ିକୁ ହଟାଇବାର କ୍ଷମତା ରଖିଥାଆନ୍ତା । ତେବେ କେନ୍ଦ୍ରର ଏପରି ଆଭିମୁଖ୍ୟ ବିରୋଧରେ ଷ୍ଟାଣ୍ଡଅପ କମେଡିଆନ କୁନାଲ କାମରା କୋର୍ଟରେ ପହଞ୍ଚିଥିଲେ । ଏବେ ବମ୍ବେ ହାଇକୋର୍ଟ କେନ୍ଦ୍ରର ଏହି ସଂଶୋଧନକୁ ରଦ୍ଦ କରିଦେଇଛନ୍ତିଜଷ୍ଟିସ ଏଏସ ଚନ୍ଦୁକର କହିଛନ୍ତି, ସୂଚନା ପ୍ରଯୁକ୍ତି ସଂଶୋଧନ ନିୟମ, ୨୦୨୩ରେ ଫ୍ୟାକ୍ଟ ଚେକ ୟୁନିଟ(ଏଫସିୟୁ) ତିଆରି କରିବାକୁ କେନ୍ଦ୍ରକୁ କ୍ଷମତା ଦେଇଛି । ଅନଲାଇନରେ ଫେକ ନ୍ୟୁଜକୁ ଚିହ୍ନଟ କରିବା ଉପରେ ଏହି ୟୁନିଟ କାର୍ଯ୍ୟ କରିବ । କିନ୍ତୁ ଏହା ସମ୍ବିଧାନର ଧାରା ୧୪ ଓ ୧୯କୁ ଉଲ୍ଲଙ୍ଘନ କରୁଛି । ତେଣୁ ପ୍ରସ୍ତାବିତ ଆଇଟି ଆକ୍ଟ ସଂଶୋଧନକୁ ଅଗ୍ରାହ୍ୟ କରାଯାଉଛି । ଏହି ପ୍ରସଙ୍ଗରେ ପ୍ରଥମେ ଡିଭିଜନ ବେଞ୍ଚ ଶୁଣାଣି କରିଥିଲେ । ଜାନୁଆରୀ ମାସରେ ବେଞ୍ଚ ବିଭାଜିତ ରାୟ ପ୍ରକାଶ କରିବାରୁ ମାମଲା ତୃତୀୟ ବିଚାରପତିଙ୍କ ପାଖକୁ ଯାଇଥିଲା । ଆଜି ତୃତୀୟ ବିଚାରପତି କେନ୍ଦ୍ର ବିରୋଧରେ ରାୟ ଦେଇଛନ୍ତି । ମାର୍ଚ୍ଚ ମାସରେ କେନ୍ଦ୍ର ସରକାର ନିଜର ତଥ୍ୟ ଯାଞ୍ଚ ୟୁନିଟ୍ ବା ଏଫସିୟୁର ଅପରେସନାଲ ଷ୍ଟାଟସ ନେଇ ପ୍ରକାଶ କରିଥିବା ବିଜ୍ଞପ୍ତି ଉପରେ ସୁପ୍ରିମକୋର୍ଟ ରୋକ ଲଗାଇ ଦେଇଥିଲେ । ବମ୍ବେ ହାଇକୋର୍ଟ ଏହା ଉପରେ ନିଷ୍ପତ୍ତି ନ ନେବା ଯାଏ କେନ୍ଦ୍ର ସରକାର ବିଜ୍ଞପ୍ତି ଜାରି କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଥିଲେ । ସରକାରଙ୍କ ସଂଶୋଧନ ବିରୋଧରେ କୋର୍ଟ ଯାଇଥିବା କୁନାଲ କାମରା ଓ ଅନ୍ୟ ଆବେଦନକାରୀଙ୍କ କହିବା କଥା ଯେ ଏପରି ସଂଶୋଧନ ଅକାରଣରେ ବାକ ସ୍ୱାଧୀନତା ଉପରେ କଟକଣା ଲଗାଇବ । ଏହି ପ୍ରୋଭିଜନ ଦ୍ୱାରା ସରକାରୀ ନେତୃତ୍ୱାଧୀନ ୟୁନିଟ ଅନଲାଇନରେ ନିଜକୁ ସୁହାଇଲା ଭଳି ପଦକ୍ଷେପ ନେବ । ଯାହା ଜଣେ ବ୍ୟକ୍ତିଙ୍କ ବାକ ସ୍ୱାଧୀନତାକୁ କ୍ଷୁଣ୍ଣ କରିବ ବୋଲି ଆବେଦନକାରୀ କହିଥିଲେ ।

# ସୁପ୍ରିମକୋର୍ଟଙ୍କ ୟୁଟ୍ୟୁବ ଚ୍ୟାନେଲ ହ୍ୟାକ୍

**ନୂଆଦିଲ୍ଲୀ,୨୧।୯ :** ସୁପ୍ରିମ୍ କୋର୍ଟଙ୍କ ୟୁଟ୍ୟୁବ୍ ଚ୍ୟାନେଲ୍ ହ୍ୟାକ୍ ହୋଇଛି । ଉକ୍ତ ଚ୍ୟାନେଲକୁ ଖୋଲିଲେ ସେଥିରେ ଆମେରିକୀୟ କମ୍ପାନୀ ରିପଲ୍ ଲ୍ୟାବ୍ସ ଦ୍ୱାରା ବିକଶିତ କ୍ରିପ୍ଟୋକରେନ୍ସି ଏକ୍ସଆରପିକୁ ପ୍ରୋତ୍ସାହିତ କରୁଥିବା ଭିଡିଓ ଦେଖାଯାଉଛି । ସୂଚନା ଅନୁଯାୟୀ, କ୍ରିପ୍ଟୋକରେନ୍ସି ଏକ୍ସଆରପିର ବିଜ୍ଞାପନ ଭିଡିଓ ସୁପ୍ରିମ୍ କୋର୍ଟର ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲରେ ଦେଖାଯାଉଛି ।



ଏକ୍ସଆରପି କ୍ରିପ୍ଟୋକରେନ୍ସି ଆମେରିକାର କମ୍ପାନି ରିପଲ୍ ଲ୍ୟାବ୍ସ ଦ୍ୱାରା ବିକଶିତ ହୋଇଛି ।ଖଣ୍ଡପୀଠରେ ତାଲିକାଭୁକ୍ତ ମାମଲାଗୁଡ଼ିକର ଶୁଣାଣିର ସିଧା ପ୍ରସାରଣ ପାଇଁ ସୁପ୍ରିମକୋର୍ଟ ଏହି ୟୁଟ୍ୟୁବ୍ ଚ୍ୟାନେଲ୍ ବ୍ୟବହାର କରନ୍ତି । ହ୍ୟାକର୍ସ ସୁପ୍ରିମକୋର୍ଟଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ଅପଲୋଡ୍ ହୋଇଥିବା ଶେଷ ଶୁଣାଣିର ଭିଡିଓକୁ ବ୍ୟକ୍ତିଗତ କରି ଲେଖିଛନ୍ତି ବ୍ରାଡ୍ ଗାର୍ଲିଙ୍ଗହାଉସ୍: ଏସଇସିର ୨ ବିଲିୟନ ଡଲାର ଜରିମାନା ଉପରେ ରିପଲ୍ ପ୍ରତିକ୍ରିୟା । ଚ୍ୟାନେଲରେ 'ଏକ୍ସଆରପି ପ୍ରାଇସ୍ ପ୍ରେଡିକ୍ସନ' ଶୀର୍ଷକ ଏକ ଭିଡିଓ ଲାଇଭ୍ ହୋଇଥିଲା । ଏହାର ସିଇଓ ବ୍ରାଡ୍ ଗାର୍ଲିଂହାଉସଙ୍କ ନକଲି ଆକାଉଣ୍ଟ ତିଆରି କରିବାରୁ ହ୍ୟାକର୍ସଙ୍କୁ ରୋକିବାରେ ବିଫଳ ହୋଇଥିବାରୁ ରିପଲ୍ ନିଜେ ୟୁଟ୍ୟୁବ୍ ବିରୋଧରେ ମାମଲା ରୁଜୁ କରିଛି । ନିକଟରେ ଚ୍ୟାନେଲ କୋଲକାତାର ଆରଜି କର ହସ୍ପିଟାଲରେ ଜଣେ ପ୍ରଶିକ୍ଷଣାର୍ଥୀ ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ମାମଲା ପ୍ରସାରଣ କରିଥିଲା । ଶୁଣାଣିର ରେକର୍ଡିଂ ଖୋଜୁଥିବା ଦର୍ଶକମାନେ ଜାଣିବାକୁ ପାଇଲେ ଯେ ପୂର୍ବର ସମସ୍ତ ଭିଡିଓକୁ ବ୍ୟକ୍ତିଗତ କରାଯାଇଛି ଓ ଏକ୍ସଆରପି ପ୍ରାଇସ୍ ପ୍ରିଡିକ୍ସନଶୀର୍ଷକ ଏକ ଲାଇଭ୍ ଭିଡିଓ ପ୍ରସାରିତ ହୋଇଛି । ସୁପ୍ରିମ୍ କୋର୍ଟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ କଣ ଘଟିଛି ସେ ନିଶ୍ଚିତ ନୁହଁନ୍ତିକିନ୍ତୁ ୱେବସାଇଟ୍ ହ୍ୟାକ ଥିବା ଜଣାପଡୁଛି । ଶୁକ୍ରବାର ସକାଳେ ଏହା ଚିହ୍ନଟ ହୋଇଥିଲା ଏବଂ ସୁପ୍ରିମ୍ କୋର୍ଟ ଆଇଟି ଟିମ୍ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନଆଇସି)ରେ ଏହି ପ୍ରସଙ୍ଗ ଉଠାଇଛନ୍ତି ।

# ଏତେ ଶସ୍ତାରେ ଗାଈ ଘିଅ ମିଳିପାରିବ ନାହିଁ : ଟିଟିଡି ଅଧିକାରୀ

**ତିରୁପତି,୨୧।୯ :** ତିରୁପତିସ୍ଥିତ ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ପ୍ରସାଦ ରୂପେ ଅର୍ପଣ କରାଯାଉଥିବା ଲଡୁରେ ପଶୁ ଚର୍ବି ବ୍ୟବହାରକୁ ନେଇ ବିବାଦ ଲାଗି ରହିଥିବା ବେଳେ ମନ୍ଦିର ପରିଚାଳନା କରୁଥିବା ତିରୁମାଲା ତିରୁପତି ଦେବସ୍ଥାନମ(ଟିଟିଡି)ର ବୟାନ ଆସିଛି । ଏଥିରେ ପଶୁ ଚର୍ବି ବ୍ୟବହାରକୁ ପରୋକ୍ଷରେ ସ୍ୱୀକାର କରାଯାଇଛି । ଟିଟିଡି ଶୁକ୍ରବାର କହିଛି ଯେ ଘିଅ ଯୋଗାଣକାରୀମାନେ ଆଭ୍ୟନ୍ତରୀଣ ଗୁଣବତ୍ତା ପରୀକ୍ଷା ସୁବିଧାର ଅଭାବର ଫାଇଦା ଉଠାଇଛନ୍ତି ଏବଂ ବାହ୍ୟ ପରୀକ୍ଷଣ ସୁବିଧା ମଧ୍ୟ ବ୍ୟବହାର କରିନାହାଁନ୍ତି । ମନ୍ଦିରର ଘିଅ ଟେଣ୍ଡର ପାଇଁ ବ୍ୟବସାୟୀମାନେ ଯେଉଁ ଦର ଦେଉଥିଲେ ତାହା ବ୍ୟବହାରିକ ନୁହେଁ । ସେମାନଙ୍କ ଦର ଏତେ କମ୍ ଥିଲା ଯେ ଏହି ମୂଲ୍ୟରେ ଶୁଦ୍ଧ ଗାଈ ଘିଅ ମିଳିପାରିବ ନାହିଁ ବୋଲି ଯେକେହି କହିପାରିବ । ଟିଟିଡିର କାର୍ଯ୍ୟନିର୍ବାହୀ ଅଧିକାରୀ ଜେ. ଶ୍ୟାମଳା ରାଓ ପ୍ରକାଶ କରିଛନ୍ତି ଯେ ଚୟନ କରାଯାଇଥିବା ନମୁନାର ଯାଞ୍ଚରୁ ସେଥିରେ ପଶୁ ଚର୍ବି ଥିବା ଜଣାପଡିଛି । ସେ ମଧ୍ୟ ଘିଅର ଗୁଣବତ୍ତାରେ ଉଲ୍ଲେଖନୀୟ ହ୍ରାସ ଘଟିଥିବା ଉଲ୍ଲେଖ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ କ୍ଷମତାକୁ ଆସିବା ପରେ ଚାହୁଁଥିଲେ ଯେ ଟିଟିଡି ଶୁଦ୍ଧ ଘିଅ କିଣିବା ସହ ଏହି ମନ୍ଦିରର ପବିତ୍ରତା ବଜାୟ ରଖିବା ପାଇଁ ପଦକ୍ଷେପ ନେଉ । ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛା ଅନୁଯାୟୀ ଆମେ ଏହା ଉପରେ କାମ ଆରମ୍ଭ କରିଥିଲୁ । ତେବେ ଘିଅରେ ଅପମିଶ୍ରଣ ପରୀକ୍ଷା ପାଇଁ ମନ୍ଦିର ନିକଟରେ କୌଣସି ପରୀକ୍ଷାଗାର ନଥିବା ଦେଖିବାକୁ ମିଳିଥିଲା । ଏପରିକି ବାହ୍ୟ ପରୀକ୍ଷାଗାରରେ ମଧ୍ୟ ଘିଅର ଗୁଣବତ୍ତା ଯାଞ୍ଚ ପାଇଁ ବ୍ୟବସ୍ଥା ନାହିଁ । ରାଓ କହିଛନ୍ତି, 'ମନ୍ଦିରର ଘିଅ ଟେଣ୍ଡର ପାଇଁ ବ୍ୟବସାୟୀମାନେ ଯେଉଁ ଦର ଦେଉଥିଲେ ତାହା ବ୍ୟବହାରିକ ନୁହେଁ । ସେମାନଙ୍କ ଦର





ଏତେ କମ୍ ଥିଲା ଯେ ଏହି ମୂଲ୍ୟରେ ଶୁଦ୍ଧ ଗାଈ ଘିଅ ମିଳିପାରିବ ନାହିଁ ବୋଲି ଯେକେହି କହିପାରିବ । ଏହାପରେ ଆମେ ସମସ୍ତ ଘିଅ ଯୋଗାଣକାରୀଙ୍କୁ ଚେତାବନୀ ଦେଇଥିଲୁ ଯେ ଯଦି ସେମାନଙ୍କ ଘିଅ ଲ୍ୟାବ୍ ଟେଷ୍ଟରେ ପାସ୍ ନ କରେ, ତେବେ ସେମାନଙ୍କୁ କଳା ତାଲିକାଭୁକ୍ତ କରାଯିବ । ଆମେ ଏହି ସରକାରୀ ପରୀକ୍ଷାଗାରକୁ ପରୀକ୍ଷା ପାଇଁ ସମସ୍ତ ଘିଅର ନମୁନା ପଠାଇଥିଲୁ । ଏହି ଲ୍ୟାବରୁ ଯେଉଁ ରିପୋର୍ଟ ଆସିଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।

# ଭାରତରେ ଆଇଫୋନ୍ ୧୬ ବିକ୍ରି ଆରମ୍ଭ

**ମୁମ୍ବାଇ,୨୧।୯(ଏଜେନ୍ସି):** ଆଇଫୋନ୍ ପ୍ରେମୀଙ୍କ ଅପେକ୍ଷାର ଅନ୍ତ ହୋଇଛି । ଆପଲ୍ ଆଜିଠାରୁ ଦେଶରେ ଆଇଫୋନ୍ ୧୬ ସିରିଜ୍ ବିକ୍ରି ଆରମ୍ଭ କରିଛି । ଭାରତରେ ନୂଆ ଆଇଫୋନ୍ ଶୁକ୍ରବାର ସକାଳ ୮ଟାରୁ ଉଭୟ ରିଟେଲ ଓ ଅନଲାଇନ ଷ୍ଟୋରରେ ଉପଲବ୍ଧ ହୋଇଛି । ଏଥର ବଜେଟରେ ଆମଦାନୀ ଶୁଳ୍କ ହ୍ରାସ ହେତୁ କମ୍ପାନୀ ପ୍ରଥମ ଥର ପାଇଁ ପୂର୍ବ ମଡେଲ ତୁଳନାରେ କମ୍ ମୂଲ୍ୟରେ ଆଇଫୋନ୍ ପ୍ରୋ ସିରିଜ୍ ବିକ୍ରି କରୁଛି । ଆଇଫୋନ୍ ୧୬ ପ୍ରୋର ପ୍ରାରମ୍ଭିକ ମୂଲ୍ୟ ୧,୧୯,୯୦୦ ଟଙ୍କା ଓ ଆଇଫୋନ୍ ୧୬ ପ୍ରୋ ମ୍ୟାକ୍ସର ପ୍ରାରମ୍ଭିକ ମୂଲ୍ୟ ହେଉଛି ୧,୪୪,୯୦୦ ଟଙ୍କା । ପ୍ରାୟ ବର୍ଷେ ପୂର୍ବେ ଆଇଫୋନ୍ ୧୫ ପ୍ରୋ ପ୍ରାରମ୍ଭିକ ମୂଲ୍ୟରେ ୧,୩୪,୯୦୦ ଟଙ୍କା ଓ ଆଇଫୋନ୍ ୧୫ ପ୍ରୋ ମ୍ୟାକ୍ସ ୧,୫୯,୯୦୦ ଟଙ୍କା ମୂଲ୍ୟରେ ଲଞ୍ଚ କରାଯାଇଥିଲା । ଆଇଫୋନ୍ ୧୬ ସିରିଜ୍ ବ୍ୟତୀତ, ଆଇଫୋନ୍ ୧୪ ଓ ଆଇଫୋନ୍ ୧୩ ପରି ପୁରୁଣା



ଆଇଫୋନ୍ ସିରିଜ୍ ବିକ୍ରିରେ ମଧ୍ୟ ବୃଦ୍ଧି ଘଟିଛି । ଆପଲ୍ ଆଇଫୋନ୍ ୧୬ ରେ ଉପଲବ୍ଧ ଫିଚର୍ସ ଗୁଡିକ ବିଷୟରେ କହିବାକୁ ଗଲେ, ଏଥିରେ ଆପଲ୍ ଇଣ୍ଟେଲିଜେନ୍ସ,, ବଡ଼ ସ୍କ୍ରିନ ଓ କ୍ୟାମେରା କଣ୍ଟ୍ରୋଲ ସହିତ ଅନେକ ନୂଆ ଫିଚର୍ସ ଅଛି । ଆଇଫୋନ୍ ୧୬ ପ୍ରୋ ଓ ଆଇଫୋନ୍ ୧୬ ପ୍ରୋ ମ୍ୟାକ୍ସ ୧୨୮ ଜିବି, ୨୫୬ ଜିବି, ୫୧୨ ଜିବି ଓ ୧ ଟିଭି ଷ୍ଟୋରେଜ୍ କ୍ଷମତାରେ ଉପଲବ୍ଧ ହେବ । ଆଇଫୋନ୍ ସିରିଜରେ ଏପର୍ଯ୍ୟନ୍ତ ସବୁଠୁ ବଡ ଡିସପ୍ଲେ ଯାହାର ଆକାର ୬.୩ ଇଞ୍ଚ ଓ ୬.୯ ଇଞ୍ଚ ରହିଛି । ଭାରତରେ ଆପଲର ବ୍ୟବସାୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ୨୦୨୫ ସୁଦ୍ଧା ଏହାର ଆୟ ୧୦ ବିଲିୟନ ଡ଼ଲାର୍ ମାର୍କ ଅତିକ୍ରମ କରିପାରେ । ଗତ ବର୍ଷ ତୁଳନାରେ ଏଥର ନୂଆ ଆଇଫୋନର ବେସ ଭାରିଆଣ୍ଟ ପାଇଁ ଅଧିକ ଚାହିଦା ରହିଛି । ଏଥିସହିତ, କମ୍ପାନୀଗୁଡିକ ଆକର୍ଷଣୀୟ ଫାଇନାନ୍ସ ବିକଳ୍ପ ମଧ୍ୟ ପ୍ରଦାନ କରୁଛନ୍ତି । ଏହି କାରଣରୁ ଲାଗୁଛି ଯେ ନୂଆ ୧୬ ସିରିଜ୍ ପୂର୍ବ ରେକର୍ଡ ଭାଙ୍ଗିବ ।

### ସି.ପି.ଆଇ. ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

# ଜନ ସମସ୍ୟାର ସମାଧାନ ପାଇଁ ଦାବି

**କେନ୍ଦ୍ରାପଡ଼ା,(ନି.ପ୍ର):** ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଜନସାଧାରଣଙ୍କ ଜୀବନ ଜୀବିକାର ସମସ୍ୟା ସମାଧାନ ହେବା ପରିବର୍ତ୍ତେ କ୍ରମେ ସଙ୍ଗୀନ ଆକାର ଧାରଣ କରୁଛି । ନୂଆ ସରକାର ଗାଦୀସୀନ ହେବାପରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପତ୍ରର ଲଗାମ ହୀନ ଭାବେ ବଢି ଚାଲିଛି । ରାଜ୍ୟ ସରକାରଙ୍କ ଏ କ୍ଷେତ୍ରରେ ଅସହାୟତା ପ୍ରଦର୍ଶନ ଜନତାଙ୍କୁ ହତାଶ ଚକିତ କରିଛି । ଅପାରଗ ରାଜ୍ୟ ସରକାର ରାଜ୍ୟ ସରକାରଙ୍କ ଏ କ୍ଷେତ୍ରରେ ଅସହାୟତା ସାଙ୍ଗକୁ ଜିଲ୍ଲାରେ ଜଳ ନିଷ୍କାସନ, ପନି ପରିବା ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାର ପ୍ରତିଷ୍ଠା, କନ୍ଧା ଚାଷୀମାନଙ୍କୁ ଦଖଲ ଜମିର ପଟ୍ଟା ପ୍ରଦାନ ଆଦି କ୍ଷେତ୍ରରେ ଜିଲ୍ଲା ପ୍ରଶାସନର ଅପାରଗତା ବିରୋଧରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ଦଫା ସମ୍ବଳିତ ଦାବିପତ୍ର ପ୍ରେରଣ କରାଯାଇଛି । ସାଥୀ ବିକାଶ ଚନ୍ଦ୍ର ବେଉରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବିକ୍ଷୋଭ ସମାବେଶରେ ପାର୍ଟିର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ ଓ ରାଜ୍ୟନେତା ପ୍ରାକ୍ତନ ବିଧାୟକ ନାରାୟଣ ରେଡ୍ଡୀ ବିକ୍ଷୋଭକାରୀ ପାର୍ଟିର କର୍ମୀମାନଙ୍କୁ ସମ୍ବୋଧିତ କରି ଉଭୟ କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାରର ସାଧାରଣ ଜନତା ବିରୋଧି ଓ ପୁଞ୍ଜିପତି ସପକ୍ଷବାଦୀ ନୀତି ପାଇଁ ଦେଶର ସାଧାରଣ ମଣିଷର ଜୀବନ, ଜୀବିକା କ୍ରମାନ୍ୱୟରେ ବିପର୍ଯ୍ୟୟ



ହେବାରେ ଲାଗିଛି । ଏଣୁ ଜନ ସମସ୍ୟାର ସମାଧାନ ପାଇଁ ଦେଶରେ ନୂଆ ରାଜନୀତି ଆଣିବାକୁ ହେବ ବୋଲି ଆହ୍ୱାନ ଦେଇଥିଲେ । ଜିଲ୍ଲା ସମ୍ପାଦକ ସାଥି ରମଣୀରଞ୍ଜନ ରାଉତରାୟ ୧୨ଦଫା ସମ୍ବଳିତ ଦାବିପତ୍ର ଉପସ୍ଥାପନ କରିବା ସହ ବିକ୍ଷୋଭ ସମାବେଶର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାରୀନେତ୍ରୀ ସୋହାନା ବେଗମ, ରାମଚଣ୍ଡୀ କୃଷକ ସଭାର ସଭାପତି ପ୍ରଶାନ୍ତ ଚୌଧୁରୀ, ସଙ୍ଗଠନ ସମ୍ପାଦକ ହରେକୃଷ୍ଣ ମାଝୀ, ଶିକ୍ଷକ ନେତା ଶ୍ରୀଚରଣ ସାମଲ, ରମେଶ ଚନ୍ଦ୍ର ନାୟକ, ସି.ପି.ଆଇ. ସହ ସମ୍ପାଦକ ଆଦିକନ୍ଦ ରାଉଳ ପ୍ରମୁଖ ଲୋକ ମାନଙ୍କର ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ଦୃଢ଼ ଦାବୀ କରିଥିଲେ । ବିକ୍ଷୋଭ ଆରମ୍ଭ ପୂର୍ବରୁ ବିକ୍ଷୋଭକାରୀମାନେ ସହର ଉପକଣ୍ଠ ଗୋପଛକ ଠାରୁ ଶୋଭାଯାତ୍ରାରେ ସହର ପରିକ୍ରମା କରି ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମେବେତ ହୋଇଥିଲେ । ଶୋଭାଯାତ୍ରାକୁ ସାଥି ପ୍ରଦୀପ ବେହେରା ଓ ପ୍ରମୋଦ ରାଉତ ପ୍ରମୁଖ ନେତୃତ୍ୱ ଦେଇଥିଲେ । ଭିକ୍ଷୋଭକାରୀ ମାନଙ୍କ ଠାରୁ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ ଦାବିପତ୍ରକୁ ଗ୍ରହଣ କରି ନେତୃତ୍ୱଙ୍କ ସହ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଦେଶରେ କମ୍ୟୁନିଷ୍ଟ ଆନ୍ଦୋଳନର ବିଶିଷ୍ଟ ନେତା, ପ୍ରାକ୍ତନ ସାଂସଦ ତଥା ସି.ପି.ଆଇ.(ଏମ) ଜାତୀୟ ସମ୍ପାଦକ ସାଥି ସୀତାରାମ ୟେଚୁରୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

# ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଦାବି କଲେ ଗ୍ରାମବାସୀ

**ନିଶ୍ଚିନ୍ତକୋଇଲି,(ନି.ପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ଉତରକୂଳ ଗ୍ରାମପଂଚାୟତ ମୁଗୁରିଆ ଗ୍ରାମରେ ସରକାରୀ ଜମିରୁ ଜବରଦଖଲ କରାଯିବା ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି । ନିଶ୍ଚିନ୍ତକୋଇଲି ବ୍ଲକ ତଥା କିଶନନଗର ତହସିଲ ସରକାରୀ ଜମି ସାବକ ଖାତା ନମ୍ବର ୭୪୯ ଏ.୩୪ଡିରୁ ଏ.୧୫ଡି ଜମି ନୂତନ ଖାତା ପ୍ରସ୍ତୁତ କରି ସ୍ଥାନୀୟଗ୍ରାମର ପ୍ରତାପକୁମାର ସ୍ୱାଇଁ ପିତା ହୃଷିକେଶ ସ୍ୱାଇଁ ଙ୍କ ନାମରେ ୨୦୧୩-୨୦୧୪ ଚକବନ୍ଦୀରେ ନିଜ ନାମରେ ପଟ୍ଟା କରାଇ ନେଇଥିବାର ଅଭିଯୋଗ ହୋଇଛି । ଯାହାର ଖାତା ନମ୍ବର ୨୧୬, ପ୍ଲଟ ନଂ ୧୧୧୩ ନିଜ ନାମରେ ପଟ୍ଟା କରିନେଇଥିଲେ ମଧ୍ୟ ଅବଶିଷ୍ଟ ବଳକା ଜମିକୁ ଜବର ଦଖଲ କରାଯାଇଥିବାର ଅଭିଯୋଗ ହୋଇଛି । ସରକାରଙ୍କ ନାମରେ ଥିବା ନୂତନ ଖାନା ନମ୍ବର ୪୧୬ ପ୍ଲଟ ନମ୍ବର ୧୨୧୪ ଜମି ଉପରେ ସ୍ଥାୟୀ କୋଠାଘର ନିର୍ମାଣ କରାଯାଇଥିବାର ଅଭିଯୋଗ ହୋଇଛି । ସରକାରୀ ଜମି ଜବରଦଖଲ କାରଣରୁ ସ୍ଥାନୀୟ ଗ୍ରାମବାସୀ ଧାନ ଅମଳ ନିମନ୍ତେ ଓ ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିରକୁ ପୂଜାର୍ଚ୍ଚନା କରିବାକୁ ଗଲାବେଳେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି । କୌଣସି ବ୍ୟକ୍ତି ଏହାର ପ୍ରତିବାଦ କଲେ ତାଙ୍କୁ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳି ଗୁଲଜ କରାଯିବା ସହ ତାଙ୍କ ପରିବାର ଲୋକଙ୍କୁ ହତ୍ୟା ଧମକ ଦିଆଯାଇଥିବାର ଅଭିଯୋଗ ହୋଇଛି । ଏଠାରେ ସୂଚନା ଯୋଗ୍ୟଯେ ସମ୍ପୃକ୍ତ ବ୍ୟକ୍ତିଙ୍କର ୩ ଏକରରୁ ଉର୍ଦ୍ଧ୍ୱ ସ୍ଥାବର ଅସ୍ଥାବର ସମ୍ପତି ମୁଗୁରିଆ ଓ ଭୁବନେଶ୍ୱରରେ ରହିଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

# ଅନୁପ୍ରବେଶକାରୀଙ୍କୁ ଜିଲ୍ଲାରୁ ହଟାଇବାକୁ ଦାବି

**ଭଦ୍ରକ,(ନି.ପ୍ର):** ପଭଦ୍ରକ ଜିଲ୍ଲାର ବରିଷ୍ଠ ନାଗରିକ ସଂଘ 'ସଂଗଠନ ରାଷ୍ଟ୍ରୀୟ ଚିନ୍ତନ' ତରଫରୁ ଭଦ୍ରକ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରିତ କରାଯାଇଛି । ଭଦ୍ରକରେ ବିଗତ ବର୍ଷ ମାନଙ୍କରେ ଅନେକ ଥର ସାମ୍ପ୍ରଦାୟିକ ଦଙ୍ଗା ଘଟିତ ହୋଇ ବିପୁଳ ଧନ ଜୀବନ ହରାଇ ସାରିଛି । ଏଥିରେ ବାଙ୍ଗଲାଦେଶୀ, ରୋହଙ୍ଗିଆ ଅନୁପ୍ରବେଶ ଜିଲ୍ଲାର ସ୍ଥିତିକୁ ଆହୁରି ଜଟିଳ କରୁଛ । ଏବେ ଏମାନଙ୍କ ସଂଖ୍ୟା ଦୋସିଙ୍ଗା, କଇଥକୋଲା, ଧାମରା, କରଣପଲ୍ଲି, କସିଆ, ବାଲିମୁଣ୍ଡା, ଧାମନଗରର ଗୁଡପୋଖରୀ, ଚୁନୁପଡା, ମୁଲ୍ଲାସାହି, ପନ୍ଦରବାଟିଆ ଆଦି ତିହିଡିରେ ପାଳିଆବିନ୍ଧା, ମହରମପୁର, ଭାଟପଡା, ସିନ୍ଧୋଳ ଆଦି ଭଦ୍ରକର ଏରେଇ, ମିର୍ଜାପୁର ବିଦ୍ୟାଧରଆଡି, ଧନାଟୋଲା, ହଳଦିଡିହ, ନୂଆସାହୀ ଆଦି ଆହୁରି ଅନେକ ସ୍ଥାନ, ଭଦ୍ରକ ବ୍ଲକର ବହୁଦରଡା,ଗୁଜିଦରଡା, ଗେଲପୁର, ବିଷ୍ଣୁପୁର ଆଦି । ବନ୍ତରେ ପ୍ରଧାନପଡା, ବନ୍ତ ଏପରି ଆହୁରି ଅନେକ ସ୍ଥାନରେ ସମୁଦାୟ ୨୫୦୦୦ ରୁ ୩୦୦୦୦ ସଂଖ୍ୟକ ଲୋକ ଉକ୍ତ ସ୍ଥାନ ମାନଙ୍କରେ ଘରକରି କିମ୍ବା ଭଡାଘରେ ନଚେତ ସରକାରୀ ଜମି ଜବରଦଖଲ କରି ରହୁଛନ୍ତି । ଅର୍ଥ ଲାଞ୍ଚ ଦେଇ ଆଧାରକାର୍ଡ, ରାସନକାର୍ଡ, ଏପରିକି ଭୋଟରକାର୍ଡ କରିନେଇ ସାରିଲେଣି । ପଚରା ଗଲେ ଏମାନେ ମୁର୍ଶିଦାବାଦ, ଚବିଶ ପ୍ରଗଣା, ମେଦିନିପୁର, ମାଳଦା କିମ୍ବା ଉତ୍ତର ପ୍ରଦେଶର ବୋଲି ପରିଚୟ ଦେଉଛନ୍ତି । ଏମାନେ ସରକାରଙ୍କ ସମସ୍ତ ଯୋଜନାର ସୁଯୋଗ ନେବା ସହ ଭଦ୍ରକ ଗ୍ରାମୀଣ ଲୋକ ମାନଙ୍କ କୌଳିକ ବୃତ୍ତି ଗୁଡିକୁ ଯୋଜନାବଦ୍ଧ ଭାବେ ହଡପ କରି ସାରିଲେଣି । ହରେକମାଲ, ଆଇସକ୍ରିମ, ଲୁଗାପଟା, ପନିପରିବା, ଫଳ, ପ୍ଲାଷ୍ଟିକ ସାମଗ୍ରୀ, ବାସନକୁସନ,



ବିଭିନ୍ନ ବଙ୍ଗଳାଦେଶୀ ଔଷଧ, ପାଉଁରୁଟି ବିସ୍କୁଟ ଅପମିଶ୍ରିତ ଖାଦ୍ୟ ଆଦି ଗାଁ ଗାଁରେ ବୁଲି ବିକ୍ରି କରୁଛନ୍ତି । ଯେଉଁଥିରେ ସରକାରଙ୍କୁ କୌଣସି ଖଜଣା ଦେଉନାହାନ୍ତି । ଦିନରେ ଏହି ବ୍ୟାପାର ଓ ରାତିରେ ଚୋରିର ଘଟଣା ଅନେକ ଥର ଘଟିତ ହୋଇ ସାରିଲାଣି । ଏବେ ଏମାନଙ୍କ ଦ୍ୱାରା ବ୍ୟାପକ ଗୋ-ହତ୍ୟା, ଗୋଚାଲାଣ ଯୋଗୁଁ ଅନେକ ସ୍ଥାନରେ ହିଂସାକାଣ୍ଡ ଘଟିଛି । ହିନ୍ଦୁ ଝିଅ ବୋହୂଙ୍କ ଉପରେ ଏମାନଙ୍କ ନଜର । ଲଭଜେହାଦର ଅନେକ ଘଟଣା ଥାନାରେ ଅଭିଯୋଗ ଦାଖଲ ହୋଇ ସାରିଛି । ଏବେ ଏମାନ ହିନ୍ଦୁମାନଙ୍କ ଉପରେ ସାମ୍ପ୍ରଦାୟିକ ଆକ୍ରମଣ ଆରମ୍ଭ କରିଦେଲେଣି । ଭବିଷ୍ୟତରେ ଆମ ଜିଲ୍ଲାରେ ଏହା ଅତ୍ୟନ୍ତ ଉତ୍କଟ ଓ ଜଟିଳ ସ୍ଥିତି ସୃଷ୍ଟି କରିବ ବୋଲି ସଂଗଠନର ସଭାପତି ବିଜୟ ଭୂଷଣ ନାୟକ କହିଛନ୍ତି । ଏଣୁ ଉଚ୍ଚ ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ଉପଯୁକ୍ତ ତଦନ୍ତ ଆରମ୍ଭ କରି ଉକ୍ତ ଲୋକଙ୍କ ଚିହ୍ନଟ କରାଯାଇ ସେମାନଙ୍କୁ ଯଥା ଶୀଘ୍ର ଦେଶାନ୍ତର କରାଯାଉ । ତେବେ ଯାଇ ଏହି ମହାବିପତ୍ତିରୁ ରକ୍ଷା ମିଳି ପାରିବ ବୋଲି କୁହାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ କୈଳାସ ଦାସ, ଭୀମ ଚରଣ ବେହେରା, ଦିପକ ନାୟକ, ଭାଗବତ ବାରିକ,ନିଳକଣ୍ଠ ସାହୁ, ରବୀନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ ବୋଲି ଭଦ୍ରକର ବରିଷ୍ଠ ହିନ୍ଦୁ ସଂଗଠକ ମାନସ ମହାନ୍ତି ଜଣାଇଛନ୍ତି ।

ଭୁବନେଶ୍ୱର, ରବିବାର, ୨୨ ସେପ୍ଟେମ୍ବର ୨୦୨୪
Bhubaneswar, Sunday 22, September 2024
ମଇଦାନ୍
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ


# ବାଂଲାଦେଶକୁ ୫୧୫ ରନର ଟାର୍ଗେଟ

**ଚେନ୍ନାଇ,୨୧।୯ :** ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟକୁ ନିଜ ନିୟନ୍ତ୍ରଣରେ ରଖିଛି ଭାରତ। ବିଜୟ ପାଇଁ ବାଂଲାଦେଶକୁ ଭାରତ ୫୧୫ ରନର ବିଶାଳ ଟାର୍ଗେଟ ଦେଇଥିବା ବେଳେ ଭ୍ରମଣକାରୀ ଦଳ ବ୍ୟାକଫୁଟକୁ ଚାଲି ଯାଇଛି। ଖରାପ ଆଲୁଅ ପାଇଁ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ବାଂଲାଦେଶ ୪ ୱିକେଟ ହରାଇ ୧୫୮ ରନ କରିଛି।

ଏବେ ବି ଦଳ ବିଜୟ ଠାରୁ ଆହୁରି ୩୫୭ ରନ ପଛରେ ରହିଛି। ଭାରତ ବିଜୟ ପାଇଁ ଆଉ ୬ଟି ୱିକେଟ ଆବଶ୍ୟକ କରୁଛି। ଚେନ୍ନାଇର ଏମ୍‌ଚିଦାମ୍ବରମ ଷ୍ଟାଡିୟମରେ ଖେଳା ଯାଉଥିବା ଟେଷ୍ଟ ମ୍ୟାଚର ତୃତୀୟ ଦିନରେ ସ୍ପିନ କାମ କରିବା ଆରମ୍ଭ କରିଛି।

ଲୋକାଲ ବୟ ରବିଚନ୍ଦ୍ରନ ଅଶ୍ୱିନ ଏକାକୀ ୩ ୱିକେଟ ନେଇ ବାଂଲାଦେଶର ମେରୁଦଣ୍ଡ ଭାଙ୍ଗି ଦେଇଛନ୍ତି। ତେଣୁ ଆସନ୍ତାକାଲି ଲଞ୍ଚ ପୂର୍ବରୁ କିମ୍ବା କିଛି ଘଣ୍ଟା ମଧ୍ୟରେ ହିଁ ମ୍ୟାଚ୍ ଶେଷ ହୋଇଯିବ ବୋଲି ଆଶା କରାଯାଉଛି। କାରଣ ଆସନ୍ତାକାଲି ଠାରୁ ପିଚ ସ୍ପିନରଙ୍କୁ ସୁହାଇବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କୁ ସାମ୍ନା କରିବା ବାଂଲାଦେଶ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବ।

ତୃତୀୟ ଦିନର ଖେଳ ବନ୍ଦ ହେବା ବେଳକୁ ବାଂଲାଦେଶର ଅଧିନାୟକ ନଜମୁଲ ହୁସେନ ସାୟେ ୫୧ ରନ ଓ ଅଭିଜ୍ଞ ଶାକିବ ଅଲ ହାସନ ୫ ରନ କରି ଅପରାଜିତ ରହିଛନ୍ତି। ତେଣୁ ଉଭୟ ଆସନ୍ତାକାଲି ବାଂଲାଦେଶ ପାଇଁ ମ୍ୟାଚ୍ ବଞ୍ଚାଇବାକୁ ଚେଷ୍ଟା କରିବେ।




ଏଥିସହ ଚେନ୍ନାଇରେ ଆସନ୍ତାକାଲି ବର୍ଷାର ଆଶଙ୍କା ମଧ୍ୟ ରହିଛି। ତେଣୁ ଭାରତର ବିଜୟ ବାଟରେ ବର୍ଷା ବାଧକ ସାଜିପାରେ।

ପ୍ରଥମ ଇନିଂସରେ ଭାରତ ୩୭୬ ରନ କରିଥିବା ବେଳେ ବାଂଲାଦେଶ ୧୪୯ ରନ କରି ଅଲଆଉଟ ହୋଇଯାଇଥିଲା। ଫଳରେ ଭାରତକୁ ୨୨୭ ରନର ଲିଡ ମିଳିଥିଲା। ଭାରତ ଫଲୋଅନ ନ ଦେଇ ପୁଣି ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲା। ଦ୍ୱିତୀୟ ଇନିଂସରେ ଋଷଭ ପନ୍ତଙ୍କ ୧୦୯ ଓ ଶୁବମନ ଗିଲଙ୍କ ଅପରାଜିତ ୧୧୯ ରନ ବଳରେ ଭାରତ ୪ ୱିକେଟ ହରାଇ ୨୮୭ ରନ କରିବା ପରେ ପାଳି ଘୋଷଣା କରିଥିଲା। ଏଥିଯୋଗୁ ବାଂଲାଦେଶକୁ ମ୍ୟାଚ ଜିତିବା ପାଇଁ ୫୧୫ ରନର ଟାର୍ଗେଟ ମିଳିଥିଲା।

ଏହି ବିଶାଳ ଟାର୍ଗେଟକୁ ବାଂଲାଦେଶର ଦୁଇ ଓପନର ଜାକିର ହାସନ ଓ ଶାଦମନ ଇସଲାମ ଦମଦାର ଢଙ୍ଗରେ ପିଛା କରିଥିଲେ। ଉଭୟ ବଡ଼ବଡ଼ ଶଟ ଖେଳି ଟି ବ୍ରେକ ସୁଦ୍ଧା ଦଳୀୟ ସ୍କୋରକୁ ୫୬ରେ ପହଞ୍ଚାଇ ଦେଇଥିଲେ। ଯଶପ୍ରୀତ ବୁମ୍ରା, ମହମ୍ମଦ ସିରାଜ, ଆକାଶ ଦୀପ ଓ ରବିଚନ୍ଦ୍ରନ ଅଶ୍ୱିନ ବୋଲିଂ କରିଥିଲେ ହେଁ ଟି ବ୍ରେକ ପୂର୍ବରୁ କିଛି ବି ଲାଭ ମିଳି ନଥିଲା।

ତେବେ ଟି ବ୍ରେକ ପରେ ମିଳିଥିଲା ସଫଳତା। ବୁମ୍ରା ୩୩ ରନ କରିଥିବା ଜାକିରଙ୍କୁ ଆଉଟ କରି ବାଂଲାଦେଶକୁ ପ୍ରଥମ ଝଟକା ଦେଇଥିଲେ। ଗଲି ଅଞ୍ଚଳରେ ଫିଲ୍ଡିଂ କରିଥିବା ଯଶସ୍ୱୀ ଜୈସୱାଲ ଡାଇଭ ମାରି କ୍ୟାଚ୍ କରି ଜାକିରଙ୍କୁ ପ୍ୟାଭିଲିୟନ ପଠାଇଥିଲେ।

ଏହାପରେ ଜଲୱା ଦେଖାଇଥିଲେ ଆଶ ଆନ୍ନା ଓରଫ ଅଶ୍ୱିନ। ସେ ଅନ୍ୟତମ ଓପନର ଇସଲାମ (୩୫)ଙ୍କୁ ଶୁବମନ ଗିଲଙ୍କ ହାତରେ କ୍ୟାଚ ଆଉଟ କରାଇଥିଲେ। ମୋମିନୁଲ ହକ କିଛି ଶଟ ଖେଳିଥିଲେ ହେଁ ୧୩ ରନ କରି ଅଶ୍ୱିନଙ୍କ ବଲରେ କ୍ଲିନବୋଲ୍ଡ ହୋଇଯାଇଥିଲେ। ଅଭିଜ୍ଞ ମୁଶଫିକର ରହିମ ୧୧ ବଲରେ ୧୩ ରନ କରି ଅଶ୍ୱିନଙ୍କ ତୃତୀୟ ଶିକାର ବନିଥିଲେ।

ଗୋଟିଏ ପଟେ ୱିକେଟ ଯାଉଥିଲେ ହେଁ ବାଂଲାଦେଶର ଅଧିନାୟକ ସାୟେ ଆଟାକିଂ ଶଟ ମାରି ଚାଲିଥିଲେ। ଏଥିସହ ସେ ତାଙ୍କ ଟେଷ୍ଟ କ୍ୟାରିୟରରେ ୪ର୍ଥ ଅର୍ଦ୍ଧଶତକ ହାସଲ ମଧ୍ୟ କରିଛନ୍ତି। ତାଙ୍କୁ ଶାକିବ ସାଥ ଦେବା ସହ ବ୍ୟାଡ ଲାଇଟ ପାଇଁ ଖେଳ ବନ୍ଦ ହେବା ଯାଏ ଭାରତକୁ ଆଉ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନାହାନ୍ତି। ବାଂଲାଦେଶ ତୃତୀୟ ଦିନର ଷ୍ଟମ୍ପ ଅପସାରଣ ବେଳକୁ ୪ ୱିକେଟ ହରାଇ ୧୫୮ ରନ କରିଛି।

## ନଟ ଆଉଟ ଥାଇ ବି ଆଉଟ ହେଲେ ବିରାଟ, ରାଗିଲେ ରୋହିତ

**ଚେନ୍ନାଇ,୨୧।୯ :** ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟର ଦ୍ୱିତୀୟ ଇନିଂସରେ ବଡ଼ଧରଣର ତ୍ରୁଟି କରିଛନ୍ତି ବିରାଟ କୋହଲି। ସେ ନଟ ଆଉଟ ଥିଲେ ହେଁ ନିଜର ହେଜ୍ଞାନ କାରଣରୁ ତାଙ୍କୁ ନିରାଶ ହୋଇ ପ୍ୟାଭିଲିୟନ ଫେରିବାକୁ ପଡ଼ିଛି।



ପ୍ରଥମ ଇନିଂସରେ ମାତ୍ର ୬ ରନ କରିଥିବା ବିରାଟ ଦ୍ୱିତୀୟ ପାଳିରେ କିଛି ଭଲ ଶଟ ଖେଳିଥିଲେ। ଏପରି କି ସେ ୩୬ ବଲରେ ୨ଟି ଚୌକା ସହ ୧୭ ରନ କରି ନେଇଥିଲେ। କିନ୍ତୁ ସେ ମେହିଦ ହାସନ ମିରାଜଙ୍କ ଗୋଟିଏ ଫୁଲ ଡେଲିଭରୀକୁ ଲେଗ ସାଇଡରେ ଖେଳିବାକୁ ଯାଇ ଖଇଡ ହୋଇଥିଲେ। ବଲ ତାଙ୍କ ସାମ୍ନା ପ୍ୟାଡରେ ବାଜିବାରୁ ଅମ୍ପାୟାର ଆଉଟ ନିଷ୍ପତ୍ତି ନେଇଥିଲେ।

କିନ୍ତୁ ଏହି ନିଷ୍ପତ୍ତିରେ ବିରାଟ ଏକମତ ହୋଇ ନଥିଲେ। ସେ ନନଷ୍ଟ୍ରାଇକରେ ଥିବା ଶୁବମନ ଗିଲଙ୍କ ସହ ଆଲୋଚନା କରି ଡିଆରଏସ ନେବେ କି ନାହିଁ ଚିନ୍ତା କରିଥିଲେ। ହେଲେ ସେ ଡିଆରଏସ ନ ନେଇ ପ୍ୟାଭିଲିୟନ ଫେରି ଯାଇଥିଲେ।

ତେବେ ସେ ପ୍ୟାଭିଲିୟନ ଫେରିବା ପରେ ଆଉଟ ବେଳର ରିପ୍ଲେ ସାମ୍ନାକୁ ଆସିଥିଲା। ଯେଉଁଥିରେ ବଲଟି ବିରାଟଙ୍କ ବ୍ୟାଟରେ ବାଜି ଥିବା ସ୍ପଷ୍ଟ ଭାବେ ଅଲଟ୍ରା ଏଡଜେରୁ ଜଣାପଡ଼ିଥିଲା। ଏହାକୁ ଦେଖି ଅଧିନାୟକ ରୋହିତ ଶର୍ମା ମଧ୍ୟ ନିଜର ଅସନ୍ତୋଷ ଝାଡ଼ିଥିଲେ। ସେ ବ୍ୟାଟରେ ବଲ ବାଜିଥିବା କହିବାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି।

## ଗାଭାସ୍କରଙ୍କ ୫୧ ବର୍ଷ ପୁରୁଣା ରେକର୍ଡ ଭାଙ୍ଗିଲେ ଯଶସ୍ୱୀ ଜୈସୱାଲ

**ଚେନ୍ନାଇ,୨୧।୯ :** ଭାରତୀୟ ଟିମର ଯୁବ ଓପନର ଯଶସ୍ୱୀ ଜୈସୱାଲ ଆଉ ଏକ ରେକର୍ଡର ଅଧିକାରୀ




ହୋଇଛନ୍ତି। କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କରଙ୍କ ୫ ଦଶନ୍ଧି ପୁରୁଣା ରେକର୍ଡକୁ ଯଶସ୍ୱୀ ବାଂଲାଦେଶ ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟରେ ଭାଙ୍ଗିବାକୁ ସକ୍ଷମ ହୋଇଛନ୍ତି। ବର୍ତ୍ତମାନ ଜୈସୱାଲ ନିଜ ଟେଷ୍ଟ କ୍ୟାରିୟରର ୧୦ମ ମ୍ୟାଚ୍ ଖେଳୁଛନ୍ତି। ସେ ପ୍ରଥମ ୧୦ଟି ମ୍ୟାଚରେ ସର୍ବାଧିକ ରନ ହାସଲକାରୀ ଭାରତୀୟ କ୍ରିକେଟର ବନି ଯାଇଛନ୍ତି। ପୂର୍ବରୁ ଏହି ରେକର୍ଡ ଗାଭାସ୍କରଙ୍କ ନାଁରେ ରହିଥିଲା। ସେ ପ୍ରଥମ ୧୦ଟି ମ୍ୟାଚରେ ୯୭୮ ରନ କରିଥିଲେ। ହେଲେ ଯଶସ୍ୱୀ ଏହାକୁ ଅତିକ୍ରମ କରି ଯାଇଛନ୍ତି। ୧୦ଟି ମ୍ୟାଚରେ ଯଶସ୍ୱୀ ମୋଟ ୧୦୯୪ ରନ କରି ସାରିଛନ୍ତି। ସେ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଇନିଂସରେ ମାତ୍ର ୧୦ ରନ କରିଥିଲେ ହେଁ ପ୍ରଥମ ଇନିଂସରେ ଗୁରୁତ୍ୱପୂର୍ଣ୍ଣ ୫୬ ରନର ଇନିଂସ ଖେଳିଥିଲେ। ଏହି ପ୍ରଦର୍ଶନ ବଳରେ ସେ ଗାଭାସ୍କରଙ୍କ ନାଁରେ ୫୧ ବର୍ଷ ଧରି ରହିଥିବା ରେକର୍ଡକୁ ଭାଙ୍ଗିଛନ୍ତି। ୧୯୭୩ ମସିହାରୁ ଗାଭାସ୍କରଙ୍କ ନାଁରେ ଏହି ରେକର୍ଡ ରହିଥିଲା। ଅନ୍ୟପକ୍ଷରେ ପ୍ରଥମ ୧୦ଟି ମ୍ୟାଚରେ ସର୍ବାଧିକ ରନ ହାସଲକାରୀ ବିଶ୍ୱ କ୍ରିକେଟରଙ୍କ ମଧ୍ୟରେ ଯଶସ୍ୱୀ ୪ର୍ଥ ସ୍ଥାନରେ ରହିଛନ୍ତି।

## ଶତକ ମାରି ଧୋନିଙ୍କ ସମକକ୍ଷ ହେଲେ ପନ୍ତ

**ଚେନ୍ନାଇ,୨୧।୯ :** ଋଷଭ ପନ୍ତ ଇଜ ବ୍ୟାକ। ଖାଲି କମବ୍ୟାକ କରି ନାହାନ୍ତି ବରଂ ନିଜ ଯାଦୁ ମଧ୍ୟ ଦେଖାଇଛନ୍ତି। କାର ଦୁର୍ଘଟଣା ଯୋଗୁ କ୍ରିକେଟରୁ ଦୂରେଇ ରହିଥିବା ପନ୍ତ ପ୍ରାୟ ୨ ବର୍ଷ ପରେ ଟେଷ୍ଟ କ୍ରିକେଟକୁ ଫେରିଛନ୍ତି। ସେ ବାଂଲାଦେଶ ବିପକ୍ଷରେ ନିଜର କମବ୍ୟାକ ଟେଷ୍ଟ ଖେଳୁଥିବା ବେଳେ ଦ୍ୱିତୀୟ ଇନିଂସରେ ମାରିଛନ୍ତି ଦମଦାର ଶତକ।

ଏହା ତାଙ୍କ ଟେଷ୍ଟ କ୍ୟାରିୟରର ୬ଷ୍ଠ ଶତକ। ଏହି ଶତକ ହାସଲ କରିବା ପରେ ପନ୍ତ ଟିମ ଇଣ୍ଡିଆର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କ ସମକକ୍ଷ ହୋଇଛନ୍ତି। ଧୋନି ମଧ୍ୟ ଭାରତର ୱିକେଟ ରକ୍ଷକ ଭାବେ ଟେଷ୍ଟ କ୍ରିକେଟରେ ସର୍ବାଧିକ ୬ଟି ଶତକ ମାରିଥିଲେ। ଆଜି ପନ୍ତ ମଧ୍ୟ ଶତକ ମାରି ତାଙ୍କ ସମକକ୍ଷ ହୋଇପାରିଛନ୍ତି।



ତେବେ ଧୋନି ୯୦ଟି ଟେଷ୍ଟ ମ୍ୟାଚର ୧୪୪ଟି ଇନିଂସରେ ଏପରି କୀର୍ତ୍ତିମାନ ହାସଲ କରିଥିବା ବେଳେ ପନ୍ତ କେବଳ ୩୪ଟି ମ୍ୟାଚର ୫୮ଟି ଇନିଂସରେ ତାଙ୍କ ସମକକ୍ଷ ହୋଇଯାଇଛନ୍ତି। ପନ୍ତଙ୍କ କମବ୍ୟାକ କଥା ଦେଖିଥିଲେ, ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ୩୪ ରନରେ ୩ ୱିକେଟ ହରାଇଥିଲା। ଏତିକି ବେଳେ ପନ୍ତ ଓ ଯଶସ୍ୱୀ ଦମଦାମର ପ୍ରଦର୍ଶନ କରିଥିଲେ। ଉଭୟ ୪ର୍ଥ ୱିକେଟ ପାଇଁ ୬୨ ରନପ ଯୋଡ଼ିଥିଲେ। ପ୍ରଥମ ଦିନର ଲଞ୍ଚ ପରେ ପନ୍ତ ବଡ଼ ଶଟ ଖେଳିବାକୁ ଯାଇ ୩୯ ରନରେ ଆଉଟ ହୋଇଯାଇଥିଲେ। ଦ୍ୱିତୀୟ ଇନିଂସରେ ଭାରତର ସ୍କୋର ୮୩/୩ ଥିବା ବେଳେ ପନ୍ତ ବ୍ୟାଟିଂ କରିବାକୁ ଆସିଥିଲେ। ଏଥର ତାଙ୍କ ସହ କ୍ରିଜରେ ଶୁବମନ ଗିଲ ରହିଥିଲେ। ଉଭୟ ନିଜ ନିଜର ଦମ ଦେଖାଇବା ସହ ଶତକ ମଧ୍ୟ ହାସଲ କରିଥିଲେ। ପନ୍ତ ୧୨୪ ବଲରେ ଶତକ ହାସଲ କରିବା ପରେ ଗିୟର ବଦଳାଇଥିଲେ। କିନ୍ତୁ ସେ ଆଉ ୯ ରନ କରିବା ପରେ ଆଉଟ ହୋଇଯାଇଥିଲେ। ତେବେ କମବ୍ୟାକ ମ୍ୟାଚରେ ସେ ଶତକ ହାସଲ କରି ସମସ୍ତଙ୍କୁ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ଏବେ ସେ ୱିକେଟ କିପର ଭାବେ ଟେଷ୍ଟ କ୍ରିକେଟରେ ଭାରତ ପାଇଁ ସର୍ବାଧିକ ଶତକ ହାସଲକାରୀ ଖେଳାଳି ହୋଇଛନ୍ତି। ଅବଶ୍ୟ ଧୋନି ଏବେ ଯୁଗ୍ମ ଭାବେ ଏହି ସ୍ଥାନରେ ରହିଛନ୍ତି। ଏହି ଦୁଇ ଜଣଙ୍କ ବ୍ୟତୀତ ଋଦ୍ଧିମାନ ସାହା ମଧ୍ୟ ୫୪ଟି ଇନିଂସରେ ଭାରତ ପାଇଁ ଟେଷ୍ଟରେ ୩ଟି ଶତକ ମାରିଛନ୍ତି।

## ଫର୍ମକୁ ଫେରିବା ପାଇଁ ନେଟ୍‌ସରେ ବିରାଟଙ୍କ ସଂଘର୍ଷ

**ଚେନ୍ନାଇ,୨୧।୯ :** ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ଭାରତ ନିୟନ୍ତ୍ରଣରେ ରହିଛି। କିନ୍ତୁ ଏହି ଟେଷ୍ଟରେ ବିରାଟ କୋହଲିଙ୍କ ବ୍ୟାଟ ଆଦୌ ଚାଲି ନାହିଁ। ସେ ପ୍ରଥମ ଇନିଂସରେ ୬ ରନ ଓ ଦ୍ୱିତୀୟ ଇନିଂସରେ ୧୭ ରନ କରିବାକୁ ସକ୍ଷମ ହୋଇଛନ୍ତି। ଦୁଇଟି ଯାକ ଇନିଂସରେ ଫେଲ ମାରିବା ପରେ ବିରାଟ ଏମିତି କିଛି କରିଛନ୍ତି, ଯାହା ପୂରା ଭାଇରାଲ ହେଉଛି। ଫ୍ଲପ ହେବା ପରେ ବିରାଟ ସତେ ଯେମିତି ଲୟକୁ ଫେରିବା ପାଇଁ ପ୍ରତିଶ୍ରୁତିବଦ୍ଧ। କାରଣ ଆଜି ତୃତୀୟ ଦିନର ଖେଳ ଚାଲୁଥିବା ବେଳେ ଗ୍ରାଉଣ୍ଡ ନିକଟରେ ଥିବା ନେଟ୍‌ସରେ ବିରାଟ ଢେର ସମୟ ବ୍ୟାଟିଂ କରିଛନ୍ତି। ତୃତୀୟ ଦିନରେ ଋଷଭ ପନ୍ତ ଓ ଶୁବମନ ଗିଲ୍ ମ୍ୟାଚରେ ବ୍ୟାଟିଂ କରୁଥିବା ବେଳେ ବିରାଟ କିନ୍ତୁ



ଏହାକୁ ବେଶୀ ସମୟ ଦେଖି ନଥିଲେ। ସେ ମ୍ୟାଚ୍ ବେଳେ ନେଟ୍‌ସରେ ଝାଳ ବୁହାଇଥିଲେ। ତାଙ୍କ ସହ ଯଶସ୍ୱୀ ଜୈସୱାଲ ମଧ୍ୟ କିଛି ସମୟ ଥ୍ରୋ ଡାଉନ ଅଭ୍ୟାସ କରିଛନ୍ତି। ପ୍ରଥମ ଇନିଂସରେ ମାତ୍ର ୬ ରନ କରିଥିବା ବିରାଟ ଦ୍ୱିତୀୟ ପାଳିରେ କିଛି ଭଲ ଶଟ ଖେଳିଥିଲେ। ଏପରି କି ସେ ୩୬ ବଲରେ ୨ଟି ଚୌକା ସହ ୧୭ ରନ କରି ନେଇଥିଲେ। କିନ୍ତୁ ସେ ମେହିଦ ହାସନ ମିରାଜଙ୍କ ଗୋଟିଏ ଫୁଲ ଡେଲିଭରୀକୁ ଲେଗ ସାଇଡରେ ଖେଳିବାକୁ ଯାଇ ଆଉଟ ହୋଇଥିଲେ। ବଲ ତାଙ୍କ ସାମ୍ନା ପ୍ୟାଡରେ ବାଜିବାରୁ ଅମ୍ପାୟାର ଆଉଟ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଏହି ନିଷ୍ପତ୍ତିରେ ବିରାଟ ଏକମତ ହୋଇ ନଥିଲେ। ସେ ନନଷ୍ଟ୍ରାଇକରେ ଥିବା ଶୁବମନ ଗିଲଙ୍କ ସହ ଆଲୋଚନା କରି ଡିଆରଏସ ନେବେ କି ନାହିଁ ଚିନ୍ତା କରିଥିଲେ। ହେଲେ ସେ ଡିଆରଏସ ନ ନେଇ ପ୍ୟାଭିଲିୟନ ଫେରି ଯାଇଥିଲେ। ତେବେ ସେ ପ୍ୟାଭିଲିୟନ ଫେରିବା ପରେ ଆଉଟ ବେଳର ରିପ୍ଲେ ସାମ୍ନାକୁ ଆସିଥିଲା। ଯେଉଁଥିରେ ବଲଟି ବିରାଟଙ୍କ ବ୍ୟାଟରେ ବାଜି ଥିବା ସ୍ପଷ୍ଟ ଭାବେ ଅଲଟ୍ରା ଏଡଜେରୁ ଜଣାପଡ଼ିଥିଲା। ଏହାକୁ ଦେଖି ଅଧିନାୟକ ରୋହିତ ଶର୍ମା ମଧ୍ୟ ନିଜର ଅସନ୍ତୋଷ ଝାଡ଼ିଥିଲେ।

## ନାଲି ବଲ କ୍ରିକେଟକୁ ଫେରିବେ ହାର୍ଦ୍ଦିକ ପାଣ୍ଡ୍ୟା

**ମୁମ୍ବାଇ,୨୧।୯ :** ଟିମ ଇଣ୍ଡିଆର ସୀମିତ ଓଭର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିବେ। ୨୦୨୪-୨୫ ସିଜିନ ପାଇଁ ସେ ବରୋଦା ପାଇଁ ନାଲି ବଲ କ୍ରିକେଟ ଖେଳିବେ ବୋଲି ଜଣାପଡ଼ିଛି। ବରୋଦା କ୍ରିକେଟ ଆସୋସିଏସନ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ପ୍ରଥମ ଶ୍ରେଣୀ କ୍ରିକେଟକୁ ହାର୍ଦ୍ଦିକ ପାଣ୍ଡ୍ୟା ଫେରିବାର ଯଥେଷ୍ଟ ସମ୍ଭାବନା ରହିଛି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଘରୋଇ ଟେଷ୍ଟ ସିରିଜ ଓ ନଭେମ୍ବର ଶେଷ ଭାଗରୁ ଅଷ୍ଟ୍ରେଲିଆ ମାଟିରେ ଆରମ୍ଭ ହେଉଥିବା ବର୍ଡର-ଗାଭାସ୍କର ଟ୍ରଫିକୁ ଦୃଷ୍ଟିରେ ରଖି ପାଣ୍ଡ୍ୟା ନାଲି ବଲ୍ କ୍ରିକେଟକୁ ଫେରିବାକୁ ଚାହୁଁଛନ୍ତି।

ନିକଟରେ ପାଣ୍ଡ୍ୟାଙ୍କୁ ନାଲି ବଲରେ ଅଭ୍ୟାସ କରୁଥିବା ଦେଖିବାକୁ ମିଳିଥିଲା। ୩୦ ବର୍ଷୀୟ ପାଣ୍ଡ୍ୟା




ବରୋଦା ପାଇଁ ଧଳା ବଲ କ୍ରିକେଟ ଖେଳିବାକୁ ମଧ୍ୟ ଯୋଜନା କରିଛନ୍ତି। ୨୦୧୮ ପରଠାରୁ ପାଣ୍ଡ୍ୟା ଆଉ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳି ନାହାନ୍ତି। ଶେଷଥର ପାଇଁ ୨୦୧୮ରେ ସେ ବରୋଦା ପାଇଁ ରଣଜୀ ଟ୍ରଫିରେ ମୁମ୍ବାଇ ବିପକ୍ଷରେ ଖେଳିଥିଲେ।

ସେହିପରି ୨୦୧୮ ପରଠାରୁ ସେ ଭାରତ ପାଇଁ ମଧ୍ୟ ଟେଷ୍ଟ ମ୍ୟାଚ୍ ଖେଳିନାହାନ୍ତି। ସେ ୨୦୧୮ରେ ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ନଜର ଆସିଥିଲେ। ଏଯାଏ ୧୧ଟି ଟେଷ୍ଟ ଖେଳିଥିବା ପାଣ୍ଡ୍ୟାଙ୍କ ବ୍ୟକ୍ତିଗତ ସର୍ବାଧିକ ସ୍କୋର ୧୧୧। ସେ ଶ୍ରୀଲଙ୍କା ବିପକ୍ଷରେ ଏପରି ରନ କରିଥିଲେ। ଏହାବାଦ ଇଂଲଣ୍ଡ ବିପକ୍ଷ ଟ୍ରେ ବ୍ରିଜ ଟେଷ୍ଟରେ ସେ ୫ ୱିକେଟ ନେଇଥିଲେ। ଟେଷ୍ଟରେ କ୍ୱଚିତ ସୁଯୋଗ ପାଇଥିଲେ ହେଁ ପାଣ୍ଡ୍ୟା ନିଜର ଛାପ ଛାଡ଼ିବାକୁ ସକ୍ଷମ ହୋଇଛନ୍ତି। ଏବେ ସେ ପୁଣି ନାଲି ବଲ କ୍ରିକେଟକୁ ଫେରିଥିବା ଚାହୁଁଥିବା ଜଣାପଡ଼ିଛି। ପ୍ରଥମ ଶ୍ରେଣୀ କ୍ରିକେଟକୁ ଫେରିବା ପାଇଁ ପାଣ୍ଡ୍ୟାଙ୍କ ପାଖରେ ବହୁତ କମ ସମୟ ରହିଛି। କାରଣ ରଣଜୀ ଟ୍ରଫିରେ ବରୋଦା ଅକ୍ଟୋବର ୧୧ରୁ ମୁମ୍ବାଇ ବିପକ୍ଷରେ ଅଭିଯାନ ଆରମ୍ଭ କରିବ। ଏଥିପାଇଁ ପାଣ୍ଡ୍ୟାଙ୍କୁ ଏବେ ଠାରୁ ପ୍ରସ୍ତୁତ ହେବାକୁ ପଡ଼ିବ।

### ଟୟୋଟା କିର୍ଲୋସ୍କର ମୋଟର ପକ୍ଷରୁ ହିମଟେକ-୨୦୨୪

## ସ୍ପେସାଲ-ପ୍ରାପୋଜ୍ ଆଇକନିକ୍ ହିଲକ୍ସର ପ୍ରଦର୍ଶନ

**ନୂଆଦିଲ୍ଲୀ,୨୧।୯ :** ଏଫଆଇସିସିଆଇ (ଫେଡେରେସନ ଅଫ ଇଣ୍ଡିଆନ ଚାମ୍ବରସ ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି) ଏବଂ ଭାରତୀୟ ସେନା ଦ୍ୱାରା ସହିତ ମିଳିତ ଭାବେ ଆୟୋଜିତ ହିମଟେକ-୨୦୨୪ ସମ୍ମିଳନୀରେ ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ) ସ୍ପେସାଲ-ପ୍ରାପୋଜ୍ ଆଇକନିକ୍ ହିଲକ୍ସ(ଏକ ପ୍ରାଧିକୃତ ବାହ୍ୟ ବିକ୍ରେତାଙ୍କ ସହଯୋଗରେ ପରିବର୍ତ୍ତିତ)ପ୍ରଦର୍ଶନ କରିଛି। ରକ୍ଷା ଆତ୍ମନିର୍ଭରଭାରତର ଜାତୀୟ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବା ଏବଂ ପ୍ରତିରକ୍ଷା ବାହିନୀକୁ ସର୍ବୋତମ ଉପକରଣ ଏବଂ ସମାଧାନର ସୁବିଧା ଉପଲବ୍ଧ କରାଇବା ପାଇଁ ଏହି ଦୁଇ ସଂଗଠନ (ଭାରତୀୟ ସେନା ଏବଂ ଏଫଆଇସିସିଆଇ) ହିମଟେକ-୨୦୨୪ରେ ଉଚ୍ଚ ଉଚ୍ଚତା କ୍ଷେତ୍ର (ଏଚଏଏ) ସାମରିକ ପ୍ରଯୁକ୍ତିବିଦ୍ୟା ଉପରେ ଗୁରୁତ୍ୱାରୋପ କରିଛନ୍ତି। ୨୦ ଏବଂ ୨୧ ସେପ୍ଟେମ୍ବର ୨୦୨୪ରେ ଲଦାଖର ଲେହର ରିନଚେଂନ ଅଡିଟୋରିୟମ ଗ୍ରାଉଣ୍ଡରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟିକେଏମର ପ୍ରତିନିଧୀଙ୍କ ସହିତ ସେନା କମାଣ୍ଡ, ବାୟୁସେନା, ଆଇଟିବିପି (ଇଣ୍ଡୋ-ତିବ୍ବତୀୟ ସୀମା ପୋଲିସ), ପ୍ରତିରକ୍ଷା ଉପଭୋକ୍ତା ତଥା ଅନ୍ୟାନ୍ୟ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ଟୟୋଟାର ପ୍ରସିଦ୍ଧ କ୍ୟୁଡିଆର(ଗୁଣବତା, ସ୍ଥାୟୀତ୍ୱ, ଏବଂ ନିର୍ଭରଯୋଗ୍ୟତା) ଦ୍ୱାରା ଚାଳିତ, ଏହି ୪x୪ ସର୍ବ-ଭୂମି, ଅଫ ରୋଡ ଯାନ ଚାହିଦା ପରିବେଶରେ କାର୍ଯ୍ୟ କରିବା ପାଇଁ ବିଶେଷଜ୍ଞ ଭାବରେ ଇଞ୍ଜିନିୟରିଂ ହୋଇଛି, ଯାହାକି ନିର୍ଦ୍ଦିଷ୍ଟ ଆବଶ୍ୟକତା ସହିତ ବିଭିନ୍ନ ଗ୍ରାହକଙ୍କ ପାଇଁ ଉପଯୁକ୍ତ ପସନ୍ଦ ଅଟେ। ଭାରତୀୟ ସେନାର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଯାହା ଏକ ପ୍ରାଧିକୃତ ବାହ୍ୟ ବିକ୍ରେତାଙ୍କ ସମର୍ଥନରେ ପରିବର୍ତ୍ତିତ। ଏହି କ୍ୟୁରେଟେଡ ଯାନଗୁଡ଼ିକ ବଜାରରେ ବିଭିନ୍ନ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଅନନ୍ୟ ସମାଧାନ ଚିହ୍ନଟ କରିବାକୁ ଟିକେଏମର ପ୍ରତିବଦ୍ଧତାକୁ ସୂଚିତ କରେ, ଯାହା ସମସ୍ତଙ୍କ ପାଇଁ ମୋବିଲିଟି ସକ୍ଷମ କରିଥାଏ।

## ଇସୁଜୁ ମୋଟର୍ସ ବାଣିଜ୍ୟିକ ଯାନ ରେଞ୍ଜରେ ଚାସିସ୍ ଭାରିଏଟ

**ନୂଆଦିଲ୍ଲୀ,୨୧।୯ :** ବ୍ୟାବସାୟିକ ଯାନ ସେଗମେଟ୍‌ରେ ଗ୍ରାହକଙ୍କ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଶ୍ୱସ୍ତରୀୟ ଖ୍ୟାତିସମ୍ପନ୍ନ ଇସୁଜୁ ଡି-ମ୍ୟାକ୍ସ ପିକ୍ ଅପ୍ ଏବେ ଏକ ନୂଆ କ୍ୟାବ୍-ଚାସିସ୍ ଭାରିଆଟ୍‌ରେ ଉପଲବ୍ଧ ହେବ। ଏହି ପଦକ୍ଷେପ ସହିତ ଇସୁଜୁ ମୋଟର୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଭାରତରେ ଏହାର ଡି-ମ୍ୟାକ୍ସ ବାଣିଜ୍ୟିକ ପିକ୍ ଅପ୍ ଯାନ ପରିସରକୁ ବିସ୍ତାର କରିଛି। ଡି-ମ୍ୟାକ୍ସ ସିଙ୍ଗଲ କ୍ୟାବ୍ ୧.୭ କ୍ୟାବ୍-ଚାସିସ୍ ଏସ୍‌ଟିଡି ଭାରଏଟ୍‌ର ଆକର୍ଷଣୀୟ ପ୍ରାରମ୍ଭିକ ମୂଲ୍ୟ ଚେନ୍ନାଇର ଏକ୍ସ-ସୋ'ରୁମ୍ ମୂଲ୍ୟ ୯,୯୯,୯୦୦/- ଟଙ୍କା ରହିଛି। ଆଜିଠାରୁ ଗାଡ଼ି ବୁକିଂ ଖୋଲା ରହିଛି ଏବଂ ଖୁବଶୀଘ୍ର ଡେଲିଭରି ଆରମ୍ଭ ହେବ। ୨.୫ ଲିଟର ଇସୁଜୁ ୪ଜେଏ୧ ଇଞ୍ଜିନ୍ ଦ୍ୱାରା ପରିଚାଳିତ ଇସୁଜୁ ଡି-ମ୍ୟାକ୍ସ ରେଞ୍ଜର ବାଣିଜ୍ୟିକ ପିକ୍ ଅପ୍ ଗୁଡ଼ିକ ବୋଲ୍ଡ ଲୁକ୍‌ରେ ନିଜର ସ୍ୱତନ୍ତ୍ର ଏରୋଡାଇନାମିକ୍ ବାହ୍ୟ ଡିଜାଇନ୍ ସହିତ ଆକ୍ରମଣାତ୍ମକ ଆଭିମୁଖ୍ୟ ପ୍ରଦର୍ଶନ କରନ୍ତି। ବାହାରେ ବୋଲ୍ଡ ଲୁକ୍ ଏବଂ ଇଂଟେରିୟର ଲେଆଉଟ୍ ଭଳି ଯାତ୍ରୀବାହୀ ଯାନ, ଯାହା ଗ୍ରାହକଙ୍କ ପାଇଁ ଗର୍ବ ସୃଷ୍ଟି କରିଛି। ଡି-ମ୍ୟାକ୍ସ ରେଞ୍ଜରେ ଉଚ୍ଚ ମାନର କପଡ଼ା ଥିବା ସିଟ୍ ରହିଛି ଏବଂ ଏଥିରେ ଯାତ୍ରୀଙ୍କ ଆରାମ ଏବଂ ନିରାପତା ପାଇଁ ଉଚ୍ଚତା ଆଡଜଷ୍ଟେବଲ୍ ସିଟ୍ ବେଲ୍ଟ ରହିଛି। ଜିଏସଆଇ (ଗିଅର ସିଫ୍ଟ ଇଣ୍ଡିକେଟର) ସହିତ ଏମଆଇଡି (ମଲ୍ଟି-ଇନଫର୍ମେସନ ଡିସପ୍ଲେ) କ୍ଲଷ୍ଟର ଡ୍ରାଇଭରକୁ ଯେକୌଣସି ଡ୍ରାଇଭିଂ ଅବସ୍ଥାରେ ଆଦର୍ଶ ଗିଅର୍ ବ୍ୟବହାର କରିବାକୁ ସକ୍ଷମ କରେ ଯାହା ଟର୍କ, ଇନ୍ଧନ ପରିଚାଳନା ଏବଂ ଡ୍ରାଇଭଟ୍ରେନ ସ୍ଥାୟୀତ୍ୱ ଦୃଷ୍ଟିରୁ ଗାଡିର ସର୍ବୋତମ ସୁନିଶ୍ଚିତ କରେ ।

## ଏଲ୍‌ଆଇସି ଏମ୍‌ଏଫ୍ ମାନ୍ୟୁଫାକଚରିଂ ଫଣ୍ଡର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୧।୯ :** ଭାରତର ସର୍ବ ପୁରାତନ ଫଣ୍ଡ ହାଉସ ଏଲ୍‌ଆଇସି ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଏଲ୍‌ଆଇସି ଏମ୍‌ଏଫ୍ ମାନ୍ୟୁଫାକଚରିଂ ଫଣ୍ଡର ଶୁଭାରମ୍ଭ କରାଯାଇଛି। ଏହା ଏକ ଓପନ ଏଣ୍ଡ ଇକ୍ୟୁଟି ସ୍କିମ୍।

ଏହି ଯୋଜନାର ସଦସ୍ୟତା ଏନଏଫଓ ୨୦ ସେପ୍ଟେମ୍ବର ୨୦୨୪ ରୁ ୪ ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ ଖୋଲା ରହିବ। ଏହି ଯୋଜନା ଅଧୀନରେ ଥିବା ୟୁନିଟ ଗୁଡିକ ୧୧ ଅକ୍ଟୋବର ୨୦୨୪ ରେ ବଂଟନ କରାଯିବ। ଏହି ଯୋଜନା ଯୋଗେଶ ପାଟିଲ ଏବଂ ମହେଶ ବେନ୍ଦ୍ରେଙ୍କ ଦ୍ୱାରା ପରିଚାଳିତ ହେବ। ଏହି ଯୋଜନା ନିଫ୍ଟି ଇଣ୍ଡିଆ ଉତ୍ପାଦନ ସୂଚକାଙ୍କ (ଟୋଟାଲ ରିଟର୍ନ ଇଣ୍ଡେକ୍ସ)ରେ ବଂଚମାର୍କ ହେବ।

ଏହି ଯୋଜନାର ବିନିଯୋଗର ଉଦ୍ଦେଶ୍ୟ ହେଉଛି ମାନ୍ୟୁଫାକଚରିଂ ଥିମ ଅନୁସରଣ କରୁଥିବା କମ୍ପାନୀର ଇକ୍ୱିଟି ଏବଂ ଇକ୍ୱିଟି ସମ୍ବନ୍ଧୀୟ ଉପକରଣରେ ମୁଖ୍ୟତଃ ଏନଏଫଓ ବିନିଯୋଗ କରି ଦୀର୍ଘକାଳୀନ ପୁଞ୍ଜି ଲକ୍ଷ୍ୟ ହାସଲ କରିବା। ଏହି ଯୋଜନାର ବିନିଯୋଗ ଲକ୍ଷ୍ୟ ହାସଲ ହେବ ବୋଲି କୌଣସି ନିଶ୍ଚିତତା ନାହିଁ। ଏନଏଫଓର ସର୍ବନିମ୍ନ ସମୟରେ ଆବେଦନ / ସୁଇଚ ପାଇଁ ପରିମାଣ ୫,୦୦୦ / - ଏବଂ ତା'ପରେ ୧ ଟଙ୍କାର ମଲ୍ଟିପୁଲରେ ହେବ।

ଏହି ଯୋଜନାଗୁଡିକ କମ୍ପାନୀଗୁଡିକର ଏକ ବିବିଧ ପୋର୍ଟଫୋଲିଓ ଯୋଗାଇବାକୁ ଲକ୍ଷ୍ୟ ରଖିଛି ଯାହା ମାନ୍ୟୁଫାକଚରିଂ ଥିମ ଅଧୀନରେ ଆସେ। ଏହା ଅଟୋମୋବାଇଲ, ଫାର୍ମାସ୍ୟୁଟିକାଲସ, ରାସାୟନିକ ପଦାର୍ଥ, ଭାରୀ ଇଞ୍ଜିନିୟରିଂ ଉତ୍ପାଦ, ଧାତୁ, ଜାହାଜ ନିର୍ମାଣ ଏବଂ ପେଟ୍ରୋଲିୟମ ଉତ୍ପାଦ ଇତ୍ୟାଦି ମଧ୍ୟରେ ସୀମିତ ନୁହେଁ।

ନୂତନ ପାଣ୍ଠି ଅଫର ଉପରେ ସୂଚନା ଦେଇ ଏଲ୍‌ଆଇସି ମ୍ୟୁଚୁଆଲ ଫଣ୍ଡର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆର.କେ ଝା କହିଲେ, ଭାରତର ସଶକ୍ତ ଜିଡିପି ଅଭିବୃଦ୍ଧି, ଦ୍ରୁତ ସହରୀକରଣ, ବଢୁଥିବା ମଧ୍ୟରେ ବୃଦ୍ଧି ପାଉଥିବା ଜନସଂଖ୍ୟା, ସରକାରଙ୍କ ରପ୍ତାନି ପ୍ରୋତ୍ସାହନ ଏବଂ ଉତ୍ପାଦନ ଭଳି ନୀତିଗତ ପଦକ୍ଷେପ, ଲିଙ୍କଡ ଇନସେଂଟିଭ ସ୍କିମ ଏବଂ ମେକ ଇନ ଇଣ୍ଡିଆ ଉତ୍ପାଦିତ ଦ୍ରବ୍ୟର ଚାହିଦା ସୃଷ୍ଟି କରୁଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ